• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-40 •MONDAY •3 AUGUST 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୪ •ସଂଖ୍ୟା-୪୦ •ସୋମବାର •୩ ଅଗଷ୍ଟ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦




ତନ୍‌ଭୀଙ୍କୁ ଟାଇଟଲ୍

▶ପୃଷ୍ଠା ୧୨ ଦେଖନ୍ତୁ...

## ଗୁଡ୍‌ବାଏ ଗ୍ଲାସ୍‌ଗୋ, ୱେଲ୍‌କମ୍ ଅହମଦାବାଦ୍



**୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପିତ**

■ ଗ୍ଲାସ୍‌ଗୋ, ୨।୮ (ଏଜେନ୍ସି): ଉତ୍ସାହ, ଉନ୍ମାଦନା, ରେକର୍ଡ ଓ ଅନନ୍ୟ ପ୍ରଦର୍ଶନ ମଧ୍ୟରେ ସ୍କଟଲାଣ୍ଡ ରାଜଧାନୀ ଗ୍ଲାସ୍‌ଗୋ ସହରରେ ଗତ ଦୁଇ ସପ୍ତାହ ଧରି ଚାଲିଥିବା ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସମାରୋହରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପାରମ୍ପରିକ କ୍ରୀଡ଼ା ଶକ୍ତି ରୂପେ ପରିଚିତ ଅଷ୍ଟ୍ରେଲିଆ ୬୫ସ୍ୱର୍ଣ୍ଣ, ୪୧ ରୌପ୍ୟ ଓ ୫୨ଟି କାଂସ୍ୟ ସହ ୧୫୮ଟି ପଦକ ଜିତି ପ୍ରଥମ ସ୍ଥାନ ବଜାୟ ରଖିଛି। ଇଂଲଣ୍ଡ ୨୬ ସ୍ୱର୍ଣ୍ଣ ସହ ୧୦୨ଟି ପଦକ ଜିତି ପଦକ ତାଲିକାରେ ଦ୍ୱିତୀୟ, କାନାଡା ୧୮ ସ୍ୱର୍ଣ୍ଣ ସହ ୫୯ଟି ପଦକ ଜିତି ତୃତୀୟ ସ୍ଥାନରେ ରହିଛି। ଭାରତ ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଓ ୯ଟି ▶ପୃଷ୍ଠା-୭

## ଇରାନ ଅନୁରୋଧରେ ଆକ୍ରମଣ ସ୍ଥଗିତ ରଖିଲି: ଟ୍ରମ୍ପ



■ ୱାସିଂଟନ୍,୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ହେବାକୁ ଥିବା ପଚଣ୍ଡ ଆକ୍ରମଣକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି। ଇରାନ ଏବଂ ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ଦେଶଗୁଡ଼ିକର ଅନୁରୋଧ କ୍ରମେ ଶାନ୍ତି ଆଲୋଚନା ଓ ଚୁକ୍ତିର ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ୍'ରେ ରାଷ୍ଟ୍ରପତି ଟ୍ରମ୍ପ ପ୍ରକାଶ କରିଛନ୍ତି ଯେ ଇରାନ ଓ ଅନ୍ୟ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକ ଶାନ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହି ନୂତନ ସାମ୍ଭାବ୍ୟ ଚୁକ୍ତିର ମୁଖ୍ୟ ସର୍ତ୍ତଗୁଡ଼ିକ ମଧ୍ୟରେ ଅନ୍ତର୍ଜାତୀୟ ତୈଳ ବାଣିଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ତୁରନ୍ତ ଓ ସମ୍ପୂର୍ଣ୍ଣ ଭାବେ ଖୋଲିବା ଏବଂ ଇରାନର ପରମାଣୁ ଆଶଙ୍କାର ସମାପ୍ତି। ଟ୍ରମ୍ପ କହିଛନ୍ତି ଯେ ବିଶ୍ୱର ଭବିଷ୍ୟତ ମଙ୍ଗଳ ଏବଂ ଇରାନର ସମୃଦ୍ଧି ପାଇଁ ସେ ଆକ୍ରମଣ ରୋକିବାକୁ ସମ୍ମତି ଜଣାଇଛନ୍ତି। ଏହି ଚୁକ୍ତି ପ୍ରକ୍ରିୟାରେ ଇସ୍ରାଏଲ ମଧ୍ୟ ସାମିଲ ଅଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ଟ୍ରମ୍ପ ଏହାସହିତ ଚେତାବନୀ ଦେଇଛନ୍ତି ଯେ ଆମେରିକାର ସେନା ପ୍ରସ୍ତୁତ ଅଛି ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଦେଖାଯାଇ ନଥିବା ଭଳି ଶକ୍ତିଶାଳୀ ଆକ୍ରମଣ କରିବାକୁ କ୍ଷମତା ରଖିଛି। ▶ପୃଷ୍ଠା-୭

# ବନ୍ୟା ଘା'ରେ ବାଜୁନି ମଲମ

## ରିଲିଫ୍‌କୁ ନେଇ ବିପନ୍ନଙ୍କ ଅସନ୍ତୋଷ

**ବାଲେଶ୍ୱର, ଭଦ୍ରକ, ଯାଜପୁର ଅଧିକ ପ୍ରଭାବିତ**

■ ଭୁବନେଶ୍ୱର, ୨।୮ (ସମିସ): ରାଜ୍ୟରେ ଲଗାଣ ବର୍ଷାର ପ୍ରକୋପ ଧୀରେ ଧୀରେ କମୁଥିବା ବେଳେ ବନ୍ୟା ପରିସ୍ଥିତିରେ ମଧ୍ୟ କିଛିଟା ସୁଧାର ଦେଖାଦେଇଛି। ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ବନ୍ୟାବିପନ୍ନଙ୍କ ଚିନ୍ତା ଏଯାବତ୍ ଦୂର ହୋଇନାହିଁ। ସମୁଦ୍ରରେ ଜୁଆରର ପ୍ରଭାବ ଏବଂ ଜଳ ନିଷ୍କାସନରେ ବାଧା ଯୋଗୁ ତଳିଆ ଅଞ୍ଚଳରେ ଏବେ ବି ଜଳବନ୍ଦୀ ସ୍ଥିତି ଜାରି ରହିଛି। ଜଳବନ୍ଦୀରେ ଥିବା ଲୋକଙ୍କ ପାଖରେ ସରକାରୀ ସହାୟତା ପହଞ୍ଚିବାରେ ବିଳମ୍ବ ଓ ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ ନ ମିଳିବାକୁ ନେଇ ବନ୍ୟାବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀ ଓ ସଚିବମାନେ ବନ୍ୟା ସ୍ଥିତି ପରଖିଛନ୍ତି। ତେବେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ନେଇ ବନ୍ୟାପୀଡ଼ିତ ଅଞ୍ଚଳର ଲୋକମାନେ ଅସନ୍ତୁଷ୍ଟ ଥିବାର ଖବରମାନ ହସ୍ତଗତ ହେଉଛି। ଚଳିତ ବନ୍ୟାରେ ରାଜ୍ୟର ୨୩ଟି ଜିଲ୍ଲା ପ୍ରଭାବିତ ହୋଇଛି। ଭଦ୍ରକ, ବାଲେଶ୍ୱର ଓ ଯାଜପୁର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ ପରେ ପୁରୀ, ଖୋର୍ଦ୍ଧା, କଟକ ଓ ଜଗତସିଂହପୁରରେ ମଧ୍ୟ ବନ୍ୟାର ପ୍ରଭାବ ପଡ଼ିଛି। ପ୍ରଶାସନ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜୋରଦାର କରିବାକୁ କହୁଥିବା ବେଳେ ଅନେକ ଅଞ୍ଚଳରୁ ସହାୟତା ନ ପହଞ୍ଚିବାର ଅଭିଯୋଗ ସାମ୍ନାକୁ ଆସୁଛି।

ଆସନ୍ତା ୮ ତାରିଖ ବେଳକୁ ଆଉ ଏକ ଲଘୁଚାପ ଦାନା ବାନ୍ଧିବାର ସମ୍ଭାବନା ଥିବାରୁ ପୁଣି ଥରେ ବନ୍ୟା ଆସିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ସ୍ଥିତିରେ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ▶ପୃଷ୍ଠା-୭

## ଉଜୁଡ଼ିଗଲା ଚାଷୀଙ୍କ ଭାତହାଣ୍ଡି



■ ଯାଜପୁର/କୁଆଖିଆ, ୨।୮ (ସମିସ): ଚଳିତ ବର୍ଷ ଆସିଥିବା ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀକୂଳ। ଚାଷୀ ମାନଙ୍କର ବର୍ଷକର ଫସଲ ନଷ୍ଟ ହେବା ଫଳରେ ଚାଷୀମାନଙ୍କ ଭାତ ହାଣ୍ଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ବର୍ଷକର ଖାଦ୍ୟ ସଂଗ୍ରହ ପାଇଁ ହଜାର ହଜାର ଟଙ୍କାର ମଞ୍ଜି, ସାର, ମଜୁରୀ ଓ ଔଷଧ ଖର୍ଚ୍ଚ କଲେ। କିନ୍ତୁ ଫସଲ ଅମଳ ବେଳକୁ ବନ୍ୟା ଧୋଇନେଇଛି ଚାଷୀର ସ୍ୱପ୍ନକୁ। ସୂଚନା ଅନୁଯାଇ, ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ, ଖରସ୍ରୋତା, ବ୍ରାହ୍ମଣୀ, କେଲୁଅ, ଗେଙ୍ଗୁଟି ନଦୀର ବନ୍ୟାରେ ୮ଟି ବ୍ଲକରେ ବ୍ୟାପ୍ କ୍ଷୟକ୍ଷତି ହୋଇଛି। ତେବେ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀର ଚଳିତ ବନ୍ୟାଜଳରେ ରସୁଲପୁର ବ୍ଲକ ଅଞ୍ଚଳ ଚାଷୀ ▶ପୃଷ୍ଠା-୭

## ସୌର ବିଦ୍ୟୁତ୍ ପ୍ରକଳ୍ପ ବାଟବଣା

# ଓଡ଼ିଶାରେ ଖୋଲୁନି 'କୁସୁମ' ପାଖୁଡ଼ା

■ଭୁବନେଶ୍ୱର, ୨।୮ (ସମିସ): କୃଷକଙ୍କୁ ଶସ୍ତା ମୂଲ୍ୟରେ ସ୍ୱଚ୍ଛ ବିଦ୍ୟୁତ ଯୋଗାଇବା ସହ କୃଷି କ୍ଷେତ୍ରରେ ସୌରଶକ୍ତିର ବ୍ୟବହାର ବଢ଼ାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପିଏମ୍-କୁସୁମ ଯୋଜନା। ମାତ୍ର ବିଡ଼ମ୍ବନା ହେଉଛି ଅନ୍ୟ ରାଜ୍ୟରେ ଏହି ଯୋଜନା ସଫଳ ହୋଇଥିବାବେଳେ ଓଡ଼ିଶାରେ କୃଷି କ୍ଷେତ୍ର ପାଇଁ ସୌର ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ଓ କୃଷି ଫିଡର ସୋଲାରୀକରଣ କ୍ଷେତ୍ରରେ କଚ୍ଛପ ଗତି ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ପାଇଁ ୯୦ ମେଗାୱାଟ୍ ସୌର ବିଦ୍ୟୁତ ପ୍ରକଳ୍ପ ଅନୁମୋଦନ ମିଳିଥିଲେ ମଧ୍ୟ ଚାରି ବର୍ଷରୁ ଅଧିକ ସମୟ ପରେ କେବଳ ୨ ମେଗାୱାଟ୍ କ୍ଷମତାର ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିଛି। ଅର୍ଥାତ୍ ଅନୁମୋଦିତ କ୍ଷମତାର ମାତ୍ର ପ୍ରାୟ ୨ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ବାକି ୮୮ ମେଗାୱାଟ୍ ପ୍ରକଳ୍ପ ଏବେ ବି କାଗଜକଲମରେ ସୀମିତ ରହିଛି। ଏହା ରାଜ୍ୟର ପ୍ରକଳ୍ପ ରୂପାୟଣ କ୍ଷମତା ଓ ପ୍ରଶାସନିକ ଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ସେହିପରି ରାଜ୍ୟକୁ ୫,୨୨୩ଟି ଇଣ୍ଡିଭିଜୁଆଲ୍ ପମ୍ପ ସୋଲାରାଇଜେସନ୍ ପାଇଁ ଅନୁମୋଦନ ମିଳିଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ପମ୍ପ ସୋଲାରାଇଜେସନ୍ କାର୍ଯ୍ୟକ୍ଷମ ହୋଇନାହିଁ। କେବଳ ସୋଲାର ପମ୍ପ କ୍ଷେତ୍ରରେ କିଛି ପରିମାଣରେ ଅଗ୍ରଗତି ଘଟିଛି। ରାଜ୍ୟକୁ ମଞ୍ଜୁର ହୋଇଥିବା ୧୮,୪୪୧ଟି ସୋଲାର ପମ୍ପ ମଧ୍ୟରୁ ୧୫,୭୮୦ଟି ପମ୍ପ ସ୍ଥାପନ ହୋଇପାରିଛି। ତେବେ କେବଳ ପମ୍ପ ବଣ୍ଟନ ଦ୍ୱାରା ପିଏମ୍-କୁସୁମ ଯୋଜନାର ମୂଳ ଉଦ୍ଦେଶ୍ୟ ପୂରଣ ହେବ ନାହିଁ। କୃଷି ଫିଡର ଓ ସୌର ବିଦ୍ୟୁତ ପ୍ରକଳ୍ପ ସଫଳ ନ ହେଲେ କୃଷି କ୍ଷେତ୍ରରେ ଦୀର୍ଘମିଆଦୀ ଶକ୍ତି ସୁରକ୍ଷା ସମ୍ଭବ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



ରାଜସ୍ଥାନ ୧,୨୩୬ ମେଗାୱାଟ୍ ସୌର ବିଦ୍ୟୁତ କ୍ଷମତା ସ୍ଥାପନ କରିବା ସହ ଲକ୍ଷାଧିକ ସୋଲାର ପମ୍ପ ଓ ଫିଡର ସୋଲାରୀକରଣ ସମ୍ପୂର୍ଣ୍ଣ କରିଛି। ମହାରାଷ୍ଟ୍ର ୫.୫୧ ଲକ୍ଷରୁ ଅଧିକ ସୋଲାର ପମ୍ପ ସ୍ଥାପନ କରି ଦେଶରେ ଅଗ୍ରଣୀ ହୋଇଛି। ଗୁଜରାଟ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ମଧ୍ୟ ଯୋଜନାର ଅଧିକାଂଶ ଲକ୍ଷ୍ୟ ହାସଲ କରି କୃଷି କ୍ଷେତ୍ରରେ ସୌରଶକ୍ତି ବ୍ୟବହାରକୁ ବ୍ୟାପକ କରିଛନ୍ତି। ସେହି ତୁଳନାରେ ଓଡ଼ିଶାର ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ବୋଲି କୁହାଯାଉଛି। ଯୋଜନା ରୂପାୟନରେ ନୀତିଗତ ସମନ୍ୱୟ, ଜମି ▶ପୃଷ୍ଠା-୭

## ଓଡ଼ିଶାରେ 'ନିଶାମୁକ୍ତ ଯୁବ-ବିକଶିତ ଭାରତ' ସଂକଳ୍ପ

### ୧ କୋଟିରୁ ଊର୍ଦ୍ଧ୍ୱ ଯୁବକଯୁବତୀ ନେଲେ ନିଶାମୁକ୍ତି ସଂକଳ୍ପ, ସାମିଲ ହେଲେ ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର, ୨।୮ (ସମିସ): 'ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ' ଦ୍ୱାରା ପରିଚାଳିତ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀ ▶ପୃଷ୍ଠା-୭

**ଯୁବପିଢ଼ି ନିଶା ଛାଡ଼ି ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣାନ୍ତୁ: ରାଜ୍ୟପାଳ**

**ଓଡ଼ିଶା ହେବ ସମ୍ପୂର୍ଣ୍ଣ ନିଶାମୁକ୍ତ: ୧୦୦ ସପ୍ତାହର ବ୍ୟାପକ 'ଜନ-ଆନ୍ଦୋଳନ': ମୁଖ୍ୟମନ୍ତ୍ରୀ**



## ୮ରୁ ପୁଣି ବଢ଼ିବ ବର୍ଷା

**୬ ବେଳକୁ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ**

■ ଭୁବନେଶ୍ୱର, ୨।୮ (ସମିସ): ଆସନ୍ତା ୬ କିମ୍ବା ୭ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହା ପ୍ରଭାବରେ ରାଜ୍ୟରି କିଛି କିଛି ସ୍ଥାନରେ ବର୍ଷା ବଢ଼ିବ। ଏହି ସ୍ଥିତି ସୁହାଇଲେ ଅଗଷ୍ଟ ୮ ତାରିଖ ବେଳକୁ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଯଦି ଲଘୁଚାପ ସୃଷ୍ଟି ହୁଏ ତେବେ ୧୦-୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ସହ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଦୁର୍ବଳ ହେବା ସହ ଓଡ଼ିଶାଠାରୁ ଦୂରକୁ ଯାଇସାରିଥିବାରୁ ରାଜ୍ୟରେ ବର୍ଷାର ପ୍ରଭାବ କମିଛି। ଏହାସହିତ ଏବେ ଆକାଶ ନିର୍ମଳ ରହୁଥିବା ▶ପୃଷ୍ଠା-୭

### ଦାନ ପରେ ବି ନାହିଁ ରସିଦ୍

## ଶ୍ରୀମନ୍ଦିର ଡିଜିଟାଲ ହୁଣ୍ଡିର ବିଶ୍ୱସନୀୟତା ଉପରେ ପ୍ରଶ୍ନ

■ ପୁରୀ, ୨।୮ (ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଗୋଟିଏ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଶ୍ରୀମନ୍ଦିର ଡିଜିଟାଲ ହୁଣ୍ଡି ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡିଜିଟାଲ ମାଧ୍ୟମରେ ଦାନ କରିଥିବା ଜଣେ ଭକ୍ତଙ୍କୁ ଆଜିପର୍ଯ୍ୟନ୍ତ ପ୍ରାପ୍ତି ରସିଦ୍ ମିଳି ନ ଥିବା ଅଭିଯୋଗ ହୋଇଛି। ଏହା ସହ ଆପ୍‌ଟି ଅସଲି ନା ନକଲି ତାହା ମଧ୍ୟ ସ୍ୱଷ୍ଟ ହୋଇପାରିନାହିଁ। ପୁରୀର ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁଧାଂଶୁ ରଞ୍ଜନ ପ୍ରଧାନ ଗତ ସୁନାବେଶ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ତାଙ୍କ ବାପାଙ୍କ ନାମରେ ଡିଜିଟାଲ ହୁଣ୍ଡି ଆପ୍ ମାଧ୍ୟମରେ ୧୦ ହଜାର ୧ ଟଙ୍କା ଦାନ କରିଥିଲେ। ସେ ଏହି ଟଙ୍କା ଫୋନ୍ ପେ' ମାଧ୍ୟମରେ ପୈଠ କରିଥିଲେ। ତାଙ୍କ ଆକାଉଣ୍ଟରୁ ୧୦ ହଜାର ୧ ଟଙ୍କା କଟିଥିବା ମେସେଜ୍ ମଧ୍ୟ ଆସିଥିଲା। ହେଲେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ଟଙ୍କା ପ୍ରାପ୍ତି ରସିଦ୍ ଦିଆଯାଇନାହିଁ। ତାଙ୍କ ଦାନ ଟଙ୍କା ପ୍ରକୃତରେ ଶ୍ରୀମନ୍ଦିର ଆକାଉଣ୍ଟକୁ ଯାଇଛି କି ନାହିଁ ତାହା ମଧ୍ୟ ସେ ସ୍ୱଷ୍ଟ ହୋଇପାରିନାହାନ୍ତି। ଶ୍ରୀ ପ୍ରଧାନ ଏ ନେଇ ଫେସ୍‌ବୁକ୍‌ରେ ଆଇନ ମନ୍ତ୍ରୀ ଏବଂ ଏକ୍ସ ମାଧ୍ୟମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ।

ମହାପ୍ରଭୁଙ୍କ ହୁଣ୍ଡି ଆୟ ବୃଦ୍ଧି ପାଇଁ ଡିଜିଟାଲ ହୁଣ୍ଡି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲେ ମଧ୍ୟ ଏଥିପାଇଁ କୌଣସି ସ୍ୱଷ୍ଟ ପଲିସି ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ଶ୍ରୀମନ୍ଦିର ନାମରେ ନକଲି ୱେବ୍‌ସାଇଟ୍ ଖୋଲି ଭକ୍ତଙ୍କୁ ଠକେଇ କରାଯାଉଥିବା ଘଟଣା ସାମ୍ନାକୁ ଆସିଥିଲା। ଏଭଳି ସ୍ଥିତିରେ ଡିଜିଟାଲ ହୁଣ୍ଡି ଆପ୍‌ର ସୁରକ୍ଷା, ପ୍ରମାଣୀକରଣ ଓ ତତ୍କ୍ଷଣାତ୍ ରସିଦ୍ ବ୍ୟବସ୍ଥା ନ ଥିବାରୁ ଭକ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ୟୁଥ୍ ହଷ୍ଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ ଡିଜିଟାଲ ହୁଣ୍ଡି ପାଇଁ ୨୨ ସୂତ୍ରୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ତିରୁପତି, ଶିରିଡ଼ି ସାଇ, ବୈଷ୍ଣୋଦେବୀ, ମୀନାକ୍ଷୀ ମନ୍ଦିର ପରି ପ୍ରମୁଖ ତୀର୍ଥସ୍ଥଳୀରେ ପ୍ରତିଦିନ କୋଟି କୋଟି ଟଙ୍କା ଡିଜିଟାଲ ମାଧ୍ୟମରେ ଆଦାୟ ହେଉଛି। ସେଠାରେ ତୁରନ୍ତ ରସିଦ୍ ଓ ସ୍ୱଚ୍ଛତା ▶ପୃଷ୍ଠା-୭




# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## 'ନିଆଁରେ ଘିଅ ଢାଳନି'



### ହ୍ରିତିକ୍ ରୋଶନଙ୍କୁ କଙ୍ଗନାଙ୍କ କଟାକ୍ଷ

ମୁମ୍ବଇ,୨।୮ (ଏଜେନ୍ସି): ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା 'ସରି ହ୍ରିତିକ୍' ଟ୍ରେଣ୍ଡକୁ ନେଇ ବଲିଉଡ୍ ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାଣାୱତ ଏବଂ ଅଭିନେତା ହ୍ରିତିକ ରୋଶନଙ୍କ ମଧ୍ୟରେ ପୁଣି ଥରେ ବାକ୍ୟୁଦ୍ଧ ଆରମ୍ଭ ହୋଇଛି। କଙ୍ଗନା ହ୍ରିତିକ୍‌ଙ୍କୁ 'ନିଆଁରେ ଘିଅ ଢାଳିବା ବନ୍ଦ କରନ୍ତୁ' ବୋଲି କହିବା ସହ ତାଙ୍କ ସହଭାଗିନୀଙ୍କୁ ଅସୁବିଧାରେ ନ ପକାଇବାକୁ ପରାମର୍ଶ ଦେଇଛନ୍ତି। ଏହାର ପୂର୍ବରୁ ହ୍ରିତିକ୍ ରୋଶନ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା 'ୱି ନିଡ୍ ଟୁ ଆପୋଲୋଜାଇଜ୍ ହ୍ରିତିକ' ଟ୍ରେଣ୍ଡ ଉପରେ ପ୍ରତିକ୍ରିୟା ଦେଇ କହିଥିଲେ ଯେ, କେବଳ ସୋସିଆଲ୍ ମିଡିଆର କାହାଣୀ ଦେଖି କୌଣସି ପକ୍ଷ ନେବା ଉଚିତ୍ ନୁହେଁ। ସମସ୍ତ ତଥ୍ୟ ଓ ସଠିକ୍ ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ହିଁ ସେ ମତ ରଖିବେ। ହ୍ରିତିକ୍‌ଙ୍କ ଏହି ମନ୍ତବ୍ୟ ପରେ କଙ୍ଗନା ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଖୁସି ଯେ ହ୍ରିତିକ୍ ତାଙ୍କ ଗାର୍ଲଫ୍ରେଣ୍ଡ ସାବା ଆଜାଦଙ୍କ ସହ ସୁଖୀ ଜୀବନ ବିତାଉଛନ୍ତି। କିନ୍ତୁ ତାଙ୍କ ନାମରେ ତାଙ୍କୁ ଟ୍ରୋଲ୍ ଓ ହଇରାଣ କରୁଥିବା ଲୋକଙ୍କୁ ନିନ୍ଦା କରିବା ପରିବର୍ତ୍ତେ ଏଭଳି ମନ୍ତବ୍ୟ ଦେଇ ସେ ବିବାଦକୁ ଆହୁରି ବଢ଼ାଉଛନ୍ତି। ଏହି ନୂଆ ବିବାଦର ସୂତ୍ରପାତ କଙ୍ଗନାଙ୍କ ଛାତ୍ର ଆନ୍ଦୋଳନ ସମ୍ପର୍କିତ ମନ୍ତବ୍ୟରୁ ହୋଇଥିଲା। ଏହା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ମୁଖପାତ୍ର ସୌରଭ ଦାସ କହିଥିଲେ ଯେ ତାଙ୍କ ସାଙ୍ଗମାନେ ମଜାରେ କହୁଛନ୍ତି, ସେ ଯୁବକ ହ୍ରିତିକ୍ ରୋଶନଙ୍କ ପରି ଦେଖାଯାଉଥିବାରୁ କଙ୍ଗନା ତାଙ୍କୁ ଟାର୍ଗେଟ୍ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ହ୍ରିତିକ୍ ଓ କଙ୍ଗନାଙ୍କ ମଧ୍ୟରେ ବିବାଦ ୨୦୧୬ ମସିହାରୁ ଚାଲିଆସୁଛି। ସେତେବେଳେ କଙ୍ଗନା ଏକ ସାକ୍ଷାତକାରରେ ହ୍ରିତିକ୍‌ଙ୍କୁ ତାଙ୍କ 'ସିଲି ଏକ୍ସ' ବୋଲି କହିଥିଲେ। ପରେ ଉଭୟଙ୍କ ମଧ୍ୟରେ ଆଇନଗତ ନୋଟିସ, ଇ-ମେଲ୍ ଓ ପରସ୍ପର ବିରୋଧୀ ଅଭିଯୋଗକୁ ନେଇ ଦୀର୍ଘ ସମୟ ଧରି ବିବାଦ ଚାଲିଥିଲା। ବର୍ତ୍ତମାନର ଏହି ନୂଆ ସୋସିଆଲ୍ ମିଡିଆ ବାକ୍ୟୁଦ୍ଧ ସେହି ପୁରୁଣା ବିବାଦକୁ ପୁଣିଥରେ ଚର୍ଚ୍ଚାକୁ ଆଣିଛି।

## ବିସ୍ଫୋରଣରେ ଥରିଲା ପାକିସ୍ତାନ; ୧୪ ମୃତ



### ଶାନ୍ତି ଶୋଭାଯାତ୍ରାରେ ଆତ୍ମଘାତୀ ଆକ୍ରମଣ
### ସନ୍ଦେହ ଘେରରେ ଟିଟିପି ଆତଙ୍କବାଦୀ

ଖାଇବର ପାଖ୍‌ତୁନଖ୍ୱା,୨।୮ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ପ୍ରଦେଶ ଖାଇବର ପାଖ୍‌ତୁନଖ୍ୱାର ସ୍ୱାତ ଜିଲ୍ଲାରେ ରବିବାର ଭୟଙ୍କର ଆତ୍ମଘାତୀ ବିସ୍ଫୋରଣରେ ୧୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। କାବଲ ପୁଲିସ ଷ୍ଟେସନ ନିକଟରେ ଶାନ୍ତି ଶୋଭାଯାତ୍ରା ଚାଲିଥିବା ସମୟରେ ଏହି ବିସ୍ଫୋରଣ ଘଟିଥିଲା। ଜିଲ୍ଲା ପୁଲିସ ମୁଖ୍ୟ ଓମାର ଖାନଙ୍କ ସୂଚନା ଅନୁସାରେ, ମୃତକଙ୍କ ମଧ୍ୟରେ ୫ ଜଣ ପୁଲିସ କର୍ମଚାରୀ ଏବଂ ୪ ଜଣ ସାଧାରଣ ନାଗରିକ ଏବଂ ଜଣେ ଶିଶୁ ରହିଛନ୍ତି। ସ୍ୱାତ ଅମାନ ଜିରଗା ନାମକ ଏକ ସ୍ଥାନୀୟ ଆଦିବାସୀ ପରିଷଦ ପକ୍ଷରୁ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅଞ୍ଚଳରେ ବଢୁଥିବା ସନ୍ତ୍ରାସବାଦ ଆକ୍ରମଣକୁ ବିରୋଧ କରିବା ଏବଂ ଶାନ୍ତି ପ୍ରତିଷ୍ଠା ଦାବି କରି ଶତାଧିକ ଲୋକ ଏହି ରାଲିରେ ସାମିଲ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ କାବଲ ପୁଲିସ ଷ୍ଟେସନ ଏବଂ ପୁଲିସ ଲାଇନ୍ସ ପରିସରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ମାତ୍ର ମୁଖ୍ୟ ଫାଟକ ନିକଟରେ ସତର୍କ ପୁଲିସ କର୍ମଚାରୀମାନେ ତାଙ୍କୁ ଅଟକାଇବାରୁ ସେ ନିଜକୁ ବିସ୍ଫୋରଣ କରି ଉଡ଼ାଇ ଦେଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ବିସ୍ଫୋରଣ ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା ଏବଂ କଳା ଧୂଆଁରେ ସମଗ୍ର ପରିବେଶ ଭରିଯାଇଥିଲା। ଏହା ପରେ ତୁରନ୍ତ ପୁଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓରେ ଘଟଣାସ୍ଥଳରେ ନଷ୍ଟ ହୋଇଯାଇଥିବା ଗାଡି ଏବଂ ରାସ୍ତାରେ ବିଛାଡି ହୋଇ ପଡିଥିବା ଭଗ୍ନାବଶେଷ ଦେଖିବାକୁ ମିଳିଛି। ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନାକଭି ଏହି ଆତ୍ମଘାତୀ ଆକ୍ରମଣକୁ ନିନ୍ଦା କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ସନ୍ତ୍ରାସବାଦୀ ସଙ୍ଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାଁନ୍ତି। ତେବେ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଉପରେ ସନ୍ଦେହ ଜାତ ହୋଇଛି। ଖାଇବର ପାଖ୍‌ତୁନଖ୍ୱା ମୁଖ୍ୟମନ୍ତ୍ରୀ ମହମ୍ମଦ ସୁହେଲ ଆଫ୍ରିଦି ଏବଂ ରାଜ୍ୟପାଳ ଫୈସଲ କରିମ କୁଣ୍ଡି ମଧ୍ୟ ଏହି ଆକ୍ରମଣର ନିନ୍ଦା କରିଛନ୍ତି। ସୁରକ୍ଷା ବଳ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରି ଘଟଣାର ଫୋରେନସିକ ତଦନ୍ତ ଆରମ୍ଭ କରିଛନ୍ତି।

## ଜାହାଜରେ ଅଗ୍ନିକାଣ୍ଡ; ୫ ମୃତ, ୪୧ ନିଖୋଜ

ଜାକର୍ତ୍ତା,୨।୮ (ଏଜେନ୍ସି): ଇଣ୍ଡୋନେସିଆର ମାଦୁରା ଦ୍ୱୀପ ନିକଟରେ ରବିବାର ସକାଳେ ପ୍ରାୟ ୨୫୦ ଜଣ ଯାତ୍ରୀ ଓ କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ଜାହାଜରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୧ ଜଣ ନିଖୋଜ ଅଛନ୍ତି। 'କେଏମ୍‌ପି ମୁତିଆରା ସେନ୍ତୋସା ୨' ନାମକ ଏହି ଜାହାଜଟି ସୁରାବାୟାର



ତାଞ୍ଜୁଙ୍ଗ ପେରାକ ବନ୍ଦରରୁ ମାକାସାର ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଯାତ୍ରା ଆରମ୍ଭର କିଛି ଘଣ୍ଟା ପରେ ଜାହାଜରେ ନିଆଁ ଲାଗିଥିବା ନେଇ କ୍ୟାପଟେନ୍ ସୂଚନା ଦେଇଥିଲେ ଏବଂ ଏହାର କିଛି ସମୟ ପରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ସୁରାବାୟା ଉଦ୍ଧାରକାରୀ ଦଳ ଅନୁଯାୟୀ, ଜାହାଜଟି ସମ୍ପୂର୍ଣ୍ଣ ନିଆଁରେ ଜଳି ଯାଇଛି। ସାପୁଡି ଦ୍ୱୀପଠାରୁ ପ୍ରାୟ ୧୯ ନୌଟିକାଲ୍ ମାଇଲ୍ ଉତ୍ତରରେ ଜାହାଜଟି ସମ୍ପୂର୍ଣ୍ଣ ଅଗ୍ନିବଳୟ ମଧ୍ୟରେ ଛନ୍ଦି ହୋଇପଡ଼ିଥିଲା। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭିଡିଓରେ ଜାହାଜର ଉପରି ଭାଗରୁ କଳା ଧୂଆଁର ଆସ୍ତରଣ ଏବଂ ନିଆଁର ଶିଖା ବ୍ୟାପୁଥିବା ଦେଖିବାକୁ ମିଳିଛି। ଜୀବନ ବଞ୍ଚାଇବା ପାଇଁ ଅନେକ ଯାତ୍ରୀ ଲାଇଫ୍ ଜାକେଟ୍ ପିନ୍ଧି ସମୁଦ୍ର ଜଳକୁ ଡେଇଁପଡ଼ିଥିଲେ। ଉଦ୍ଧାରକାରୀ ଜାହାଜ ସହିତ ସ୍ଥାନୀୟ ବୋଟ୍‌ଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ ଅଛନ୍ତି। ସମୁଦ୍ର ମଧ୍ୟରେ ନିଖୋଜ ୪୧ ଜଣ ଯାତ୍ରୀଙ୍କୁ ଖୋଜାଖୋଜି କରିବା ପାଇଁ ଉଦ୍ଧାରକାରୀ ଦଳ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି।


## ଆମେରିକାରେ ଗୁଳିକାଣ୍ଡ; ଆକ୍ରମଣକାରୀ ସହ ୩ ମୃତ

ୱାସିଂଟନ,୨।୮ (ଏଜେନ୍ସି): ଆମେରିକାର ଆଇଡାହୋ ରାଜ୍ୟସ୍ଥିତ ଟ୍ୱିନ୍ ଫଲ୍ସର ଏକ ଜନଗହଳିପୂର୍ଣ୍ଣ ବାଣିଜ୍ୟିକ କେନ୍ଦ୍ରରେ ଗୁଳିକାଣ୍ଡ ଘଟି ଆକ୍ରମଣକାରୀ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଶନିବାର ଏକ ପ୍ରସିଦ୍ଧ ଭୋଜନାଳୟ ନିକଟରେ ଜଣେ ବ୍ୟକ୍ତି ବାନ୍ଧୁକ ଦେଖାଇ ଆଖବୁଜା ଗୁଳିଚାଳନା କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆକ୍ରମଣକାରୀକୁ ଗୁଳି କରି ନିହତ କରିଛି। ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ, ବର୍ତ୍ତମାନ ସାଧାରଣ ଜନତାଙ୍କ ପାଇଁ ଆଉ କୌଣସି ବିପଦ ନାହିଁ। ଆକ୍ରମଣକାରୀର ପରିଚୟ ଏବଂ ଗୁଳିକାଣ୍ଡ ପଛର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ସୁରକ୍ଷା ଦୃଷ୍ଟିରୁ ଘଟଣାସ୍ଥଳ ନିକଟସ୍ଥ ରାସ୍ତାଗୁଡ଼ିକୁ କିଛି ସମୟ ପାଇଁ ସିଲ୍ କରାଯାଇଥିଲା। ଆମେରିକାରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଏହିପରି ଗୁଳିକାଣ୍ଡ ଘଟଣା ସାଧାରଣ ନାଗରିକଙ୍କ ସୁରକ୍ଷା ପ୍ରତି ପୁଣି ଥରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପେରୁରେ ବିମାନ ଦୁର୍ଘଟଣା; ୧୩ ବିଦେଶୀ ପର୍ଯ୍ୟଟକ ମୃତ

ଲିମା,୨।୮ (ଏଜେନ୍ସି): ପେରୁର ପ୍ରସିଦ୍ଧ ନାଜ୍‌କା ଲାଇନ୍ସ ଐତିହାସିକ ସ୍ଥଳ ଉପରେ ପର୍ଯ୍ୟଟକଙ୍କୁ ନେଇ ବୁଲୁଥିବା ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ୧୩ ନାଗରିକଙ୍କର ମୃତ୍ୟୁ ଘଟିଛି। ନାଜ୍‌କା ପୌରପାଳିକା ଅନୁଯାୟୀ, ଶନିବାର ପେରୁର ନାଜ୍‌କା ସହର ନିକଟସ୍ଥ ଏକ ପଡ଼ିଆରେ ବିମାନଟି ଖସିପଡ଼ିଥିଲା। ପେରୁର 'ଏରୋଡିଆନା' ବିମାନ ସଂସ୍ଥାର ଏହି ସେସ୍‌ନା ଗ୍ରାଣ୍ଡ କାରାଭାନ ବିମାନଟି ଇକା ସହରରୁ ବାହାରିଥିଲା। ବିମାନରେ ୧୧ ଜଣ ବିଦେଶୀ ପର୍ଯ୍ୟଟକ ଏବଂ ୨ ଜଣ ବିମାନ କର୍ମଚାରୀ ଥିଲେ। ମୃତକ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ୨ ଜଣ ଜର୍ମାନୀ, ୨ ଜଣ ସ୍ପେନ୍ ଏବଂ ୭ ଜଣ ଇଟାଲୀର ନାଗରିକ ଥିବା ପେରୁ ବାଣିଜ୍ୟ ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଦୁର୍ଘଟଣାର ମୂଳ କାରଣ ଜାଣିବା ପାଇଁ ପେରୁ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

## ମସ୍କୋରେ ମହିଳା ଆତ୍ମଘାତୀ ବିସ୍ଫୋରଣ



**୩ ମୃତ, ୨୧ ଆହତ**

ମସ୍କୋ,୨।୮ (ଏଜେନ୍ସି): ରୁଷର ରାଜଧାନୀ ମସ୍କୋ ସ୍ଥିତ ଏକ ଜନଗହଳିପୂର୍ଣ୍ଣ ରେସ୍ତୋରାଁରେ ଶନିବାର ଏକ ବୋମା ବିସ୍ଫୋରଣ ଘଟି ୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ତତଃ ୨୧ ଜଣ ଗୁରୁତର ଆହତ ହୋଇଛନ୍ତି। ରୁଷର ଜାତୀୟ ଆତଙ୍କବାଦ ବିରୋଧୀ କମିଟି ଅନୁଯାୟୀ, ମସ୍କୋର କୁଡ୍ରିନ୍ସକାୟା ସ୍କୋୟାରରେ ଥିବା ଏକ ରେସ୍ତୋରାଁରେ ଜଣେ ଅଜଣା ମହିଳା ବିସ୍ଫୋରକ ନେଇ ପଶିବାକୁ ଚେଷ୍ଟା କରୁଥିଲେ। ସୁରକ୍ଷା କର୍ମୀ ଜଣକ ତାଙ୍କୁ ଭିତରକୁ ଯିବାକୁ ବାରଣ କରିବା ସମୟରେ ବୋମାଟି ବିସ୍ଫୋରିତ ହୋଇଥିଲା। ଏହି ଆକ୍ରମଣରେ ବୋମା ବହନକାରୀ ମହିଳା, ସୁରକ୍ଷା କର୍ମୀ ଏବଂ ଜଣେ ଗ୍ରାହକଙ୍କର ମୃତ୍ୟୁ ଘଟିଛି। ମସ୍କୋ ତଦନ୍ତକାରୀ କମିଟି ପକ୍ଷରୁ ଏହି ଘଟଣାର ସନ୍ତ୍ରାସବାଦୀ କୋଣରୁ ଅଧିକ ତଦନ୍ତ ଜାରି ରହିଛି। ସୁରକ୍ଷା କର୍ମୀଙ୍କ ତତ୍କାଳ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏକ ବଡ଼ ଦୁର୍ଘଟଣା ଏଡ଼ାଯାଇ ପାରିଥିଲେ ହେଁ, ରାଜଧାନୀ ମସ୍କୋରେ ଏହି ବିସ୍ଫୋରଣ ନିରାପତ୍ତା ବ୍ୟବସ୍ଥା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ୟୁକ୍ରେନରେ ୩୫ କ୍ଷେପଣାସ୍ତ୍ର, ୧୮୫ ଡ୍ରୋନ୍ ଆକ୍ରମଣ



କିଭ୍,୨।୮ (ଏଜେନ୍ସି): ରୁଷ ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଉପରେ ଏପର୍ଯ୍ୟନ୍ତର ଅନ୍ୟତମ ବୃହତ୍ତମ ମିସାଇଲ ଓ ଡ୍ରୋନ ଆକ୍ରମଣ କରାଯାଇଛି। ଏଥିରେ ଅନ୍ତତଃ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଆହତ ହୋଇଛନ୍ତି। ରୁଷିଆ ଗୋଟିଏ ରାତିରେ ୩୫ଟି ମିସାଇଲ୍ (ଏଥିରେ ୨୭ଟି ବାଲିଷ୍ଟିକ୍ ମିସାଇଲ୍ ଅନ୍ତର୍ଭୁକ୍ତ) ଏବଂ ୧୮୫ଟି ଡ୍ରୋନ୍ ମାଡ଼ କରିଥିଲା। ତେବେ ୟୁକ୍ରେନ ବାୟୁସେନା ମାତ୍ର ୧ଟି ବାଲିଷ୍ଟିକ୍ ମିସାଇଲ୍‌କୁ ସଫଳତାର ସହ ନଷ୍ଟ କରିବାକୁ ସକ୍ଷମ ହୋଇଥିଲା। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି ଯେ, ଆମେରିକା ଦ୍ୱାରା ଯୋଗାଇ ଦିଆଯାଇଥିବା 'ପାଟ୍ରିଅଟ୍' ଏୟାର ଡିଫେନ୍ସ ସିଷ୍ଟମର ଇଣ୍ଟରସେପ୍ଟର ମିସାଇଲ୍ ସମ୍ପୂର୍ଣ୍ଣ ସରିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତିରକ୍ଷା ମିସାଇଲ୍‌ର ଅଭାବ ଯୋଗୁଁ ଆକ୍ରମଣକୁ ରୋକାଯାଇ ପାରିନଥିଲା, ଯାହା ଫଳରେ କିଭ୍‌ର ଆବାସିକ ଅଞ୍ଚଳଗୁଡ଼ିକ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି।

## ୨୪ ଘଣ୍ଟିଆ ସୁରକ୍ଷା ପାଇଁ ୭.୫ କୋଟିର ଟେଣ୍ଡର




ନୂଆଦିଲ୍ଲୀ,୨।୮ (ଏଜେନ୍ସି): ମେଡିକାଲ ପ୍ରବେଶିକା ପରୀକ୍ଷା ସମ୍ବନ୍ଧୀୟ ପ୍ରଶ୍ନପତ୍ର ପ୍ରକାଶ ମାମଲାରେ ସଂସ୍କାର ଆଣିବା ପାଇଁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସ୍ୱତନ୍ତ୍ର ଟେଣ୍ଡର ଆହ୍ୱାନ କରାଯାଇଛି। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସୁରକ୍ଷିତ ଓ ସ୍ୱଚ୍ଛ କରିବା ଲକ୍ଷ୍ୟରେ ପ୍ରାୟ ୭.୫ କୋଟି ଟଙ୍କାର ଏହି ଟେଣ୍ଡର ବ୍ୟବସ୍ଥା ହୋଇଛି। ଏହି ଅର୍ଥ ମାଧ୍ୟମରେ ପ୍ରଶ୍ନପତ୍ର, କାର୍ଯ୍ୟାଳୟ, ସର୍ଭର ରୁମ୍ ଏବଂ ଷ୍ଟ୍ରଙ୍ଗ ରୁମଗୁଡ଼ିକର ୨୪ ଘଣ୍ଟିଆ କଡ଼ା ସୁରକ୍ଷା ପାଇଁ ଏକ ବୃତ୍ତିଗତ ସଂସ୍ଥା ନିୟୋଜିତ କରାଯିବ। ଜୁଲାଇ ୨୫ରେ ପ୍ରକାଶିତ ଏହି ଟେଣ୍ଡର ପ୍ରକ୍ରିୟା ଅନୁଯାୟୀ, ମନୋନୀତ ସୁରକ୍ଷା ସଂସ୍ଥା ଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମେତ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ସମସ୍ତ ସଂବେଦନଶୀଳ କେନ୍ଦ୍ରଗୁଡ଼ିକର ସୁରକ୍ଷା ଦାୟିତ୍ୱ ବହନ କରିବ। ଏହି କଣ୍ଟ୍ରାକ୍ଟ ପ୍ରାରମ୍ଭିକ ଭାବେ ୨ ବର୍ଷ ପାଇଁ ରହିବ, ଯାହାକୁ କାର୍ଯ୍ୟଦକ୍ଷତା ଆଧାରରେ ଆଉ ୨ ବର୍ଷ ବୃଦ୍ଧି କରାଯାଇପାରିବ। ସୁରକ୍ଷା ସହିତ ପରୀକ୍ଷା ଉପଯୋଗୀ ଗୋପନୀୟ ମୁଦ୍ରଣ ଏବଂ ସଫେଇ କାର୍ଯ୍ୟ ପାଇଁ ମଧ୍ୟ ସରକାରୀ ଗଭର୍ଣ୍ଣମେଣ୍ଟ ଇ-ମାର୍କେଟପ୍ଲେସ୍ ମାଧ୍ୟମରେ ପୃଥକ ଟେଣ୍ଡର ଜାରି କରାଯାଇଛି। ଏଥର କମ୍ ଖର୍ଚ୍ଚ ସହିତ ନିୟମ ଓ ଗୁଣବତ୍ତାକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ସୁରକ୍ଷା ସଂସ୍ଥାର ବୈଷୟିକ ଦକ୍ଷତାକୁ ୭୦% ଏବଂ ଆର୍ଥିକ ପ୍ରସ୍ତାବକୁ ୩୦% ଭାଗ ଗୁରୁତ୍ୱ ଦିଆଯିବ। ଆବେଦନକାରୀ ସଂସ୍ଥାର ଅନ୍ତତଃ ୫ ବର୍ଷର ଅଭିଜ୍ଞତା ଏବଂ ବାର୍ଷିକ ୧୦ କୋଟି ଟଙ୍କାର କାରବାର ଥିବା ବାଧ୍ୟତାମୂଳକ। ସୁରକ୍ଷା ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଯେପରିକି ଜିପିଏସ୍ ଆଧାରିତ ପାଟ୍ରୋଲିଂ, ବାୟୋମେଟ୍ରିକ ଉପସ୍ଥାନ, ଧାତୁ ଚିହ୍ନଟକାରୀ ଯନ୍ତ୍ର ଏବଂ ଡିଜିଟାଲ୍ ତଦାରଖ ବ୍ୟବସ୍ଥା ବ୍ୟବହାର କରାଯିବ। ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନେ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟର ଗୋପନୀୟତା ରକ୍ଷା କରିବାକୁ ବାଧ୍ୟ ରହିବେ। ପୂର୍ବରୁ ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଓ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ ପରେ, ଏହି ନୂତନ ସୁରକ୍ଷା ସଂସ୍କାର ଏଜେନ୍ସିର ଗ୍ରହଣଯୋଗ୍ୟତା ଫେରାଇ ଆଣିବାରେ ସହାୟକ ହେବ।

## ସାମ୍ବାଦିକ ସମ୍ମିଳନୀରେ ପପ୍ପୁ ଯାଦବଙ୍କୁ ଆକ୍ରମଣ ଉଦ୍ୟମ



ନୂଆଦିଲ୍ଲୀ,୨।୮ (ଏଜେନ୍ସି): ବିହାରର ସାଂସଦ ପପ୍ପୁ ଯାଦବଙ୍କୁ ଆଜି ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଚାଲିଥିବା ସମୟରେ ଆକ୍ରମଣ କରାଯାଇଛି। ଜଣେ ବ୍ୟକ୍ତି ସାଂସଦଙ୍କ ଉପରକୁ ଜୋତା ଫିଙ୍ଗିବା ସହ ତାଙ୍କୁ ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ଅଭିଯୁକ୍ତ ଜଣକ ତାଙ୍କ ଉପରକୁ ଜୋତା ଫିଙ୍ଗିଥିଲେ। ଏହାପରେ ସାଂସଦଙ୍କ ସମର୍ଥକମାନେ ଉକ୍ତ ବ୍ୟକ୍ତିଙ୍କୁ କାବୁ କରିବା ସହ ନିସ୍ଥୁକ ମାଡ଼ ମାରିଥିଲେ। ଅଭିଯୁକ୍ତ ଜଣକ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆସିଥିଲେ ଏବଂ ତାଙ୍କ ପାଖରେ ଏକ ଛୁରି ମଧ୍ୟ ଥିଲା ବୋଲି ପପ୍ପୁ ଯାଦବ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ସମର୍ଥକଙ୍କ ଦ୍ୱାରା ଦିଆଯାଇଥିବା ଏକ ଛୁରିକୁ ଜବତ କରିଛି। ଅଭିଯୁକ୍ତଙ୍କ ନାମ ସୁମିତ ଏବଂ ସେ ଉତ୍ତର ପ୍ରଦେଶର ବୁଲନ୍ଦସହରର ବାସିନ୍ଦା ବୋଲି ଚିହ୍ନଟ ହୋଇଛି। ସଂସଦ ପରିସରରେ ରାମ ମନ୍ଦିର ଚାନ୍ଦା ଚୋରି ବିରୋଧରେ ପପ୍ପୁ ଯାଦବ ଜଣେ ସାଧୁଙ୍କ ବେଶରେ ପ୍ରତୀକାତ୍ମକ ପ୍ରତିବାଦ କରିଥିଲେ। ଏହି ଘଟଣା ଦ୍ୱାରା ସାଧୁସନ୍ଥ ଏବଂ ସନାତନ ଧର୍ମକୁ ଅପମାନିତ କରାଯାଇଥିବା ଦର୍ଶାଇ ଅଭିଯୁକ୍ତ ଏହି ଆକ୍ରମଣ କରିଥିବା ପୁଲିସ ନିକଟରେ ସ୍ୱୀକାର କରିଛି।

## ପରିବାରର ୩ ଜଣଙ୍କ ଆତ୍ମହତ୍ୟା

ପୁଣେ,୨।୮ (ଏଜେନ୍ସି): ମହାରାଷ୍ଟ୍ରର ପୁଣେସ୍ଥିତ ପିମ୍ପରୀ ଅଞ୍ଚଳରେ ଆର୍ଥିକ ଅନଟନ ଏବଂ ଋଣବୋଝ ସହି ନ ପାରି ଗୋଟିଏ ପରିବାରର ୩ ଜଣ ସଦସ୍ୟ ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରି ଆତ୍ମହତ୍ୟା କରିଛନ୍ତି। ମୃତକମାନେ ହେଲେ ବିନୋଦ ପିଲ୍ଲାଇ (୫୦), ତାଙ୍କ ସ୍ତ୍ରୀ ସିର୍ଜା ପିଲ୍ଲାଇ (୪୫) ଏବଂ ୧୯ ବର୍ଷୀୟା ଝିଅ ପୂର୍ଣ୍ଣିମା ପିଲ୍ଲାଇ। ପୁଲିସ ଅନୁଯାୟୀ, ବିନୋଦ ଅନଲାଇନ୍ ମାଧ୍ୟମରେ ସୋଡିଅମ୍ ନାଇଟ୍ରେଟ୍ ନାମକ ରାସାୟନିକ ପଦାର୍ଥ ମଗାଇଥିଲେ। ସେହି ରସାୟନକୁ ଜଳାଇବା ଦ୍ୱାରା ନିର୍ଗତ ହୋଇଥିବା ବିଷାକ୍ତ ଧୂଆଁ ଯୋଗୁଁ ଘର ଭିତରେ ସମସ୍ତଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ପୁଲିସ ସୁସାଇଡ୍ ନୋଟ୍ ଜବତ କରିଛି। ସେଥିରେ ଆର୍ଥିକ ସଙ୍କଟ ଯୋଗୁଁ ଏହି ଚରମ ନିଷ୍ପତ୍ତି ନେଇଥିବା ଏବଂ ଏଥିପାଇଁ କେହି ଦାୟୀ ନୁହଁନ୍ତି ବୋଲି ଲେଖାଯାଇଛି। ସୂଚନାଯୋଗ୍ୟ, ଗତ କିଛି ବର୍ଷ ହେବ ପରିବାରଟି ପ୍ରବଳ ଋଣଗ୍ରସ୍ତ ଥିଲା ଏବଂ ନିଜ ଘର ବିକ୍ରି କରି ଭଡ଼ା ଘରେ ରହୁଥିଲା। ସନ୍ତ ତୁକାରାମ ନଗର ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ପରିବାରର ବିରୋଧ, ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

ବାନ୍ଦା,୨।୮ (ଏଜେନ୍ସି): ଉତ୍ତର ପ୍ରଦେଶର ବାନ୍ଦା ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ବିବାହ ପାଇଁ ପରିବାର ଲୋକଙ୍କ ଅସମ୍ମତି ଯୋଗୁଁ ଗୋଟିଏ ପ୍ରେମୀଯୁଗଳ ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ବାନ୍ଦାର ଜଣେ ଯୁବକ ଏବଂ ପଡ଼ୋଶୀ ଚିତ୍ରକୂଟ ଜିଲ୍ଲାର ଜଣେ ଯୁବତୀଙ୍କ ମଧ୍ୟରେ ଗତ ବର୍ଷରୁ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟ ବିବାହ କରିବାକୁ ଚାହୁଁଥିଲେ ହେଁ ପରିବାର ଲୋକ ଏହି ସମ୍ପର୍କକୁ ଗ୍ରହଣ କରିନଥିଲେ। ବିଶେଷ କରି ଯୁବକଙ୍କ ପରିବାର ପ୍ରସ୍ତାବରେ ରାଜି ନହେବାରୁ ଉଭୟ ମାନସିକ ଚାପରେ ଥିଲେ। ଗୋଟିଏ ସାଙ୍ଗରେ ଜୀବନ ବିତାଇ ନପାରିବାରୁ ସେମାନେ ଏକାଠି ମରିବାକୁ ନିଷ୍ପତ୍ତି ନେଇ ବିଷପାନ କରିଥିଲେ। ସ୍ଥାନୀୟ ଲୋକେ ଓ ପୁଲିସ ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହଗୁଡ଼ିକୁ ଜବତ କରି ବାନ୍ଦାସ୍ଥିତ ରାନୀ ଦୁର୍ଗାବତୀ ମେଡିକାଲ କଲେଜକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ମାମଲାରେ ପୁଲିସ ଏକ ଆଇନଗତ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଉତ୍ତର ଗୋଲାର୍ଦ୍ଧରେ ବିପଦ
## ହ୍ରଦଗୁଡ଼ିକରେ ହ୍ରାସ ପାଉଛି ବରଫ ଆସ୍ତରଣ



ନୂଆଦିଲ୍ଲୀ,୨।୮ (ଏଜେନ୍ସି): ବିଶ୍ୱ ତାପମାନ ବୃଦ୍ଧି ଯୋଗୁଁ ଉତ୍ତର ଗୋଲାର୍ଦ୍ଧରେ ଥିବା ହ୍ରଦଗୁଡ଼ିକର ଶୀତକାଳୀନ ବରଫ ଆସ୍ତରଣ ଆଶାଠାରୁ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ୨୦୦୦ ରୁ ୨୦୨୨ ମଧ୍ୟରେ ୭୨୪ଟି ହ୍ରଦର ତଥ୍ୟକୁ ନେଇ କରାଯାଇଥିବା ଅନ୍ତର୍ଜାତୀୟ ଗବେଷଣାରୁ ଜଣାପଡ଼ିଛି ଯେ, ବରଫ ତରଳିବା ପ୍ରକ୍ରିୟା ୨୨ ଗୁଣ ବୃଦ୍ଧି ପାଇଛି। ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ହ୍ରଦଗୁଡ଼ିକରୁ ଶୀତକାଳୀନ ବରଫର ଅବଧି ପ୍ରାୟ ୪୦ ଦିନ ହ୍ରାସ ପାଇପାରେ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଆମେରିକାର ପ୍ରସିଦ୍ଧ ବୈଜ୍ଞାନିକ ପତ୍ରିକା 'ପ୍ରୋସିଡିଙ୍ଗସ୍ ଅଫ୍ ଦି ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍‌ସେସ୍' (ପିଏନ୍‌ଏଏସ୍)ରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ଶୀତଦିନେ ହ୍ରଦ ଜମାଟ ବାନ୍ଧିବା ତୁଳନାରେ ବସନ୍ତ ଋତୁରେ ବରଫ ତରଳିବା ପ୍ରକ୍ରିୟା ବହୁତ ଶୀଘ୍ର ଘଟୁଛି। ଶୀତକାଳୀନ ହାରାହାରି ବାୟୁ ତାପମାତ୍ରା -୧୩.୭ ଡିଗ୍ରୀରୁ -୬.୮ ଡିଗ୍ରୀ ସେଲସିୟସ ମଧ୍ୟରେ ପହଞ୍ଚିବା ମାତ୍ରେ ବରଫ କ୍ଷୟ ପ୍ରକ୍ରିୟା ଅତି ଭୟଙ୍କର ରୂପ ନେଉଛି। ନାନଜିଙ୍ଗ ନର୍ମାଲ ବିଶ୍ୱବିଦ୍ୟାଳୟର ଗବେଷକ ଡକ୍ଟର ଜିଆନ୍ ଝୌଙ୍କ ଅନୁଯାୟୀ, ଏହି ତାପମାତ୍ରାରେ ପରିବର୍ତ୍ତନ ପରେ ଅଳ୍ପ ତାପମାତ୍ରା ବୃଦ୍ଧି ମଧ୍ୟ ବରଫ ଆସ୍ତରଣକୁ ଅତ୍ୟଧିକ ପରିମାଣରେ ନଷ୍ଟ କରିଦିଏ। ହ୍ରଦର ଆକାର, ଗଭୀରତା କିମ୍ବା ଆକୃତି ତୁଳନାରେ ଆଞ୍ଚଳିକ ଜଳବାୟୁ ଏବଂ ସୂର୍ଯ୍ୟକିରଣ ପ୍ରତିଫଳନ କ୍ଷମତା (ଆଲବେଡୋ) ଏହି ପରିବର୍ତ୍ତନ ପାଇଁ ମୁଖ୍ୟତଃ ଦାୟୀ। ବର୍ତ୍ତମାନ ସୁଦ୍ଧା ୨୩% ହ୍ରଦ ଏହି ବିପଦ ସୀମାର ତାପମାତ୍ରା ଅତିକ୍ରମ କରିସାରିଛନ୍ତି। ଏହାସତ୍ତ୍ୱେ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ପୂର୍ବବତ ଜାରି ରହିଲେ ଶତାବ୍ଦୀ ଶେଷ ସୁଦ୍ଧା ୭୦% ହ୍ରଦ ମାନଙ୍କର ଅସ୍ତିତ୍ୱ ସଙ୍କଟାପନ୍ନ ହେବ। ହ୍ରଦଗୁଡ଼ିକରେ ବରଫ ଆସ୍ତରଣ କମିବା ଦ୍ୱାରା ଶୀତଋତୁ ଛୋଟ ହେବା ସହ ମଧୁର ଜଳର ପରିସଂସ୍ଥା, ଜଳର ଗୁଣବତ୍ତା, ଜଳଚର ଜୀବଜନ୍ତୁ ଏବଂ ଜଳାଶୟ ଉପରେ ନିର୍ଭର କରୁଥିବା ସ୍ଥାନୀୟ ସମ୍ପ୍ରଦାୟର ଜୀବନଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ।

■ ପାଣିଭାର ତୋଳିବା ବେଳେ ମହାନଦୀରେ ଭାସିଗଲେ ବାଳକ

## ଉଦ୍ଧାର କରିବାକୁ ଯାଇ ବାପା ବି ଭାସିଗଲେ

ପାରାଦୀପ,୨।୮ (ସମିସ): ଭୁତମୁଣ୍ଡାଇ ପୋଲ ତଳେ ଆଜି ସନ୍ଧ୍ୟାରେ ଜଣେ କାଉଡ଼ିଆ ବୋଲବମ ପାଇଁ ପାଣି ଉଠାଇବା ବେଳେ ଭାସିଯାଇ ନିଖୋଜ ହୋଇ ଯାଇଥିଲେ। ନିଖୋଜ କାଉଡ଼ିଆ ହେଲେ ପାରାଦୀପ ଲକ୍ ଥାନା ଅଧୀନ ନିମିଡ଼ି ଗ୍ରାମର ଇଶ୍ୱର ବାରିକଙ୍କ ପୁଅ ଶୁଭମ ବାରିକ (୨୦)। ତେବେ ପୁଅକୁ ଉଦ୍ଧାର କରିବା ପାଇଁ କାଉଡ଼ିଆର

**ଗୁରୁତର ଅବସ୍ଥାରେ ବାପପୁଅ ଉଦ୍ଧାର**

ବାପା ଈଶ୍ୱର ବାରିକ ନଈକୁ ଡେଇଁ ପଡ଼ିଥିଲେ। ପୁଅକୁ ଉଦ୍ଧାର କରିବା ପରେ ନିଜେ ଜଳର ପ୍ରଖର ସ୍ରୋତରେ ଭାସିଯାଇଥିଲେ। କୁଜଙ୍ଗ ଅଗ୍ନିଶମ କର୍ମଚାରୀମାନେ ପ୍ରଖର ଜଳରେ ବହୁ ଖୋଜା ଖୋଜି କରିବା ପରେ ଗୁରୁତର ଅବସ୍ଥାରେ ଈଶ୍ୱରଙ୍କୁ ଉଦ୍ଧାର କରିଛନ୍ତି। ଉଭୟ ବାପାପୁଅଙ୍କୁ ଅଠରବାଙ୍କୀ ମେଡ଼ିକାଲ ନିଆଯାଇ ଚିକିତ୍ସିତ କରାଯାଉଛି।

ସୂଚନା ଅନୁଯାୟୀ, ନିମିଡ଼ି ଗ୍ରାମର ଶୁଭମ ବାରିକ ବୋଲବମ ନେଇଯିବା ପାଇଁ ସ୍ଥାନୀୟ ଭୁତମୁଣ୍ଡାଇ ନିକଟ ମହାନଦୀ କୂଳକୁ ସାଙ୍ଗ ମାନଙ୍କ ସହିତ ପାଣି ଉଠାଇବାକୁ ଯାଇଥିଲେ। ଏବେ ମହାନଦୀରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ପାଣିର ସ୍ରୋତ ପ୍ରଖର ଥିବାରୁ



ପିଲାଟି ନ ଜାଣି ପାରି ଭାସିଯାଇଥିଲା। ତାର ବାପା ମହାନଦୀ ନିକଟରେ ଉପସ୍ଥିତ ଥିବାରୁ ପୁଅ ଭାସିଯିବା ଜାଣି ନଈକୁ ଡେଇଁପଡ଼ିଥିଲେ। ତେବେ ଉଦ୍ଧାର କାର୍ଯ୍ୟରେ କୁଜଙ୍ଗ ଅଗ୍ନିଶମ କର୍ମଚାରୀଙ୍କ ସହିତ, ସ୍ଥାନୀୟ ଲୋକେ, ଭୁତମୁଣ୍ଡାଇର ସତ୍ୟଜିତ ବେହେରା (ମନ୍ତ୍ରୀ) ଓ ଲକ୍ଥାନା କର୍ମଚାରୀ କାହ୍ନା ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ବୋଡ଼କ ନିକଟରେ ଧୋଇଗଲା ୫୦୦ ମିଟର ରାସ୍ତା

## ଆଖଣ୍ଡଳମଣି ପୀଠକୁ କାଉଡ଼ିଆଙ୍କ ଯାନ ଚଳାଚଳ ବନ୍ଦ; ସ୍ଥାନୀୟ ଅଧିବାସୀଙ୍କ ଅସନ୍ତୋଷ

ଆରଡ଼ି, ୨।୮ (ସମିସ): ବୈତରଣୀ ନଦୀରେ ବନ୍ୟା କମିଯାଇଥିଲେ ମଧ୍ୟ ଏହାର ପ୍ରଭାବ ଏବେ ବି ଏନ୍‌ଏଚ୍-୨୦ ଉପରେ ସ୍ପଷ୍ଟ ଦେଖିବାକୁ ମିଳୁଛି। ଚାନ୍ଦବାଲି ବ୍ଲକ୍ ଓଳଗ ପଞ୍ଚାୟତ ଅଧୀନ ବୋଡ଼କ ନିକଟରେ ପ୍ରାୟ ୫୦୦ ମିଟର ରାସ୍ତା ବନ୍ୟାରେ ଧୋଇଯାଇ ଅନେକ ସ୍ଥାନରେ ୪ ଫୁଟ୍‌ରୁ ଅଧିକ ଗଭୀର ଖାଲ ସୃଷ୍ଟି ହୋଇଛି। ଫଳରେ ଆରଡ଼ି-ଭୁବନେଶ୍ୱର ସଡ଼କ ଯୋଗାଯୋଗ ବ୍ୟାହତ ହୋଇ ବସ୍ ସମେତ ସମସ୍ତ ଭାରୀଯାନ ଚଳାଚଳ ବନ୍ଦ ରହିଛି। ବନ୍ୟା ସମୟରେ ଏହି ସ୍ଥାନରେ ପ୍ରାୟ ୪ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ଭଦ୍ରକର ଆରଡ଼ି ଓ ଧୂଷୁରୀ ପୁଲିସ ଏବଂ ଯାଜପୁରର ମଙ୍ଗଳପୁର ପୁଲିସ ରାସ୍ତାକୁ ସିଲ୍ କରି ଯାତାୟାତ ବନ୍ଦ କରିଥିଲେ। ରବିବାର ସକାଳେ ପାଣି କମିଥିଲେ ମଧ୍ୟ ରାସ୍ତାର ଅବସ୍ଥା ସୁଧୁରିନାହିଁ। ମଙ୍ଗଳପୁର ପୁଲିସ ଏବେ ବି କାଉଡ଼ିଆ, ବାଇକ୍ ଚାଳକ ଓ ପଥଚାରୀଙ୍କୁ ସତର୍କ କରି ଅଟକାଉଛି। ଏହାର ପ୍ରଭାବରେ ସୋମବାର ଆଖଣ୍ଡଳମଣି ପୀଠକୁ ଯାଉଥିବା କାଉଡ଼ିଆଙ୍କ ଗାଡ଼ି ପ୍ରାୟ ୭ କିଲୋମିଟର ଦୂରରେ ଅଟକି ରହିବା ସମ୍ଭାବନା ରହିଛି। ରାସ୍ତାଟି ଏନ୍‌ଏଚ୍-୨୦ ଅଧୀନରେ ଥିବାରୁ ଜଳସେଚନ ବିଭାଗ ମରାମତି କରିପାରୁ ନ ଥିବାବେଳେ, ବିଭାଗୀୟ ସମନ୍ୱୟର ଅଭାବକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।



ଧାମନଗର ଜଳସେଚନ ବିଭାଗର ଏସ୍‌ଡିଓ ଶମ୍ଭୁ ପ୍ରକାଶ ମଲ୍ଲିକ କହିଛନ୍ତି, ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମିଳିଲେ ବିଭାଗ ମରାମତି କାମରେ ସହଯୋଗ କରିବ। ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି, ସମ୍ପୃକ୍ତ ଦୁଇ ବିଭାଗ ସହ ଆଲୋଚନା କରି ଶୀଘ୍ର ସମସ୍ୟାର ସମାଧାନ କରାଯିବ। ମଧ୍ୟାହ୍ନରେ ସ୍ଥାନୀୟ ଲୋକେ ବାଲିବସ୍ତା ପକାଇ ସାମୟିକ ଭାବେ ବାଇକ୍ ଓ ପଥଚାରୀଙ୍କ ଯାତାୟାତ ସ୍ୱାଭାବିକ କରିଥିବା ସୂଚନା ମିଳିଛି।

## ଆଇଏଫ୍‌ଏସ୍ ଅଧିକାରୀ ସଂଗ୍ରାମ ବେହେରା ନିଲମ୍ବିତ

ଭୁବନେଶ୍ୱର,୨।୮ (ସମିସ): ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଗିରଫ ହୋଇଥିବା ଆଇଏଫ୍‌ଏସ୍ ଅଧିକାରୀ ସଂଗ୍ରାମ କେଶରୀ ବେହେରା ଚାକିରିରୁ ନିଲମ୍ବିତ ହୋଇଛନ୍ତି। ଏହି ମାମଲାରେ ସେ ଗିରଫ ହୋଇ ଜେଲ୍ ଯିବା ପରେ ରାଜ୍ୟ ସରକାର ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବିତ କରିଛନ୍ତି। ଶ୍ରୀ ବେହେରା ଓଡ଼ିଶା ଫରେଷ୍ଟ ଡେଭେଲପମେଣ୍ଟ କର୍ପୋରେସନ୍ (ଓଏଫ୍‌ଡିସି)ର ବାଣିଜ୍ୟ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ।

୨୦୨୧ ମସିହାରେ ଗଜପତି ଜିଲ୍ଲାର ଡିଭିଜନାଲ ଫରେଷ୍ଟ ଅଫିସର ଭାବେ କାର୍ଯ୍ୟରତ ଥିବା ସମୟରେ ପାରଳାଖେମୁଣ୍ଡି ବନଖଣ୍ଡର ତତ୍କାଳୀନ ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଶ୍ରୀ ବେହେରା ବିବାଦକୁ ଆସିଥିଲେ। ଏହି ମାମଲାରେ ସଂଗ୍ରାମ କେଶରୀ ବେହେରା ଆତ୍ମସମର୍ପଣ କରିବା ପରେ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି। ଏହାପରେ ରାଜ୍ୟ ସରକାର ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବନ ଆଦେଶ ଜାରି କରିଛନ୍ତି। ଜଣେ ସରକାରୀ ଅଧିକାରୀ ନ୍ୟାୟିକ ହେପାଜତରେ ଥିବା ପରିସ୍ଥିତିରେ ସେବା ନିୟମାବଳୀ ଅନୁଯାୟୀ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

**ପିପିଲି କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକଙ୍କୁ ଆକ୍ରମଣ ମାମଲାରେ ବର୍ଷିଲା ବିଜେଡି**

## ସରକାରୀ କାର୍ଯ୍ୟାଳୟରେ ଆକ୍ରମଣ ଅତି ନିନ୍ଦନୀୟ

ଭୁବନେଶ୍ୱର,୨।୮ (ସମିସ): ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ପିପିଲି ଶାଖା ପରିଚାଳକଙ୍କୁ ଆକ୍ରମଣକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ବିଜେଡି ବରିଷ୍ଠ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ପିପିଲି ଶାଖା ପରିଚାଳକ ବିକାଶ ରଞ୍ଜନ ପରିଡ଼ାଙ୍କୁ ସରକାରୀ କାର୍ଯ୍ୟାଳୟ ଭିତରେ



ପିପିଲି ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ଗତ ୩୧ ତାରିଖରେ ଆକ୍ରମଣ କରିଛନ୍ତି। ବିଜେପି ନେତାମାନେ ଆକ୍ରୋଶମୂଳକ ଭାବେ ସରକାରୀ କାର୍ଯ୍ୟାଳୟରେ ଆକ୍ରମଣ କରିବା ଅତି ନିନ୍ଦନୀୟ। ଏହା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ଆଉ ଏକ ଉଦାହରଣ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ସରକାରୀ ଅଧିକାରୀଙ୍କୁ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଏପରି ଆକ୍ରମଣ କରିବା ଗୁରୁତର ବିଷୟ ଅଟେ। ଉକ୍ତ ଘଟଣା ପରେ ସ୍ଥାନୀୟ ପିପିଲି ଥାନା ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବା ପରିବର୍ତ୍ତେ ରାଜନୈତିକ ବ୍ୟକ୍ତିଙ୍କ ହାତବାରିସୀ ସାଜି ଘଟଣାକୁ ଚାପି ଦେଉଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଏହାର ଆପୋସ ବୁଝାମଣା କରାଇବା ଦିଗରେ ଉଦ୍ୟମ କରିଛନ୍ତି। ଉକ୍ତ ଘଟଣା ଦିନ ଥାନା ଅଧିକାରୀ ସେଠାରେ ପହଞ୍ଚି ପ୍ରଥମେ ଆକ୍ରମଣକାରୀଙ୍କୁ କିପରି ଖସାଇବେ ସେ ଦିଗରେ ପ୍ରଚେଷ୍ଟା କରିଥିଲେ। ଏହାପରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଥାନାକୁ ଡକାଇ ଆପୋସ ବୁଝାମଣା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଯାହାକି ପିପିଲି ଥାନା ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଜନତାଙ୍କୁ ନ୍ୟାୟ ଦେବା ବଦଳରେ ଭରସା ହରାଇବାରେ ଲାଗିଛି। ଉକ୍ତ ଘଟଣା ନେଇ ବ୍ୟାଙ୍କ ପକ୍ଷରୁ ଗତ ୧ ତାରିଖରେ ପୁରୀ ଏସପିଙ୍କୁ ଅଭିଯୋଗ ଜଣାଇଥିଲେ। କିନ୍ତୁ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ନାହିଁ। ବ୍ୟାଙ୍କ କର୍ମଚାରୀମାନଙ୍କୁ ମାମଲା ପ୍ରତ୍ୟାହାର ଲାଗି ବିଭିନ୍ନ ଆଉ ଧମକ ଚମକ ଦେଉଛନ୍ତି ବୋଲି ଶ୍ରୀ ଦାସବର୍ମା ଅଭିଯୋଗ କରିଛନ୍ତି। ଏହା ସାଧାରଣ ସରକାରୀ କର୍ମଚାରୀମାନଙ୍କ ପାଇଁ ଖରାପ ପରିସ୍ଥିତି ସୃଷ୍ଟି କରିଛି। ଦାବି କରିଛନ୍ତି ଯେ, ତୁରନ୍ତ ସରକାର, ପୁଲିସ ପ୍ରଶାସନ ଏବଂ ପୁଲିସ ମହାନିର୍ଦ୍ଦେଶକ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗିରଫ କରନ୍ତୁ। ନଚେତ ଆଗକୁ ପରିସ୍ଥିତିର ଜଟିଳ ହେବ। ଏଥି ପାଇଁ ରାଜ୍ୟ ସରକାର ଦାୟୀ ରହିବେ।

ଏଥିସହିତ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କୁ କର୍ମଚାରୀ ସଂଘ ପକ୍ଷରୁ ପ୍ରେରଣ କରାଯାଇଥିବା ଅଭିଯୋଗ କପି ଓ ଘଟଣା ସମୟର ଭିଡିଓ ଜାରି କରାଯାଇଛି। ଏହା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଘଟିବା ବ୍ୟାଙ୍କ କର୍ମଚାରୀ ସଂଘର ମନୋବଳ ଭାଙ୍ଗିଯାଇଛି ବୋଲି ସେ କହିଛନ୍ତି। ବିଜେପି ସରକାର ଅପରାଧକୁ ପ୍ରସୟ ନଦେଇ ତୁରନ୍ତ ଦୋଷୀଙ୍କ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

■ ବନ୍ଦ ହେଲା ହୀରାକୁଦର ୩ ଗେଟ୍

## ୧୯ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ



ସମ୍ବଲପୁର, ୨।୮ (ସମିସ): ହୀରାକୁଦ ଉପର ମୁଣ୍ଡରେ ବର୍ଷା ପରିମାଣ କମିଛି। ଡ୍ୟାମ୍‌କୁ ବନ୍ୟାଜଳ ପ୍ରବେଶ କମିଛି। ଯାହାକୁ ନଜର ରଖି ଆଜି ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ତିନୋଟି ଗେଟ୍ ବନ୍ଦ କରିଛନ୍ତି। ରାତି ୧୧ଟା ପର୍ଯ୍ୟନ୍ତ ୧୯ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ, ଜଳଭଣ୍ଡାରରେ ଜଳସ୍ତର ୬୨୨. ୯୭ ଫୁଟରେ ପହଞ୍ଚିଛି। ପ୍ରତି ସେକେଣ୍ଡରେ ଡ୍ୟାମ୍‌କୁ ୧,୬୬,୧୩୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ବାମପଟର ୧୫ ଓ ଡାହାଣପଟର ୭ଟି ଗେଟ୍ ଦେଇ ୩,୮୭,୦୬୦ କ୍ୟୁସେକ ଜଳ ନିଷ୍କାସନ ହେଉଥିଲା। ଆଗକୁ ବାମପଟର ୧୩ ଓ ଡାହାଣ ପଟର ୬ ଗେଟ୍‌ରେ ଜଳ ନିଷ୍କାସନ ହେବ।

## ଆଜି ଆସୁଛନ୍ତି ରାଷ୍ଟ୍ରପତି: ଏମକେସିଜିରେ ବେସ୍ ହସ୍ପିଟାଲ ପ୍ରସ୍ତୁତ

ବ୍ରହ୍ମପୁର,୨।୮ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ଏମକେସିଜି ମେଡିକାଲ ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ସ୍ୱାସ୍ଥ୍ୟସେବା ଓ ଜରୁରୀକାଳୀନ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଥିବା ସୂଚନା ମିଳିଛି। ସୁରକ୍ଷା ଓ ଜରୁରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆସନ୍ତାକାଲି ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ମେଡିକାଲ ପରିସରସ୍ଥିତ ପିଏମ୍‌ଏସ୍‌ଏସ୍‌ୱାଇ କୋଠାରେ ଏକ ବେସ୍ ହସ୍ପିଟାଲ ସ୍ଥାପନ କରାଯାଇ ବିଭିନ୍ନ ବିଭାଗର ୨୨ ଜଣ ଡାକ୍ତରଙ୍କୁ ଦାୟିତ୍ୱ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ନିୟୋଜନ ପାଇଁ ଅତିରିକ୍ତ ୬ ଜଣ ଡାକ୍ତରଙ୍କୁ ପ୍ରସ୍ତୁତ ରଖାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଅର୍ଥାତ୍ ୩ ଓ ୪ ତାରିଖରେ ବେସ୍ ହସ୍ପିଟାଲରେ ପ୍ରତିଦିନ ତିନିଟି ସିଫ୍ଟରେ ଡାକ୍ତରମାନେ କାର୍ଯ୍ୟ କରିବେ। ସେହିପରି ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଓ-ନେଗେଟିଭ୍ ବ୍ଲଡ୍ ସମେତ ସମସ୍ତ ଆବଶ୍ୟକ ଜରୁରୀକାଳୀନ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବାକୁ ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଦୀପ ଦାଶ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

## ୫୦ କୋଟି ହେଉ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି: ପରିଷଦ

କଟକ,୨।୮ (ସମିସ): ରାଜ୍ୟର ଆଇନଜୀବୀମାନଙ୍କର ଦୀର୍ଘଦିନର ଆର୍ଥିକ ନିରାପତ୍ତା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବାର୍ କାଉନସିଲ୍‌ର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏକ ଚିଠି ମାଧ୍ୟମରେ ରାଜ୍ୟ ସରକାରଙ୍କ ଆଗରେ ୫ଟି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିବା ସହ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

ପ୍ରଦତ୍ତ ସ୍ମାରକପତ୍ର ଅନୁଯାୟୀ, ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାରଙ୍କର ଦିଆଯାଉଥିବା ବାର୍ଷିକ ଅନୁଦାନ ରାଶିକୁ ୧୦ କୋଟିରୁ ୫୦ କୋଟିକୁ ବୃଦ୍ଧି ଏବଂ ଉକ୍ତ ପାଣ୍ଠିରୁ ସଦସ୍ୟ ଆଇନଜୀବୀଙ୍କୁ ଅବସର କାଳୀନ ସହାୟତା ରାଶିକୁ ୪ ଲକ୍ଷ ୫୦ ହଜାରରୁ ୯ ଲକ୍ଷକୁ ବୃଦ୍ଧି କରିବାକୁ ନିବେଦନ କରାଯାଇଛି। ସେହିପରି ରାଜ୍ୟର ସମସ୍ତ ଆଇନଜୀବୀମାନଙ୍କୁ ୧୦ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବା, ଆଇନଜୀବୀମାନଙ୍କର ନିରନ୍ତର ଶିକ୍ଷା ତଥା ଦକ୍ଷତା ବିକାଶ ନିମନ୍ତେ 'ଆଡଭୋକେଟ୍ ଏକାଡେମୀ' ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ତଥା ଜମି ଅଧିଗ୍ରହଣ, ବାର୍ଷିକ ଅନୁଦାନ ରାଶି ପ୍ରଦାନ, ଆଇନଜୀବୀଙ୍କର ସୁରକ୍ଷା ନିମନ୍ତେ ଆଇନଜୀବୀ ସୁରକ୍ଷା ବିଲ୍ ପ୍ରଣୟନ କରିବାକୁ ଦାବିପତ୍ରରେ ଉପସ୍ଥାପିତ କରାଯାଇଛି।

**ଆଡଭୋକେଟ୍ ଏକାଡେମୀ ଓ ଆଇନଜୀବୀ ସୁରକ୍ଷା ବିଲ୍ ପ୍ରଣୟନ ପାଇଁ ସରକାରଙ୍କୁ ସ୍ମାରକପତ୍ର**

ଉପର ଲିଖିତ ଦାବି ପ୍ରସଙ୍ଗରେ ରାଜ୍ୟ ଆଇନଜୀବୀ ପରିଷଦର ନିରନ୍ତର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ତଥା ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଅଧ୍ୟକ୍ଷ ଲ. କମିସନ୍ ଓ ଆଡଭୋକେଟ୍ ଜେନେରାଲଙ୍କର ଦୃଷ୍ଟି ଆକର୍ଷଣ ଫଳରେ ଦିଆଯାଉଥିବା ଅନୁଦାନ ରାଶି ୪ ଲକ୍ଷ ୫୦ ହଜାରରୁ ୯ ଲକ୍ଷକୁ ବୃଦ୍ଧି, ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାରଙ୍କର ଦିଆଯାଉଥିବା ବାର୍ଷିକ ଅନୁଦାନ ରାଶିକୁ ୧୦ କୋଟିରୁ ୧୫ କୋଟିକୁ ବୃଦ୍ଧି ଏବଂ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ରାଜ୍ୟ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ନିମନ୍ତେ ରାଜ୍ୟ ସରକାରଙ୍କ ଆଇନ ବିଭାଗର ପତ୍ରସଂଖ୍ୟା ଏମ୍‌ଜେ-ସି-୫/୨୩/୦/୩୮ ଏଲ୍, ୨୧ ଜୁଲାଇ ୨୦୨୬ ମାଧ୍ୟମରେ ରାଜ୍ୟ ଆଇନଜୀବୀ ପରିଷଦକୁ ଉକ୍ତ ପ୍ରସଙ୍ଗରେ ଏକ ଚିଠା ବିଲ୍ ଯଥାଶୀଘ୍ର ଉପସ୍ଥାପନ କରିବା ନିମନ୍ତେ ଅନୁରୋଧ କରାଯାଇଛି।

**ଛାତ୍ର କଂଗ୍ରେସର 'ସଂକଳ୍ପ ସମାବେଶ'**

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଉଦ୍ୟମ ବେଳେ ଧସ୍ତାଧସ୍ତି

ଭୁବନେଶ୍ୱର, ୨।୮ (ସମିସ): ଯନ୍ତରମନ୍ତରରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପ୍ରତିବାଦରେ ଆନ୍ଦୋଳନ କରୁଥିବା ଛାତ୍ର ସମାଜ ପ୍ରତି କେନ୍ଦ୍ର ସରକାର ଯେଉଁ ଆଚରଣ ପ୍ରଦର୍ଶନ କଲା ଏହା ଦୁର୍ଭାଗ୍ୟଜନକ। ସାରା ଦେଶର ବିଭିନ୍ନ ରାଜ୍ୟରେ ଛାତ୍ର ସମାଜ ଭୁଶୁଡ଼ି ଯାଇଥିବା ଶିକ୍ଷାବ୍ୟବସ୍ଥା ବିରୋଧରେ ଲଢ଼େଇ କରୁଛନ୍ତି। ଯନ୍ତରମନ୍ତରରେ ଛାତ୍ରଙ୍କ ଉପରେ ଅମାନବୀୟ ଲାଠିଚାର୍ଜ, ଟିୟରଗ୍ୟାସ ପ୍ରୟୋଗ ଏବଂ ପଥରମାଡ଼ ଘଟଣା ଏ ଦେଶରେ ଚାଲିଥିବା ହିଟଲରୀରାଜ୍‌କୁ ପଦାରେ ପକାଇଛି ବୋଲି ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ବିନୋଦ ଜାଖର କହିଛନ୍ତି। ରବିବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ଆୟୋଜିତ 'ଛାତ୍ର ସଂକଳ୍ପ ସମାବେଶ'ରେ ଯୋଗ ଦେଇ ଶ୍ରୀ ଜାଖର କହିଛନ୍ତି, ନ୍ୟାୟ ମାଗୁଥିବା ଛାତ୍ରମାନଙ୍କୁ ଅକଥନୀୟ ଅତ୍ୟାଚାର କରିବାକୁ ସରକାରଙ୍କର ଗୁପ୍ତ ନିର୍ଦ୍ଦେଶ ରହିଛି। ଛାତ୍ରମାନଙ୍କୁ ଏବଂ ଅଭିଭାବକମାନଙ୍କୁ ଏନକାଉଣ୍ଟର କରି ମାରିଦେବାକୁ ଧମକ ଦିଆଯାଉଛି। ଯେଉଁ ଅଭିଭାବକମାନେ କରଜ କରି, ଜମି ବିକି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି କିନ୍ତୁ ଶିକ୍ଷା ବ୍ୟବସ୍ଥା ପିଲାମାନଙ୍କ ପ୍ରତି ବିଶ୍ୱାସଘାତକତା କରୁଛି। ଏ ସରକାର ଶିକ୍ଷା



**'ଛାତ୍ରମାନଙ୍କୁ ଅତ୍ୟାଚାର କରିବାକୁ ଗୁପ୍ତ ନିର୍ଦ୍ଦେଶ ରହିଛି'**

ଦଲାଲମାନଙ୍କ କବଜାରେ ରହିଛି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ ଯେ ଓଡ଼ିଶାର ଛାତ୍ରଛାତ୍ରୀ ରାଜରାସ୍ତାରେ ଛିଡ଼ା ହେଉ ନ ଥିବାରୁ କଲେଜ ଓ ୟୁନିଭର୍ସିଟିରେ ଛାତ୍ର ସଂସଦ ନିର୍ବାଚନ ହେଉନାହିଁ। ଛାତ୍ରମାନଙ୍କ ପ୍ରତି ବାରମ୍ବାର ଅନ୍ୟାୟ ହେଉଛି। ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଶିକ୍ଷା ବ୍ୟବସ୍ଥାର ମାଆବାପା କେହି ନାହାନ୍ତି। ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଓଡ଼ିଶାର ଗଣଶିକ୍ଷା ବିଭାଗ ଓଡ଼ିଶାର ଛାତ୍ରଛାତ୍ରମାନଙ୍କୁ ନିମ୍ଫୁଡ଼ା ନୃତ୍ୟ କରିବାପାଇଁ ବ୍ୟବସ୍ଥା କରିଦେଇଛନ୍ତି। ସରକାରୀ ପାଠ୍ୟପୁସ୍ତକରେ ୨୦୦୦ରୁ ଊର୍ଦ୍ଧ୍ୱ ତ୍ରୁଟି ରହିଛି। ଛାତ୍ରଶକ୍ତି ଜାଗ୍ରତ ହେଲେ ଓଡ଼ିଶା ଜାଗିବ ବୋଲି ଶ୍ରୀ ଦାସ କହିଛନ୍ତି।

ନବନିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ର କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର କଂଗ୍ରେସ ସଂଗଠନକୁ ମଜବୁତ କରାଯିବ ବୋଲି କହିଛନ୍ତି। ଛାତ୍ର କଂଗ୍ରେସ ଏ ସରକାରକୁ ହଟାଇବ। ଓଡ଼ିଶାର ଶିକ୍ଷାବ୍ୟବସ୍ଥାର ସୁଧାର ପାଇଁ ଏବଂ ଓଡ଼ିଶାର ଛାତ୍ର ସମାଜର ସ୍ୱାର୍ଥ ପାଇଁ ଛାତ୍ର କଂଗ୍ରେସ ଅବିଶ୍ରାନ୍ତ ଲଢ଼େଇ କରିବ ବୋଲି ସେ କହିଛନ୍ତି।

ସଭା ପରେ ଏକ ବିଶାଳ ବିକ୍ଷୋଭ ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରଉ ପାଇଁ ଯାଇଥିଲା। ଲୋୟର ପିଏମଜିଠାରେ ପୁଲିସ ସହ ଏକଘଣ୍ଟା କାଳ ଧସ୍ତାଧସ୍ତି ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତ୍ତା ତିନୋଟି ପୁଲିସ ବାରିକେଡ ଭାଙ୍ଗି ଅଗ୍ରସର ହେଉଥିବା ବେଳେ ସେମାନଙ୍କୁ ପୁଲିସ ଭ୍ୟାନଯୋଗେ ଉଠାଇ ନେଇଥିଲା। ସୂଚନା ଥାଉ କି ନବନିଯୁକ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୁତିଭୂଷଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବ ସହ ଶ୍ରୀ ଜାଖରଙ୍କୁ ଏୟାରପୋର୍ଟଠାରୁ ଏକ ବିଶାଳ ମୋଟରସାଇକଲ ରାଲିରେ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଅଣାଯାଇଥିଲା।

■ ବନ୍ୟା ଅଞ୍ଚଳରେ ରିଲିଫ ତଦାରଖ ପାଇଁ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରସଙ୍ଗ

## ବନ୍ୟା ଅବସ୍ଥା ସଙ୍ଗିନ ବୋଲି ବିଳମ୍ବରେ ଅନୁଭବ କଲେ ସରକାର: ବିଜେଡି

ଭୁବନେଶ୍ୱର,୨।୮ (ସମିସ): ବନ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ରିଲିଫ ପ୍ରଦାନ କାମକୁ ତଦାରଖ କରିବା ଲାଗି ରାଜ୍ୟ ସରକାର ମନ୍ତ୍ରୀ ମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ବନ୍ୟା ପରିସ୍ଥିତି ଗୁରୁତର ହୋଇଛି ରାଜ୍ୟ ସରକାର ବିଳମ୍ବରେ ଅନୁଭବ କରିଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ବନ୍ୟା ପରିସ୍ଥିତି ସଂଗୀନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ଦିଲ୍ଲୀରେ ରହିଥିଲେ, ଯାହାଫଳରେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହଯୋଗ କରିବା ପାଇଁ ପ୍ରଶାସନିକ ତତ୍ପରତା ଦେଖା ଯାଇ ନ ଥିଲା ବୋଲି ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

ଦଳ ପକ୍ଷରୁ ଜାରି ପ୍ରେସ୍ ବିବୃତ୍ତିରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସଙ୍ଗିନ ହୋଇଥିବା ନେଇ ବିଜେଡି ପକ୍ଷରୁ ବାରମ୍ବାର କୁହାଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତତ୍ପରତା ଦେଖିବାକୁ ମିଳି ନ ଥିଲା। ଏହି କାରଣରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଲେ। ବନ୍ୟାର ପ୍ରକୋପରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୮୦ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହେଲା। ବନ୍ୟାରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଉବୁଟୁବୁ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ବିଜେପିର ବରିଷ୍ଠ ନେତାମାନେ ଦିଲ୍ଲୀରେ ଥିଲେ। ବିଜେଡି

■ ବନ୍ୟା ସମୟରେ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ବିଜେପି ନେତା ଦିଲ୍ଲୀରେ ଉପସ୍ଥିତ ଥିଲେ

■ ପ୍ରଶାସନିକ ତତ୍ପରତା ଥିଲେ ସାତ ଜଣଙ୍କ ମୃତ୍ୟୁ ହୋଇ ନ ଥା'ନ୍ତା

ସମେତ ଅନ୍ୟ ବିରୋଧୀ ଦଳମାନେ ବାରମ୍ବାର ବନ୍ୟା ସ୍ଥିତି ସଙ୍ଗୀନ ହୋଇଥିବା କହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନିଦ୍ରା ଭଙ୍ଗ ହୋଇ ନ ଥିଲା। ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ପରେ ବନ୍ୟା ସ୍ଥିତି ସଙ୍ଗିନ ଥିବା ଅନୁଭବ କରି କିଛି ମନ୍ତ୍ରୀଙ୍କୁ ବନ୍ୟାଞ୍ଚଳ ଗୁଡ଼ିକରେ ତଦାରଖ ପାଇଁ ଦାୟିତ୍ୱ ଦେଇଛନ୍ତି। ହେଲେ ପୂର୍ବରୁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲେ, ୭ ଜଣଙ୍କର ମୃତ୍ୟୁ ହୋଇ ନ ଥା'ନ୍ତା। ବନ୍ୟା ପରିସ୍ଥିତିରେ ଲୋକଙ୍କ ସହିତ ଛିଡ଼ା ନ ହୋଇ ଦିଲ୍ଲୀରେ ରହିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

## ତାଳଚେର ମଣ୍ଡାପାଳ ଉପଖଣ୍ଡ ଚିକିତ୍ସାଳୟ ଅବହେଳିତ

# ସଠିକ୍ ଭାବେ ହୋଇପାରୁନି ରୋଗୀ ଚିକିତ୍ସା

ତାଳଚେର, ୨।୮ (ସମିସ)

ପ୍ରଶାସନ ଓ ରାଜନେତାଙ୍କ ଅବହେଳାରୁ ତାଳଚେର ମଣ୍ଡାପାଳସ୍ଥିତ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ଏବେ ଅବହେଳିତ ହୋଇପଡ଼ିଛି। ଏହି ଡାକ୍ତରଖାନା ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବହୁ ପୁରାତନ ଏହି ଚିକିତ୍ସାଳୟ ଉପରେ ତାଳଚେର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ଲୋକେ ନିର୍ଭର କରନ୍ତି। ଦୈନିକ ବିଭିନ୍ନ ଅଞ୍ଚଳରୁ ରୋଗୀ ଏଠାକୁ ଆସିଥାନ୍ତି। ଏହି ଡାକ୍ତଖାନାରେ ଟ୍ରମା କେୟାର୍ ସେଣ୍ଟର ନିର୍ମାଣ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ପୁନଶ୍ଚ ଟେକ୍ନିସିଆନ୍ ଡାକ୍ତର ଓ କର୍ମଚାରୀ ଅଭାବରୁ କେତେକ ଯନ୍ତ୍ରପାତି ବ୍ୟବହୃତ ହୋଇ ନ ପାରି ପଡ଼ି ରହିଛି। ଏହି ଡାକ୍ତରଖାନାରେ ପ୍ରସୂତି ବିଭାଗ ଡାକ୍ତର ଅଛନ୍ତି। କିନ୍ତୁ ପ୍ରସବ ପାଇଁ କୌଣସି ମହିଳା ଆସିଲେ ତାଙ୍କୁ ଅନ୍ୟତ୍ର ପଠାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏପରିକି ଯେଉଁ ରୋଗୀ ଆଡମିଶନ୍ ହୋଇ ଚିକିତ୍ସିତ ହେଉଛନ୍ତି ତାଙ୍କର ଦେଖାଶୁଣା ନିମନ୍ତେ ଡାକ୍ତର ଦିନକୁ ମାତ୍ର ଥରେ ଯାଉଛନ୍ତି। ଆଉ ଦିନଯାକ କୌଣସି ଡାକ୍ତର କିମ୍ବା ନର୍ସଙ୍କ ଦେଖା ମିଳୁ ନ ଥିବା ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି।



**ଦିନଯାକରେ ଥରେ ୱାର୍ଡ ବୁଲୁଛନ୍ତି ଡାକ୍ତର, ନର୍ସ**

ଅପରପକ୍ଷେ ରୋଗୀଙ୍କ ଶଯ୍ୟାରେ ସପ୍ତାହରେ ୭ଟି ରଙ୍ଗର ବେଡ୍‌ସିଟ୍ ପଡ଼ିବ ବୋଲି ଚିକିତ୍ସାଳୟ କାନ୍ଥରେ ଲେଖାଯାଇଛି। କିନ୍ତୁ ଖାଲି ଖଟରେ ରୋଗୀଙ୍କୁ ଶୁଆଇ ଦିଆଯାଉଥିବା ଅଧିକାଂଶ ସମୟରେ ଅଭିଯୋଗ ହେଉଛି। ତାଳଚେର ଅଞ୍ଚଳରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟିକୋଟି ଟଙ୍କା ରାଜସ୍ୱ ନେଉଥିବା ବେଳେ ଏହି ଡାକ୍ତରଖାନାର ବିକାଶ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ରୋଗୀ ହୀନସ୍ତା ହେଉଛନ୍ତି। ବର୍ତ୍ତମାନ ଋତୁ ପରିବର୍ତ୍ତନ ହେଉଥିବାରୁ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିଲେ ହେଁ ରୋଗୀମାନେ ବାଧହୋଇ ମଣ୍ଡାପାଳ ଚିକିତ୍ସାଳୟରୁ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏ ସମ୍ପର୍କରେ ଅବଗତ ଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜନ୍ମସ୍ଥାନ ଗୁରୁଜାଙ୍ଗରେ ଶୁଭାରମ୍ଭ ହେବ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ

ଅନୁଗୋଳ, ୨।୮ (ସମିସ): ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ଚଳିତ ବର୍ଷ ସମଗ୍ର ଦେଶ ତଥା ବିଦେଶରେ ପାଳନ କରାଯିବ। ସମଗ୍ର ହିନ୍ଦୁ ସମାଜ ପାଇଁ ପ୍ରେରଣାର ଉତ୍ସ ଥିଲେ ସ୍ୱାମୀଜୀ। ଆଦିବାସୀ, ବନବାସୀ, ଗରିବ, ବିଶେଷ କରି ମହିଳା ଶିକ୍ଷାକୁ ଗୁରୁତ୍ୱ ଦେଇ କନ୍ଧମାଳ ଜଲେଶପଟା ଓ ଚକାପାଦ ସମେତ ବିଭିନ୍ନ ସ୍ଥାନରେ ଆଶ୍ରମ ପ୍ରତିଷ୍ଠା କରିଥିଲେ। ହିନ୍ଦୁ ସମାଜକୁ ଏକତ୍ରିତ କରିବା ପାଇଁ ସେ ଅହରହ ଦେଶ ସାରା ପରିଭ୍ରମଣ କରୁଥିଲେ। ୨୦୦୮ ଅଗଷ୍ଟ ୨୩ ତାରିଖ ଜନ୍ମାଷ୍ଟମୀ ତିଥିରେ ସ୍ୱାମୀଜୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଚଳିତ ବର୍ଷ ସ୍ୱାମୀଜୀଙ୍କ ଜନ୍ମ ଶତବାର୍ଷିକୀ ହୋଇଥିବାରୁ ସମଗ୍ର ହିନ୍ଦୁ ସମାଜ ବର୍ଷତମାମ ତାଙ୍କ ଜନ୍ମ ଉତ୍ସବ ପାଳନ କରାଯିବାକୁ ଆହ୍ୱାନ ଦିଆଯାଇଛି।

ସ୍ୱାମୀଜୀଙ୍କ ପୈତୃକ ଗ୍ରାମ ତଥା ଜନ୍ମସ୍ଥାନ ତାଳଚେର ଗୁରୁଜାଙ୍ଗରୁ ଜନ୍ମ ଶତବାର୍ଷିକୀ ସମାରୋହ ଆସନ୍ତା ୨୧ ତାରିଖ ଶୁଭାରମ୍ଭ ହେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ରବିବାର ଗୁରୁଜାଙ୍ଗ ଗ୍ରାମରେ ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କ୍ଷେତ୍ରୀୟ ଧର୍ମ ଜାଗରଣ ସଂଯୋଜକ ତଥା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ପାଳନ କମିଟି ପ୍ରାନ୍ତ ସଂଯୋଜକ ବିନୟ କୁମାର ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସ୍ୱାମୀଜୀଙ୍କ ଉତ୍ତରାଧିକାରୀ ସ୍ୱାମୀ ସଚ୍ଚିଦାନନ୍ଦଜୀ ମହାରାଜ, ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ମହାରାଜ, ବ୍ରହ୍ମଚାରୀ ଶିବପ୍ରସାଦଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ସମଗ୍ର ଦେଶରେ ୫୦ ହଜାର ସ୍ଥାନରେ ସ୍ୱାମୀଜୀଙ୍କ ଜୟନ୍ତୀ ଉତ୍ସବ ବର୍ଷତମାମ ପାଳିତ ହେବ। ଓଡ଼ିଶାର ୨୫ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ତାଳଚେର ଗୁରୁଜାଙ୍ଗ ଗ୍ରାମରେ



କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ସମଗ୍ର ଦେଶରୁ ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି, ରାଜନେତାଙ୍କ ସମେତ ଲକ୍ଷାଧିକ ଲୋକଙ୍କ ସମାଗମ ହେବ ବୋଲି ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ କାର୍ଯ୍ୟକର୍ତ୍ତା ଓ ସାମାଜିକ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି। ଆଖପାଖର ଶହେ ପଞ୍ଚାୟତକୁ ବିଶେଷ ଗୁରୁତ୍ୱ ଦିଆଯାଇ ସେହିଦିନ ଘରେ ଘରେ ଦୀପ ଲଗାଇ ଭବ୍ୟ ଆୟୋଜନ କରିବା ସହ ସମସ୍ତେ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ସାମାଜିକ ସଂଗଠନ, ଧାର୍ମିକ ସଂଗଠନ ଓ ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଗ୍ରାମ ସଭାପତି ପ୍ରମୋଦ କୁମାର ପାଣି, ସମ୍ପାଦକ ତୁଷାରକାନ୍ତ ପାଣି, ଲୋକନାଥ ନାଥ, ଗ୍ରାମ କମିଟି ସଭ୍ୟ କାର୍ତ୍ତିକେଶ୍ୱର ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା।

## ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କୁ ଭେଟିଲେ ସାଂସଦ

କିଶୋରନଗର, ୨।୮ (ସମିସ): ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପୂର୍ବତନ ମଣ୍ଡଳ ସଭାପତି ଖଣ୍ଡହତା ଗାଁର ଅର୍ଜୁନ ପାଣ୍ଡେ କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ଖବର ପାଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ରବିବାର ତାଙ୍କୁ ବାସଭବନରେ ଭେଟିଛନ୍ତି। ତାଙ୍କ ସହ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝି



ଆରୋଗ୍ୟ କାମନା କରିଛନ୍ତି। ସାଂସଦଙ୍କ ସହ କିଶୋରନଗର ବିଜେପି ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ବରିଷ୍ଠ ବିଜେପି ନେତା ହୃଦାନନ୍ଦ ପ୍ରଧାନ, ଅଜିତ୍ ପ୍ରଧାନ, ରତ୍ନାକର ପ୍ରଧାନ, ସୁଧାସାଗର ପ୍ରଧାନ, ଅଖିଳ ପ୍ରଧାନ, ଯୁବନେତା ଜିତେନ୍ଦ୍ର ସାହୁ, ଚିକୁନ ବିଶ୍ୱାଳ, ସଞ୍ଜୟ ବେହେରା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ବୃଦ୍ଧ ମୃତ

ତାଳଚେର, ୨।୮ (ସମିସ): ୧୪୯ ନମ୍ବର ଜାତୀୟ ରାଜପଥର ତାଳଚେର ଟାଉନ ଥାନା ଅନ୍ତର୍ଗତ ବାଙ୍କଧରା ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତାଳଚେର ରେମୁଆଁ ଅଞ୍ଚଳର ଚରଣ ସାହୁ। ଚରଣ ବାଙ୍କଧରା ଛକରେ ନିଜ ସ୍କୁଟି ରଖି ତାଙ୍କର ଜଣେ ବନ୍ଧୁଙ୍କୁ ଅପେକ୍ଷା କରିଥିଲେ। ଅଚାନକ ଏକ ଦ୍ରୁତଗାମୀ କୋଇଲା ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଦୁର୍ଘଟଣସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ୍ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମଣ୍ଡାପାଳ ଡାକ୍ତରଖାନା ପଠାଇଛି। ୧୪୯ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଥିବା ବେଳେ ବର୍ଷା ଯୋଗୁଁ ରାସ୍ତା କର୍ଦ୍ଦମାକ୍ତ ଓ ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତାରେ ଦୈନିକ ହଜାର ହଜାର ଭାରୀଯାନ ଚଳାଚଳ କରିଥାଏ। ଫଳରେ ରାସ୍ତା ସଙ୍କୁଚିତ ହେବାସହ ଖାଲଖମା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଥିବା ଅନେକ ଦୃଷ୍ଟାନ୍ତ ରହିଛି। ଏପରିକି ଅଧିକାଂଶ ଟ୍ରକରେ ହେଲପର ରହୁ ନ ଥିବାରୁ ଚାଳକ ରାସ୍ତାର ଉଭୟ ପାର୍ଶ୍ୱକୁ ଦେଖିପାରୁ ନ ଥିବାରୁ ମଧ୍ୟ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଓ ପରିବହନ ବିଭାଗ ଦୃଷ୍ଟି ଦେବାକୁ ସଧାରଣରେ ଦାବି ହେଉଛି।

## ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ନିଖୋଜ

ତାଳଚେର, ୨।୮ (ସମିସ): ତାଳଚେର ବ୍ଲକ କଙ୍କିଲି ପଞ୍ଚାୟତ କାକୁଡ଼ି ଗ୍ରାମ ଦେଇ ବୋହିଯାଇଥିବା ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଗ୍ରାମର ଅଂଶୁମାନ ପଟ୍ଟନାୟକ। ମିଳିଥିବା ସୂଚନା ଅନୁଯାୟୀ ରବିବାର ଅପରାହ୍ନରେ ୩ଜଣ ଯୁବକ ନଦୀକୁ ଗାଧୋଇବାକୁ ଯାଇଥିଲେ। ଜଣେ କୂଳରେ ଥିବା ବେଳେ ଦୁଇଜଣ ନଦୀ ଭିତରକୁ ପଶିଥିଲେ। ତେବେ ନଦୀରେ ଏବେ ପ୍ରଖର ସ୍ରୋତ ଥିବାରୁ ଉଭୟ ଭାସିଯାଇଥିଲେ। ୧ନଂ ୱାର୍ଡର ରଞ୍ଜନ ଦାସଙ୍କ ପୁଅ ରାହୁଲ ଦାସଙ୍କୁ ଜଣେ ସିକ୍ୟୁରିଟି ଗାର୍ଡ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ମଣ୍ଡାପାଳ ଡାକ୍ତରଖାନା ପଠାଇଥିଲେ। ତେବେ ଅଂଶୁମାନ ଗଭୀର ନଦୀକୁ ଚାଲିଯାଇଥିଲେ। ଖବର ପାଇ ତାଳଚେର ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ଓ ତାଳଚେର ଓଡ୍ରାଫ ଟିମ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଚଳାଇଥିଲେ ମଧ୍ୟ ଅଂଶୁମାନଙ୍କ ପତ୍ତା ମିଳିନାହିଁ।

## ନିଖୋଜ ବୃଦ୍ଧାଙ୍କ ମୃତଦେହ ନାଳରୁ ଉଦ୍ଧାର



କଣିହାଁ, ୨।୮ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଇଣ୍ଡା ଗ୍ରାମର କଦଳ ବେହେରା (୬୫)ଙ୍କ ମୃତଦେହ ରବିବାର ମଧ୍ୟାହ୍ନରେ ନୂଆମୁଣ୍ଡା ନାଳରୁ ଉଦ୍ଧାର ହୋଇଛି। ଶନିବାର ସେ ଚାଷକାମ ପାଇଁ ଘରୁ ବାହାରି ଯାଇ ଫେରି ନ ଥିବାରୁ ବୋହୂ ଚୁମୁକୀ ବେହେରା କଣିହାଁ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ରବିବାର ସକାଳେ ଗ୍ରାମବାସୀ ନାଳରେ ମୃତଦେହ ଭାସୁଥିବା ଦେଖି ପୁଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। କଣିହାଁ ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିବା ପରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା କଣିହାଁ ଆଇଆଇସି ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

କିଶୋରନଗର, ୨।୮ (ସମିସ): କିଶୋରନଗର ବରପଡ଼ିଆରେ ବ୍ଲକସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଶନିବାର ବ୍ଲକ ସଭାଗୃହରେ ବିଡିଓ ଶୁଭକାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଏସଏସଓ ଝସକେତନ ସାହୁ ପୂର୍ବ ବର୍ଷର ସ୍ୱାଧୀନତା ଦିବସ ପାଳନ ସମ୍ପର୍କିତ ବିବରଣୀ ପାଠ କରିଥିଲେ। ଆଗାମୀ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆସନ୍ତା ୧୦ ତାରିଖ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଡିଗ୍ରୀ କଲେଜରେ ୩୩ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ସଙ୍ଗୀତ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସ ଦିନ ପୁରସ୍କୃତ କରାଯିବ। ଏଥିସହ ଚଳିତ ବର୍ଷ ମାଟ୍ରିକ, ସିବିଏସଇ, +୨ ଓ +୩ ପରୀକ୍ଷାରେ ବ୍ଲକ ଅଞ୍ଚଳରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସଦାଶିବ ଦେହୁରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ଏବିଡିଓ ହିମାଂଶୁ ଶେଖର ନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଯତୀନ ଦେହୁରୀ, ମନୋରଞ୍ଜନ ପ୍ରଧାନ, ସଭ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଦେହୁରୀ, ଏବିଇଓ ରମଣୀ ରଞ୍ଜନ ସାହୁ, ସଭ୍ୟ ତଥା ସମ୍ବାଦିକ ସଞ୍ଜୟ ଦାଶ, ଦେବରାଜ ପ୍ରଧାନ, ସଂଗ୍ରାମ କେଶରୀ ପୃଷ୍ଟି, ସୁପ୍ରଭା ସାହୁ, ବସନ୍ତ ପ୍ରଧାନ, ସିଡିପିଓ ଭାଗ୍ୟଲତା ସେଠୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



## ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ




ଅନୁଗୋଳ, ୨।୮ (ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ମୋ ଭାରତ ପକ୍ଷରୁ ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଦେଶର ୧୦,୦୦୦ରୁ ଊର୍ଦ୍ଧ୍ୱ ସ୍ଥାନରୁ କୋଟିଏରୁ ଅଧିକ ଯୁବବର୍ଗଙ୍କୁ ସମ୍ବୋଧିତ କରି ନିଶାମୁକ୍ତ ଭାରତ ଗଠନ ଏବଂ ବିକଶିତ ଭାରତ ୨୦୪୭ର ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅନୁଗୋଳ ଜିଲ୍ଲାର ୨୦୦ରୁ ଊର୍ଦ୍ଧ୍ୱ ଯୁବକଯୁବତୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏଡିପିଏଚଓ କୃଷ୍ଣଚନ୍ଦ୍ର ପାଲ, ଅନୁଗୋଳ ମହିଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପିକା ସଞ୍ଜିତା ସିଂସାମନ୍ତ, ମେରା ଯୁବା ଭାରତର ଜିଲ୍ଲା ଯୁବ ଅଧିକାରୀ ପୂଜା ଯାଦବ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ସାହୁ, ନୋଡାଲ ଏନ୍‌ଏସ୍‌ଏସ୍ ଅଧିକାରୀ ଡା. ଗୌରୀଶଙ୍କର ଜେନା ଏବଂ ଏବିଭିପି ରାଜ୍ୟ ସହସମ୍ପାଦକ ଆଶିଷ କୁମାର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ ଅନୁଷ୍ଠାନ ଉତ୍କର୍ଷ ପରିବାରର ସଭାପତି ଭୀଷ୍ମ ସାହୁ, ସମ୍ପାଦକ ହୋମଦ୍ୟୁତି ବେହେରା, ମେରା ଯୁବା ଭାରତର ସଂଯୋଜକ ତପନ କୁମାର ସାମଲ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଶ୍ୱ ଆଦିବାସୀ ଦିବସ ପାଳନ ପ୍ରସ୍ତୁତି ବୈଠକ



କିଶୋରନଗର, ୨।୮ (ସମିସ): ଆସନ୍ତା ଅଗଷ୍ଟ ୯ ତାରିଖ କିଶୋରନଗରଠାରେ ପାଳିତ ହେବାକୁ ଥିବା ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ଜଙ୍ଘା ବଡ଼ଦେଓ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଗୁଣିଚରଣ ନାୟକ, ସମ୍ପାଦକ ସୋମନାଥ ମାଝୀ, ଗୋଣ୍ଡ ସମାଜ ଜିଲ୍ଲା ସଭାପତି ସଦାଶିବ ନାୟକ, ଆଠମଲ୍ଲିକ ଗୋଣ୍ଡ ପରିଷଦ ସଭାପତି ପ୍ରସନ୍ନ କୁମାର ନାୟକ ଓ ସଚିବ ସାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋଡ଼ା ସମାଜ ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ପଧାନ, ଆଠମଲ୍ଲିକ ବ୍ଲକ ସଭାପତି ପ୍ରସନ୍ନ କୁମାର ନାୟକ, କିଶୋରନଗର ବ୍ଲକ ସଭାପତି ସଞ୍ଜୀବ କୁମାର ପାତ୍ର, ଭଜମନ ନାୟକଙ୍କ ସମେତ ସମ୍ମିଳିତ ଆଦିବାସୀ ସମାଜର ବହୁ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଦିବାସୀ ଦିବସକୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଅନୁଗୋଳ, ୨।୮ (ସମିସ): ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବନ୍ତଲା ଶ୍ରୀ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କେଶବ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ମନସ୍କ ହେବା ଓ ଦୈନନ୍ଦିନ ଜୀବନରେ ବିଜ୍ଞାନର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସଭାପତି ଡା. ସୁଧାକର ପାଲ, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରକାଶ କୁମାର ସାହୁ, ସଭ୍ୟ ବୁଲୁ ବେହେରା, ଯୁକ୍ତଦୁଇ ଅଧ୍ୟକ୍ଷ ସିଦ୍ଧନାଥ ସାହୁ, ସହ ପ୍ରଧାନଆଚାର୍ଯ୍ୟ ସୁରେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କୁନି ବିଜ୍ଞାନୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଆଲୋକ ଭୋଇ ଅତିଥି ପରିଚୟ ସହ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ଶିଶୁ, ବାଲ୍, କିଶୋର ଓ ତରୁଣ ବର୍ଗର ମୋଟ ୬୧୮ ଛାତ୍ରଛାତ୍ରୀ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ପୁରସ୍କୃତ କରାଯିବା ସହ ଆଗାମୀ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଚୟନ କରାଯାଇଛି। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ସୌଦାମିନୀ ସାହୁ ତଥା ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ଚାଲାଣ ବିରୋଧରେ ବିଶ୍ୱ ଯୁବକେନ୍ଦ୍ରର ନିଷ୍ପତ୍ତିମୂଳକ ଲଢ଼େଇ

କିଶୋରନଗର, ୨।୮ (ସମିସ)

ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ଅବସରରେ ନୂଆଦିଲ୍ଲୀଠାରେ ଆରମ୍ଭ ହୋଇଥିବା ‘ନ୍ୟାସନାଲ କ୍ୟାମ୍ପେନ୍ ଏଗେନ୍‌ଷ୍ଟ ଚାଇଲ୍ଡ ଟ୍ରାଫିକିଂ’ ପରିପ୍ରେକ୍ଷୀରେ ଶିଶୁ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଯୁବକେନ୍ଦ୍ର ଶିଶୁ ଚାଲାଣ ବିରୋଧରେ ଏକ ନିଷ୍ପତ୍ତିମୂଳକ ଲଢ଼େଇ ଘୋଷଣା କରିଛି। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ କହିଛନ୍ତି ଯେ ସରକାର, ପ୍ରଶାସନ ଓ ନାଗରିକଙ୍କ ସହଯୋଗରେ ଜିଲ୍ଲାଗୁଡ଼ିକରେ ଶିଶୁ ଚାଲାଣକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ସଂସ୍ଥା ପ୍ରତିବଦ୍ଧ। ଶିଶୁ ଚାଲାଣ ରୋକିବା ନିମନ୍ତେ ଜିଲ୍ଲା ସ୍ତରରେ ସଚେତନତା ଅଭିଯାନ ଚଳାଇବା ସହ ଚାଲାଣକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଏହାସହ ସରକାର ଓ ପ୍ରଶାସନର ସହଯୋଗରେ ସମାଜର ଅବହେଳିତ ଓ ଆର୍ଥିକ ଭାବେ ଦୁର୍ବଳ ପରିବାରଗୁଡ଼ିକୁ ଚିହ୍ନଟ କରାଯାଇ ସେମାନଙ୍କୁ ଏବଂ ସେମାନଙ୍କ ଶିଶୁମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ସହ ଯୋଡ଼ାଯିବ। ଏହାଦ୍ୱାରା ଶିଶୁମାନେ ପାଠପଢ଼ା ଜାରି ରଖିପାରିବେ ଏବଂ ଶିଶୁ ଚାଲାଣ ଚକ୍ରବ୍ୟୂହ କବଳରୁ ସୁରକ୍ଷିତ ରହିପାରିବେ।

ଶିଶୁ ଚାଲାଣ ବିରୋଧରେ ଏହି ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିବାର ନିଷ୍ପତ୍ତି ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ୍ କ୍ଲବ୍‌ରେ ଆୟୋଜିତ ହୋଇଥିଲା।




ଶିଶୁ ସୁରକ୍ଷା ଉପରେ ଚାରିଦିନିଆ ଜାତୀୟ ପରାମର୍ଶ ବୈଠକ ହେବା ସହ ଶିଶୁ ଅଧିକାର ସୁରକ୍ଷା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ୨୫୦ରୁ ଅଧିକ ନାଗରିକ ସମାଜ ସଂସ୍ଥାର ନେଟୱର୍କ ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍‌ର ସହଯୋଗୀ ସଂସ୍ଥାମାନଙ୍କ ପ୍ରତିନିଧିମାନେ ଦେଶର ୭୮୨ଟି ଜିଲ୍ଲାରୁ ଏହି ପରାମର୍ଶ ବୈଠକରେ ଯୋଗ ଦେଇଥିଲେ। ଏହି ଅଭିଯାନ ୨୦୩୦ ପର୍ଯ୍ୟନ୍ତ ଚାଲିବ। ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍ ବିଶ୍ୱର ସବୁଠାରୁ ବଡ଼ କାର୍ଯ୍ୟକ୍ରମ ଯେଉଁଥିରେ ଆଇନର ସହଯୋଗ ରହିଛି। ଏହାର ସହଯୋଗୀ ସଂଗଠନମାନଙ୍କ ଉଦ୍ୟମ ଫଳରେ ୨୦୨୩ ଏପ୍ରିଲ୍‌ରୁ ୨୦୨୫ ଡିସେମ୍ବର ମଧ୍ୟରେ ସାରା ଦେଶରେ ୧, ୨୨, ୫୧୬ ଶିଶୁଙ୍କୁ ଚାଲାଣରୁ ରକ୍ଷା କରାଯାଇଛି। ବିଶ୍ୱ ଯୁବକେନ୍ଦ୍ର ହେଉଛି ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍‌ର ଏକ ସହଯୋଗୀ ସଂସ୍ଥା। ପରାମର୍ଶ ବୈଠକର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରୀୟ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର କହିଲେ ଯେ କୌଣସି ଶିଶୁର ଜୀବନ ବଞ୍ଚାଇବା ହେଉଛି ସବୁଠାରୁ ମହତ୍ କାର୍ଯ୍ୟ। ଅଳ୍ପ ବୟସର ଝିଅମାନେ ଚାଲାଣର ଶିକାର ହୋଇଥାନ୍ତି ଏବଂ ଅନେକ ସମୟରେ ସେମାନେ ଆଉ ନିଜ ଘରକୁ ଫେରିପାରନ୍ତି ନାହିଁ। ଏଭଳି ଶିଶୁମାନଙ୍କୁ ସହାୟତା ଓ ଉଦ୍ଧାରର ଆବଶ୍ୟକତା ରହିଥାଏ। ସେମାନଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ କାର୍ଯ୍ୟ କରୁଥିବା ନାଗରିକ ସମାଜ ସଂଗଠନର ସ୍ୱେଚ୍ଛାସେବୀମାନେ କୌଣସି ରକ୍ଷକଠାରୁ କମ୍ ନୁହନ୍ତି ବୋଲି ସେ କହିଥିଲେ।

ଏହି ଅବସରରେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର କହିଥିଲେ ଯେ ଦେଶରେ ପ୍ରତିଦିନ ପ୍ରାୟ ୬ ଜଣ ଶିଶୁ ଚାଲାଣର ଶିକାର ହେଉଛନ୍ତି ଏବଂ ୫ ଶିଶୁଙ୍କୁ ବାଧ୍ୟତାମୂଳକ ଶ୍ରମରେ ନିୟୋଜିତ କରାଯାଉଛି। ସରକାରୀ ତଥ୍ୟ ଅନୁସାରେ ପ୍ରତି ଘଣ୍ଟାରେ ୧୧ ଶିଶୁ ନିଖୋଜ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଚାଲାଣର ଶିକାର ହୋଇଥାନ୍ତି। ମାନବ ଚାଲାଣ ହେଉଛି ଅସ୍ତ୍ର ଓ ନିଶାଦ୍ରବ୍ୟ ବ୍ୟବସାୟ ପରେ ବିଶ୍ୱର ତୃତୀୟ ସର୍ବବୃହତ ସଂଗଠିତ ଅପରାଧ। ମହିଳା ଓ ଶିଶୁମାନେ ବିଶେଷ ଭାବେ ଏହି ଅପରାଧ ଚକ୍ରବ୍ୟୂହର ଶିକାର ହୋଇଥାନ୍ତି। ଅସଂଗଠିତ କ୍ଷେତ୍ରରେ ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ କରିବା ଶିଶୁ ଚାଲାଣର ଏକ ଅତ୍ୟନ୍ତ ମାର୍ମିକ ରୂପ। ଶିଶୁ ଚାଲାଣକାରୀମାନେ ସବୁବେଳେ ବାହାରୁ ଆସନ୍ତି ନାହିଁ। ଅନେକ ସମୟରେ ସେମାନେ ଆଖପାଖ ଅଞ୍ଚଳର ହୋଇଥାନ୍ତି ଏବଂ ଆର୍ଥିକ ଭାବେ ଦୁର୍ବଳ ପରିବାରର ଶିଶୁଙ୍କୁ ଚାକିରି କିମ୍ବା ଭଲ ଜୀବନର ପ୍ରଲୋଭନ ଦେଇ ସାଙ୍ଗରେ ନେଇଯାଇଥାନ୍ତି। ପରେ ସେମାନଙ୍କୁ ଯୌନ ଶୋଷଣ, ଭିକ୍ଷାବୃତ୍ତି ଓ ବନ୍ଧକ ଶ୍ରମ ଭଳି ପରିସ୍ଥିତିକୁ ଠେଲି ଦିଆଯାଇଥାଏ।

ଆମର ପ୍ରମୁଖ ଦାୟିତ୍ୱ ଶିଶୁ ଚାଲାଣର ପ୍ରତିରୋଧ ଏବଂ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବା। ସରକାର ଓ ପ୍ରଶାସନ ସହଯୋଗରେ ଆମେ ଅବହେଳିତ ଓ ଦୁର୍ବଳ ପରିବାରମାନଙ୍କୁ ଚିହ୍ନଟ କରିବୁ ଏବଂ ସେମାନଙ୍କ ଶିଶୁମାନଙ୍କୁ ସରକାରୀ ଯୋଜନା ସହ ଯୋଡ଼ିବୁ, ଯାହାଦ୍ୱାରା ସେମାନେ ପାଠପଢ଼ା ଜାରି ରଖିପାରିବେ ଓ ଚାଲାଣ କବଳରେ ପଡ଼ିବାରୁ ବର୍ତ୍ତିପାରିବେ। ସେହିପରି, ଚାଲାଣରୁ ଉଦ୍ଧାର ହୋଇଥିବା ଶିଶୁମାନଙ୍କର ଯଥାର୍ଥ ପୁନର୍ବାସ ସୁନିଶ୍ଚିତ କରାଯିବ, ଯାହାଦ୍ୱାରା ସେମାନେ ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ମହାପାତ୍ର କହିଥିଲେ।

## ବନ୍ୟା ବିପନ୍ନଙ୍କ ପାଖରେ ଜିଲ୍ଲା ପ୍ରଶାସନ

# ଜାରି ରହିଛି ରିଲିଫ୍ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ



ଜଗତସିଂହପୁର,୨।୮ (ସମିସ)

ଜିଲ୍ଲାପାଳ ଜେ. ସୋନାଲଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ଜିଲ୍ଲାରେ ବନ୍ୟାଜନିତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଆଜି ଅପରାହ୍ନ ୫ଟା ସୁଦ୍ଧା ଜିଲ୍ଲାରେ ବନ୍ୟାଜଳ ଯୋଗୁଁ ପ୍ରଭାବ ପଡ଼ିଥିଲେ ହେଁ ସମସ୍ତ ନଦୀର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ଜିଲ୍ଲା ପ୍ରଶାସନ ଦ୍ୱାରା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲ୍ଲାର ସମୁଦାୟ ୬ଟି ବ୍ଲକ୍ ତିର୍ତ୍ତୋଲ, କୁଜଙ୍ଗ, ବିରିଡି, ରଘୁନାଥପୁର, ନାଉଗାଁ ଓ ବାଲିକୁଦା ବ୍ଲକ୍ର ୩୧ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ମୋଟ ୪୭ଟି ମାଗଣା ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲାଯାଇ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଜରୁରୀକାଳୀନ ସହାୟତା ସ୍ୱରୂପ ପ୍ରଶାସନ ପକ୍ଷରୁ ବ୍ୟାପକ ସାମଗ୍ରୀ ବଣ୍ଟନ କରାଯାଉଛି। ଆଜି ସୁଦ୍ଧା ୫୬.୧୩ କ୍ୱିଣ୍ଟାଲ୍ ଚୁଡ଼ା, ୩୩.୮୨ କ୍ୱିଣ୍ଟାଲ୍ ଗୁଡ଼, ୬୬୧ଟି ପଲିଥିନ୍, ୫୭ କାର୍ଟୁନ୍ ବିସ୍କୁଟ, ୧୮୦ ପ୍ୟାକେଟ ମହମବତି, ୧୬୦ ପ୍ୟାକେଟ ଦିଆସିଲି ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ଓ ପ୍ରାଣିସେବା ପାଇଁ ପ୍ରଶାସନ ପକ୍ଷରୁ ୧୧ଟି ଡାକ୍ତରୀ ଟିମ୍ ଏବଂ ୮ଟି ପ୍ରାଣୀ ଚିକିତ୍ସା ଟିମ୍ ନିୟୋଜିତ କରାଯାଇଛି। ନଦୀଗୁଡ଼ିକର ଜଳସ୍ତର ସ୍ଥିର ଥିଲେ ହେଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସ୍ଥିତି ଉପରେ କଡ଼ା ନଜର ରଖି ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଆଜି ଅଭାସୀ ମାଧ୍ୟମରେ ଜିଲ୍ଲାପାଳ ଜେ. ସୋନାଲ ସମସ୍ତ ବରିଷ୍ଠ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଭାଗୀୟ ଅଧିକାରୀ ଓ ପୁଲିସ ପ୍ରଶାସନ ସହ ବନ୍ୟା ପରିସ୍ଥିତି ସମୀକ୍ଷା କରିବା ସହ ପ୍ରଭାବିତ ପରିବାର ମାନଙ୍କୁ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକରେ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ସିଏଚ୍ଓମାନେ ଓଆରଏସ, ଆବଶ୍ୟକ ଔଷଧ, ହାଲୋଜେନ୍ ବଟିକା ବଣ୍ଟନ କରୁଛନ୍ତି। କୂଅଗୁଡ଼ିକର ବିଶୋଧନ, ଆବଶ୍ୟକତା ଅନୁଯାୟୀ ସାନିଟାରୀ ନାପକିନ୍ ବଣ୍ଟନ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବା ଦିଗରେ ମଧ୍ୟ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହା ସହିତ, ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବନ୍ୟାଜନିତ କ୍ଷୟକ୍ଷତିର ସବିଶେଷ ଆକଳନ କାର୍ଯ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ରହିଛି। ଏ ନେଇ ଆଜି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ତିର୍ତ୍ତୋଲ ବ୍ଲକ୍ ସମ୍ମିଳନୀ କକ୍ଷରେ ବିଡିଓ ତହସିଲଦାର ଓ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କ୍ଷୟକ୍ଷତିର ଆକଳନ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ବୋଲବମ୍ ଶ୍ରଦ୍ଧାଳୁ (କାଉଡ଼ିଆ) ଏବଂ ସାଧାରଣ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସ୍ନାନ ଓ ଜଳ ଉଠାଇବା ଉପରେ ଗୁରୁତ୍ୱପୂର୍ଣ୍ଣ କଟକଣା ଜାରି କରାଯାଇଛି। ଜିଲ୍ଲାପାଳ, ଜଗତସିଂହପୁରଙ୍କ ସ୍ପଷ୍ଟ ନିର୍ଦ୍ଦେଶକ୍ରମେ ପୁଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ବ୍ୟାରିକେଡ୍ ସ୍ଥାପନ କରାଯାଇ ସତର୍କ ସୂଚନା ଲଗାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ବିଡ଼ିଓ, ତହସିଲଦାର, ପୋଲିସ, ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ସୁରକ୍ଷା ଯାଞ୍ଚ କରିଛନ୍ତି।



ବନ୍ୟା ଯୋଗୁଁ କାଉଡ଼ିଆଙ୍କୁ ନଦୀ ଘାଟରେ କଟକଣା

## ବାନାମ୍ବର ଘାଟରୁ ପାଣି ଉଠାଇଲେ କାଉଡ଼ିଆ



ରଘୁନାଥପୁର,୨।୮ (ସମିସ): ଶ୍ରାବଣ ମାସ ପ୍ରଥମ ସୋମବାରରେ ବିଭିନ୍ନ ଶୈବ ପୀଠରେ ଜଳ ଲାଗି ପାଇଁ ରଘୁନାଥପୁର ବ୍ଲକ ତାରପୁର ମହାନଦୀ କୂଳରେ ବାନାମ୍ବର ଘଟରୁ ୫ ହଜାରରୁ ଉର୍ଦ୍ଧ୍ୱ କାଉଡିଆ ପାଣି ଉଠାଇଛନ୍ତି। ରବିବାର ସକାଳୁ ଘାଟକୁ ମାନସିକଧାରୀଙ୍କ ଆଗମନ ଦେଖିବାକୁ ମିଳିଥିଲା। ଅପରାହ୍ନରେ ଏହା କ୍ରମଶଃ ବୃଦ୍ଧି ଦେଖିବାକୁ ମିଳିଥିଲା। ପ୍ରଥମ ପାଳି ହେତୁ ବିଭିନ୍ନ ସ୍ଥାନରୁ ପାଣି ଉଠାଇବା ପାଇଁ ଆସିଥିବା ବୋଲବମ ଭକ୍ତ ସେମାନଙ୍କ ଯାନବାହନ ନଦୀବନ୍ଧରେ ରଖି ଦେବାରୁ ଟ୍ରାଫିକ ଯାମ ହୋଇଥିଲା। କାଉଡିଆ ପାଣି ଆଣିବା ପରେ ଏହାକୁ ପୂଜାର୍ଚ୍ଚନା କରିଥିଲେ। ପରେ ବାନାମ୍ବର ମହାଦେବଙ୍କ ଚତୁପାର୍ଶ୍ୱର୍ରେ ପରିଭ୍ରମଣ କରି ବନ୍ତବ୍ୟ ସ୍ଥାନକୁ ଯାତ୍ରା କରିଥିଲେ। ଏଠାରୁ ପାଣି ନେଇ ଶ୍ରଦ୍ଧାଳୁ କାଉଡ଼ିଆ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ସର୍ପେଶ୍ୱର ଓ ଅନ୍ୟାନ୍ୟ ଶୈବପୀଠକୁ ଯାତ୍ରା କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ପାଣି ଉଠା ସ୍ଥଳରେ ରଘୁନାଥପୁର ଥାନା ପୁଲିସ ଓ ଫାୟାର ଅଫିସ ତରଫରୁ ସୁରକ୍ଷା ଯୋଗାଇଦିଆଯାଇଥିଲା। ଏହା ଛଡା ତାରପୁର ବାଇପାସ ଠାରୁ ଜଇପୁର ଛକ ପର୍ଯ୍ୟନ୍ତ କାଉଡିଆଙ୍କ ଲମ୍ବା ଲାଇନ ଲାଗିଥିବା ରାସ୍ତାରେ ରଘୁନାଥପୁର ଆଇଆଇସି ପ୍ରେମଜିତ ଦାସ ନିଜେ ଉପସ୍ଥିତ ରହି ପାଟ୍ରୋଲିଂ ତଦାରଖ କରୁଥିଲେ। ବାନାମ୍ବର ମନ୍ଦିର ପୂଜା କମିଟି ପକ୍ଷରୁ ବିଷ୍ଣୁ ବିଶ୍ୱାଳ, ଜଗବନ୍ଧୁ ରାଉତ, ମଧୁସୂଦନ ସାହୁ, ପ୍ରତାପ ରାଉତ, ବସନ୍ତ କୁମାର ଦାଶ, ଦିଲୀପ ମହାରଣା, ସୁଶାନ୍ତ ପରିଡା, ରବୀନ୍ଦ୍ର ନାୟକ, ବିଜୟ ଦାସ, ରାଜକୁମାର ଦାଶ, ମିକୁ ବେଉରା ଓ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାକର ମଲ୍ଲିକ ଉପସ୍ଥିତ ରହି କାଉଡିଆ ମାନଙ୍କୁ ସହଯୋଗ କରିଥିଲେ।

## ମହିମା ମେମୋରିଆଲ କ୍ଲବର ରିଲିଫ୍ ବଣ୍ଟନ



କୁଜଙ୍ଗ,୨।୮ (ସମିସ): ବନ୍ୟା ଜଳରେ ସମ୍ପୂର୍ଣ୍ଣ ପ୍ରଭାବିତ ବଡ଼ବାଲିକଣି ପଞ୍ଚାୟତର କାଳିକୁଦ ଓ ଚୌଧୁରୀକୁଦ ଗ୍ରାମରେ ମହିମା ମେମୋରିଆଲ କ୍ଲବ ବଡ଼ ବାଲିକଣି ପକ୍ଷରୁ ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଆଜି ଅପରାହ୍ନରେ ଜଳବନ୍ଦୀ ଅଞ୍ଚଳ, ଲୋକଙ୍କ ଦୈନନ୍ଦିନ ଜୀବନ, ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବାସ୍ତବ ସ୍ଥିତି ବୁଝିଥିଲେ ଯୁବକ ସଂଘର ସଦସ୍ୟ ମାନେ। କ୍ଲବ ସଭାପତି ଦିବ୍ୟ ରଞ୍ଜନ ଦାସ, ଉପସଭାପତି ସୁଜିତ୍ କୁମାର ପରିଡ଼ାଙ୍କ ସହ କ୍ଲବ୍ର ଅନ୍ୟ ସଦସ୍ୟ ମାନେ ଚୁଡ଼ା ବସ୍ତା ସହ ଅନ୍ୟାନ୍ୟ ସାମଗ୍ରୀ ନେଇ ବଣ୍ଟନ କରିଥିଲେ।

## ନଦୀ ବନ୍ଧ ଅନୁଧ୍ୟାନ କଲେ ବିଧାୟକ



ଜଗତସିଂହପୁର,୨।୮ (ସମିସ): ପ୍ରବାହିତ ଦେବୀ ନଦୀରେ ବନ୍ୟା ଜଳ ବୃଦ୍ଧି ପାଇବାରୁ ନାଉଗାଁ ବ୍ଲକର ବଛାଳ ପଞ୍ଚାୟତର ଦୁଇ ଗାଁ ପୋକାମୂଳ, ବ୍ରାହ୍ମଣୀ ଗାଁର ବାସିନ୍ଦା ଜଳ ବନ୍ଦୀ ହୋଇଥିଲେ। ଏହି ଖବର ମିଳିବା ପରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉକ୍ତ ଅଞ୍ଚଳ ଗସ୍ତ କରି ପୋକାମୂଳ ଗ୍ରାମର ୮୭ ପରିବାର, ବ୍ରାହ୍ମଣୀ ଗାଁର ପ୍ରାୟ ୫୦ ପରିବାରଙ୍କୁ ଶୁଖିଲା ଖାଦ୍ୟ, ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରିଥିଲେ। ଉକ୍ତ ଗାଁ ଚତୁପାଶ୍ୱର୍ ସମ୍ଭାବ୍ୟ ବନ୍ୟା ଆଶଙ୍କା ଥିବାରୁ ଉଭୟ ଗାଁର ବାସିନ୍ଦାଙ୍କୁ ଉଚ୍ଚ ସ୍ଥାନରେ ସରକାରଙ୍କ ନିରାପଦ ଆଶ୍ରୟ ସ୍ଥଳୀରେ ରହିବାକୁ ପରାମର୍ଶ ଦେଇଥିଲେ। ଏହା ପରେ ନାଉଗାଁର ଡାହାଣୀଖିଆ ନଦୀ ବନ୍ଧ, ଭଣ୍ଡି ସାହି, ଶୁଆକଣ, ଅଙ୍ଗେଶ୍ୱରପଡା ନଦୀ ବନ୍ଧ ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ସାହାଯ୍ୟ ସହଯୋଗ ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ୨ଟି ବୋଟ ବି ଯୋଗାଇ ଦିଆଯାଇଛି। ଉକ୍ତ ଗାଁର ବାସିନ୍ଦାମାନଙ୍କୁ ରନ୍ଧା ଖାଦ୍ୟ ବଛାଳ ହାଇସ୍କୁଲରେ ବ୍ୟବସ୍ଥା କରାଯାଇଛି। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ରିଲିଫ ବାଣ୍ଟିବା ସହ ବ୍ରାହ୍ମଣି ଗାଁ ପୋକାମୂଳ ଗ୍ରାମର ଗ୍ରାମବାସୀଙ୍କ ସହ ଆଲୋଚନା କରି ତାଙ୍କୁ ମନାଇ ଆଶ୍ରୟ ସ୍ଥଳରେ ରାତିରେ ରହିବା ପରାମର୍ଶ ଦେଇଥିଲେ। ଭୟଭୀତ ନ ହେବା ପାଇଁ ଗ୍ରାମବାସୀଙ୍କୁ କହିଛନ୍ତି।

## ସାମ୍ବାଦିକ ପ୍ରଭାକର ଦାସଙ୍କ ସ୍ମୃତିସଭା



ବାଲିକୁଦା,୨।୮ (ସମିସ): ବାଲିକୁଦା ବ୍ଲକର ପ୍ରଥମ ସାମ୍ବାଦିକ ତଥା ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ପ୍ରଭାକର ଦାସଙ୍କ ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତ ଖାଙ୍କରପୁରସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସ୍ମୃତିସଭାରେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଆଇନଜୀବୀ ଡ. ବୀରନାରାୟଣ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଡଲି ପଣ୍ଡା, ପଦ୍ମନାଭ ସ୍ୱାଇଁ, ସୁରେଶ ଚୌଧୁରୀ, ଅବସରପ୍ରାପ୍ତ ବ୍ଲକ ସହ ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାଉ, ରଞ୍ଜନ ମହାନ୍ତି, ରଞ୍ଜିତ ଦାସ, ଶଙ୍କର ମହାରଣା, ଶଙ୍କର ନନ୍ଦ, ସାମ୍ବାଦିକ ପ୍ରଣବ ପ୍ରଧାନ, ବିଧାନ ରାଉଳ, ତୀର୍ଥବାସୀ ଦାସ, ଅଜୟ ରାଉତ, ପରେଶ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାକେଶ ଦାସ, ରାଜେଶ ଦାସ, ବିପ୍ଳବ ଦାସ, ପ୍ରତ୍ୟୁଷ ଦାସ, ପ୍ରଭୁ, ସାଇ, ରୋଶନ ଓ ଗୋପାଳ ପ୍ରମୁଖ ପରିଚାଳନା କରିଥିବା ବେଳେ ଶିକ୍ଷକ ଦୁର୍ଗା ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ସହାୟତା



କୁଜଙ୍ଗ,୨।୮ (ସମିସ): ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ତାଳଦଣ୍ଡା, ସାହାରଡ଼ିଆ ଠାରେ ପାଣି ଘେରରେ ରହିଥିବା ଅସହାୟମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଡିହ ଉପରେ ଗ୍ରାମଠାରୁ ଦୂରରେ ରହିଥିବା ୫ଟି ପରିବାରକୁ ସହାୟତା ପ୍ରଦାନ କରାଯାଉଛି। ବ୍ରହ୍ମ ଜଗନ୍ନାଥ ମିଶନ ଅଧ୍ୟକ୍ଷ କ୍ୟାପଟେନ ଡ. ସଂଜୀବ କୁମାର ମୁଦୁଲି ଅସହାୟ ପରିବାରଙ୍କୁ ରିଲିଫ୍ ଯୋଗାଇଦେଉଛନ୍ତି।

## ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଜଗତସିଂହପୁର,୨।୮ (ସମିସ): ଜଗତସିଂହପୁର ସହରର ବଡ଼ବଜାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଜ୍ଞାନବିଜ୍ଞାନ ମେଳାକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପରିଡ଼ା ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଈଶ୍ୱରଚନ୍ଦ୍ର ନନ୍ଦ ସଭାପତିତ୍ୱ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନମଞ୍ଚ ପତ୍ରବାଚନ, ପ୍ରକଳ୍ପ, ପ୍ରୟୋଗ, ମୂର୍ତ୍ତିକଳା ଓ ଶିଶୁବାଟିକା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୪୫୦ରୁ ଉର୍ଦ୍ଧ୍ୱ ଶିଶୁ ଭାଗ ନେଇଥିଲେ। ସେହିପରି ବିଜ୍ଞାନ ମେଳାର ସମାରୋପ ସଭାରେ ପରିଚାଳନା ସମିତିର ଉପସଭାପତି ଡ. ଜ୍ୟୋତିର୍ମୟୀ ମହାନ୍ତି ଯୋଗଦେଇଥିଲେ। ଏଥିରେ ପ୍ରଧାନ ଆଚାର୍ଯ୍ୟ ମଧୁସ୍ମିତା ମହାନ୍ତି, ବିଜ୍ଞାନ ପ୍ରମୁଖ ଗୋବିନ୍ଦ ପ୍ରସାଦ ନାୟକ ପ୍ରମୁଖ ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ଅତିଥି ପରିଚୟ କରିଥିବା ବେଳେ, ବିଦ୍ୟାମନ୍ଦିର ପ୍ରମୁଖ ଶ୍ରୀକାନ୍ତ ରାଉତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ପ୍ରମୁଖ ଗୋବିନ୍ଦ ପ୍ରସାଦ ନାୟକ ବୃତ୍ତ କଥନ କରିଥିଲେ। ବିଜ୍ଞାନ ଆଚାର୍ଯ୍ୟା ଅମିତା ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ବିଭିନ୍ନ ବର୍ଗର ୧୭୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଯୋଗ ଅନୁଷ୍ଠାନ ଓ ଯୋଗ ସମିତିର ବୃକ୍ଷ ରୋପଣ

ପାରାଦୀପ,୨।୮ (ସମିସ): ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପାତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଗୁରୁ ବିଭୁତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃନ୍ଦାବନ କଲୋନୀ ଶିବ ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟ ଭାବେ ଚନ୍ଦନ, ରୁଦ୍ରାକ୍ଷ, ଅଁଳା ଇତ୍ୟାଦି ମୂଲ୍ୟବାନ ଗଛ ଲଗା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଅନୁଷ୍ଠାନର ସଦସ୍ୟ ଆଲୋକ ମହାପାତ୍ର, ତାପସ ମହାନ୍ତି, ଗୌତମ ନାୟକ, ପ୍ରଭାତ ମହାପାତ୍ର, ରଘୁନାଥ ରଣସିଂହ, କୁଳମଣି ସାହୁ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବାଇକ୍‌କୁ ଧକ୍କା ଦେଲା ଟ୍ରେଲର

ପାରାଦୀପ,୨।୮ (ସମିସ): ବନ୍ଦର ସହରରେ ଥିବା ସୁଭାଷ ବୋଷ ପ୍ରତିମୂର୍ତ୍ତି ନିକଟରେ ରାସ୍ତାରେ ଯାଉଥିବା ବାଇକ୍‌କୁ ସମାନ ଦିଗରୁ ଯାଉଥିବା ଏକ ଟ୍ରେଲର ଧକ୍କା ଦେବାରୁ ବାଇକ୍‌ଟି ଟ୍ରେଲର ଚକା ତଳେ ପଡିଯାଇଥିଲା। ବାଇକ ଚାଳକ ଅଳ୍ପକେ ମୃତ୍ୟୁ ମୁଖରୁ ରକ୍ଷା ପାଇଯାଇଥିଲେ। ତେବେ ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କ୍ଷତିପୂରଣ ପାଇଁ ସ୍ଥାନୀୟ ଲୋକେ ଅଡି ବସିଥିଲେ। ଶେଷରେ କଥା ଥାନା ପର୍ଯ୍ୟନ୍ତ ଯାଇଥିଲା। ପରେ ସମସ୍ୟାର ସମାଧାନ ହୋଇଥିଲା। ଅଠରବାଙ୍କୀ ଆଡୁ ବଡ଼ପଡ଼ିଆ ଆସିଲା ବେଳେ ସମସ୍ତ ଗାଡି ଗୁଡିକ ନିୟନ୍ତ୍ରଣ ବାହାରେ ଗାଡି ଚଳାଇ ଏହି ଥାନା ଛକ ରାସ୍ତା ତା ସହିତ ସୁଭାଷ ବୋଷ ପ୍ରତିମୂର୍ତ୍ତି ପାଖ ରାସ୍ତା ପାର ହେଉଛନ୍ତି। ସେଠାରେ ନାଁ ଅଛି ହମ୍ପସ ନାଁ ଅଛନ୍ତି ଟ୍ରାଫିକ କର୍ମଚାରୀ। ପୁଣି ସେହି ଗୋଲେଇ ଛକ ଉପରେ ହିଁ ପାରାଦୀପ ମଡେଲ ଥାନା। ରାତି ପହିଲେ ଛକରେ ପୁଲିସ ମାଳ ମାଳ। ସେଠାରେ ଏଭଳି ପ୍ରତ୍ୟକ ଦିନ ଛୋଟ ବଡ ଦୁର୍ଘଟଣା ମାନ ଘଟୁଛି। ଏହି ସମସ୍ୟା ପ୍ରତି କାହାର ନିଘା ନାହିଁ। ତୁରନ୍ତ ହମ୍ପସ ନିର୍ମାଣ କରାଯିବା ସହିତ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ସାଧାରଣ ରେ ଦାବି ହେଉଛି।

## ଛାତ୍ରଙ୍କ ଆତ୍ମହତ୍ୟା

ବାଲିକୁଦା,୨।୮ (ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଇଛାପୁର ପଞ୍ଚାୟତର ଗଣ୍ଡକୁଳ ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ହେଲେ ସନ୍ତୋଷ ନାୟକଙ୍କ ପୁଅ ସନ୍ଦୀପ କୁମାର ନାୟକ (୧୩, ସାନୁ)। ସେ ଶିଡ଼ି ଘରେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ କର୍ତ୍ତବ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିକୁଦା ପୁଲିସ ଶବକୁ ଜବତ କରି ଆଇନଗତ ପ୍ରକ୍ରିୟା ଆରମ୍ଭ କରିଛି। ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ସୋମବାର ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ କରାଯିବ।

## ଯୁବକଙ୍କୁ ଉଠାଇନେଲେ କୋଷ୍ଟଗାର୍ଡ ଯବାନ

ପାରାଦୀପ, ୨।୮ (ସମିସ): ବ୍ୟାଙ୍କ ଷ୍ଟ୍ରିଟ ପାଖରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ କୋଷ୍ଟଗାର୍ଡ ଯବାନଙ୍କ ଦାଦାଗିରି। ପୁଲିସକୁ ନ ଜଣାଇ ବାଇକ୍‌ରେ ଉଠାଇ ନେବା ସହିତ ଯୁବକଙ୍କୁ ଘୋଷାଡ଼ି ଘୋଷାଡ଼ି ନେବାର ଭିଡିଓ ହେଉଛି ଭାଇରଲ। ଖବର ପାଇବା ପରେ କୋଷ୍ଟଗାର୍ଡ ଯବାନଙ୍କ କବଳରୁ ଯୁବକଙ୍କୁ ଉଦ୍ଧାର କରିଛି ପାରାଦୀପ ଆଦର୍ଶ ଥାନା ପୁଲିସ। ସୂଚନା ଅନୁଯାୟୀ ଆଜି ସନ୍ଧ୍ୟା ପାଖାପାଖି ୯ଟା ସମୟରେ ବ୍ୟାଙ୍କ୍ ଷ୍ଟ୍ରିଟ ଲେଙ୍କା ମେଡିକାଲ ନିକଟରେ ତିନିଜଣ ମହିଳା ଆସୁଥିବା ସମୟରେ ଜଣେ ଯୁବକ ଏହି ମହିଳାଙ୍କୁ ଅସଦାଚରଣ କରିଥିଲେ। ତେବେ କିଛି ସମୟ ପରେ ଦୁଇ ଜଣ ବର୍ଦିଧାରୀ ବ୍ୟକ୍ତି ପହଞ୍ଚି ଉକ୍ତ ଯୁବକଙ୍କୁ ମାରଧର କରିବା ସହିତ ହଠାତ ଆଉ ୨ ଜଣ ଆସି ବାଇକ୍‌ରେ ରାସ୍ତାରେ ଘୋଷାଡ଼ି ଘୋଷାଡ଼ି ଉଠାଇ ନେଇ ଯାଇଥିଲେ। ଖବର ପାଇ ପାରାଦୀପର କିଛି ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ପରେ ଏହାର ପ୍ରତିବାଦ କରିବାରୁ ଷଣ୍ଢକୁଦ ନିକଟରେ ରହିଥିବା କୋଷ୍ଟଗାର୍ଡ କଲୋନୀ ନିକଟରେ ଉକ୍ତ ଯୁବକଙ୍କୁ ହାତଗୋଡ଼ ବାନ୍ଧି ଘୋଷାଡ଼ି ଘୋଷାଡ଼ି ନେଇଥିଲେ। ଖବର ପାଇବା ପରେ ପାରାଦୀପ ଆଦର୍ଶ ଥାନା ପୁଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରିବା ସହିତ ଥାନାକୁ ଆଣିଥିଲେ।

## ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ



ପାରାଦୀପ,୨।୮ (ସମିସ): “ସ୍ୱଚ୍ଛତା ହିଁ ସେବା’ ସ୍ଲୋଗାନକୁ ଆଧାର କରି ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ୍ ପକ୍ଷରୁ ୧୦୫ତମ ସ୍ୱଚ୍ଛତା ଅଭିଯାନ ପାରାଦୀପ କଲେଜ ସମ୍ମୁଖସ୍ଥ ପଦ୍ମପୋଖରୀ ପରିସରରେ ରବିବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ମାର୍ଗଦର୍ଶନ ଓ ସହଯୋଗରେ ଏନ୍‌ସିସି କ୍ୟାଡେଟ୍ ଏବଂ ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ପୋଖରୀ ଓ ଏହାର ଚତୁଃପାଶ୍ୱର୍କୁ ସଫା କରିଥିଲେ। ଏହି ଅବସରରେ ଆସୋସିଏସନ୍ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଥିଲେ, ସମସ୍ତଙ୍କ ସହଯୋଗରେ ଆମେ ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପାରାଦୀପ ଗଢ଼ିପାରିବା।

# ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ସ୍ମୃତିରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା

ଜଗତସିଂହପୁର,୨।୮ (ସମିସ)

ଜଗତସିଂହପୁର ମାଟିର ଗର୍ବ ଓ ଗୌରବ ତଥା ମହାନ୍ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ୬୮ତମ ତିରୋଧାନ ଦିବସ ସ୍ମୃତିରେ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ “ସ୍ୱାଧୀନତା ସଂଗ୍ରାମରେ ଜଗତସିଂହପୁର ମାଟିର ଭୂମିକା”

**୮ ରେ ଅଳକା ଆଶ୍ରମରେ ହେବ ସ୍ମୃତିସଭା**

ଶୀର୍ଷକ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୩ଟି ବର୍ଗରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି ବିଚାରକ ଭାବେ ମହାବିଦ୍ୟାଳୟ ସ୍ତରରେ ଶିକ୍ଷାବିତ ବିରବର ପାଲ, ହିତେଶ ମହାନ୍ତି ଏବଂ ପ୍ରତାପ



ଚନ୍ଦ୍ର ଲେଙ୍କା ଯୋଗଦେଇଥିବା ବେଳେ ଷଷ୍ଠରୁ ଅଷ୍ଟମ ସ୍ତରରେ ଶିକ୍ଷାବିତ ବିଜୟ କୁମାର ରଥ, ଡ. ରବୀନ୍ଦ୍ର ନାଥ ମିଶ୍ର ଏବଂ ରବୀନ୍ଦ୍ର ନାଥ ନାୟକ ଯୋଗଦେଇ ମୂଲ୍ୟାୟନ କରିଥିଲେ। ସେହିପରି ନବମରୁ ଦଶମସ୍ତରୀୟ ପ୍ରତିଯୋଗିତାରେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ, ଶରତ ଚନ୍ଦ୍ର ବାରିକ, ନଗେନ ପଣ୍ଡା ଏବଂ ଶିକ୍ଷୟିତ୍ରୀ ଇତିଶ୍ରୀ ଦାଶ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

ପ୍ରାଣକୃଷ୍ଣ ପଢ଼ିହାରୀ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇ ଯାଜପୁରକୁ ବଦଳି ପ୍ରତିବାଦରେ ସରକାରୀ ଚାକିରିରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗ ଦେଇଥିଲେ। ଏହି ସମୟରେ ନିଜ ପତ୍ନୀ ଗୁଣମଣୀ ଦେବୀ ନିଜ ବାପଘରୁ ଯୌତୁକ ଆଣିଥିବା ଚାରି ଭରିର ସୁନାହାର ସ୍ୱାଧୀନତା ସଂଗ୍ରାମ ପାଣ୍ଠିକୁ ଦାନ କରି ଦେଇଥିଲେ। ଖାଲି ସେତିକି ନୁହେଁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନରେ ସାମିଲ ହୋଇ ସେ ସର୍ବମୋଟ ୯ଥର କାରାବରଣ କରିଥିଲେ। କଟକର ପଢିହାରୀ ପାଠାଗାର, ଜୟବଡ ଜଗନ୍ନାଥ ମନ୍ଦିର ଏବଂ ଜୟବଡ ପ୍ରାଥମିକ ବିଦ୍ୟାଳୟ, ଜଗତସିଂହପୁରର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସର୍ବୋପରି ଜିଲାବାସୀ ତାଙ୍କର ସ୍ମୃତିକୁ ଏବେବି ସାଇତି ରଖିଛନ୍ତି। ଏହି ଅନନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ୬୮ତମ ଶ୍ରାଦ୍ଧ ଉତ୍ସବ ଆସନ୍ତା ୮ ତାରିଖରେ ମୁକ୍ତି ସଂଗ୍ରାମର ଏନ୍ତୁଡିଶାଳ ଅଳକା ଆଶ୍ରମରେ ମହାସମାରୋହରେ ପାଳନ କରାଯିବ ବୋଲି ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ସ୍ମୃତି ସଂସଦ ପକ୍ଷରୁ ନିଷ୍ପତି ନିଆଯାଇଛି। ଏହି ଅବସରରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥି ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି ପ୍ରତିଯୋଗିତା ଆୟୋଜନ ଓ ପରିଚାଳନାରେ ସ୍ମୃତି ସଂସଦର କର୍ମକର୍ତ୍ତା ତଥା ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଅଲଣାହାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର, ଅଧ୍ୟାପକ ଭଗବାନ ଦାଶ, ଡାକ୍ତର ସ୍ୱାଗତ ପଢିହାରୀ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ସ୍ମୃତି ପରିଷଦର ସମ୍ପାଦକ ତଥା ସଂଗ୍ରାମୀଙ୍କ ଉତ୍ତରଦାୟାଦ ସାମ୍ବାଦିକ ଶୁଭକାନ୍ତ ପଢ଼ିହାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ସମସ୍ତେ ଗୋଟିଏ ଲକ୍ଷ୍ୟ ପୂରଣ ପାଇଁ ପାଦରେ ପାଦ ମିଳାଇ ଚାଲିବେ ତେବେ ସଫଳତା ଆପେ ଆପେ ଆସିଯିବ।
-ହେନେରି ଫୋର୍ଡ

## ହିକ୍‌ଲିନ୍ ଆହ୍ୱାନ

ସିଜେପି ଆନ୍ଦୋଳନ ଚାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପରେ ଏହାକୁ କେନ୍ଦ୍ର ସରକାରଙ୍କ ଦମ୍ଭର ପରାଜୟ ଏବଂ ଯୁବଶକ୍ତିର ବିଜୟ ଭାବେ ଅଭିହିତ କରାଯାଉଛି। କିନ୍ତୁ ସେତେବେଳେ ଚାପରେ ସରକାର ମୁଣ୍ଡ ନୁଆଁଇଥିଲେ ମଧ୍ୟ ଏହି ପରାଜୟକୁ ବୋଧହୁଏ ସହଜରେ ଗ୍ରହଣ କରିପାରିନାହାନ୍ତି। ଆନ୍ଦୋଳନ ସମୟରେ ଯେଉଁମାନେ ସାମାଜିକ ଗଣମାଧ୍ୟମରେ ଭିଡିଓ ଓ ଫଟୋ ପୋଷ୍ଟ କରିଥିଲେ, ପ୍ରତିକ୍ରିୟା ରଖିଥିଲେ, ସରକାର ବିରୋଧୀ ସ୍ଲୋଗାନ୍ ଦେଇଥିଲେ ସେମାନଙ୍କୁ ଖୋଜି ଖୋଜି ବାହାର କରି ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ଦିଲ୍ଲୀ ପୁଲିସ ପ୍ରଶାସନ ୨୦୫ରୁ ଊର୍ଦ୍ଧ୍ୱ ଅଧିକାରୀ, ବିଶେଷଜ୍ଞ, ସଂସ୍ଥାଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ସେମାନେ ବିକ୍ଷୋଭ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ 'ଜିରୋ ଏଫଆଇଆର' ଦାଖଲ କରୁଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପଶବ୍ଦ ଓ ଅରୁଚିକର ଶବ୍ଦ ପ୍ରୟୋଗ କରୁଥିବା ଯୁବକଯୁବତୀଙ୍କ ବିରୋଧରେ ପୁଲିସ ପ୍ରଶାସନ ଅତ୍ୟଧିକ ପ୍ରତିଶୋଧ ପରାୟଣ ହୋଇପଡ଼ିଥିବା ଅଭିଯୋଗ ହେଉଛି।

ଅଶୋଭନୀୟ ଓ ଅସଭ୍ୟ ଶବ୍ଦ ବ୍ୟବହାର କରିଥିବା ଛାତ୍ରଛାତ୍ରୀଙ୍କୁ କ୍ଷମା କରିଦେଇଥିବା ଏକ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ପୁଲିସ ତା'ର କାର୍ଯ୍ୟଧାରା ଜାରି ରଖିଛି। ଅପରପକ୍ଷରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ସିଜେପି କର୍ମକର୍ତ୍ତାଙ୍କ ସହିତ କେନ୍ଦ୍ର ସରକାର ବୁଝାମଣା କରିଥିଲେ ମଧ୍ୟ ସେଥିରୁ ଓହରି ଯାଇଥିବାରୁ ସିଜେପି ପୁଣି ଏକ ବଡ଼ ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ସର୍ବୋପରି ଗଣତାନ୍ତ୍ରିକ ଦେଶରେ ବାକ୍ ସ୍ୱାଧୀନତାର ଅର୍ଥ ଏବଂ ଅଶ୍ଳୀଳ, ଅପଶବ୍ଦ, ଅରୁଚିକର, ଅଭଦ୍ର, କୁଶବ୍ଦ, ଆପତ୍ତିଜନକ ଆଦିର ସଂଜ୍ଞାର ବ୍ୟାଖ୍ୟାନ ଓ ବିତର୍କ ଆରମ୍ଭ ହୋଇଛି।

ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅଶାଳୀନ ଶବ୍ଦ ବ୍ୟବହାର ଅଭିଯୋଗ ଓ ଆରୋପ ପାଇଁ ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୩୫୨, ୩୫୩(୧), ୩୫୬(୧) ଉପଯୋଗ କରିଛି। ସେହିପରି ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬ ଅନୁଯାୟୀ କାହା ବିରୋଧରେ ଯେ କେହି ବି ହେଉ ନା କାହିଁକି ସର୍ବସାଧାରଣ ସ୍ଥଳରେ ଅଶ୍ଳୀଳ ଶବ୍ଦ ପ୍ରୟୋଗ କଲେ ଅପରାଧ ବୋଲି ଧରାଯିବ, ଯେଉଁଥିରେ ତିନିମାସର ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। କିନ୍ତୁ ଅଭିଯୁକ୍ତ ବ୍ୟବହାର କରିଥିବା ଶବ୍ଦ ଆପତ୍ତିଜନକ କିମ୍ବା ଆଇନର କାଠଗଡ଼ା ଭିତରକୁ ଆସୁଛି କି ନାହିଁ ତାହାର ତର୍ଜମା ଅତ୍ୟାବଶ୍ୟକ। ଏ ସମ୍ପର୍କରେ ଆଇନ ଅଦାଲତର ଆଭିମୁଖ୍ୟ ସମ୍ପର୍କରେ କିଞ୍ଚିତ ଆଲୋଚନା ପ୍ରାସଙ୍ଗିକ ହେବ।

୧୯୬୫ ମସିହାରେ 'ରଞ୍ଜିତ୍ ଡି. ଉଦେଶି ବନାମ ମହାରାଷ୍ଟ୍ର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ମହାରାଷ୍ଟ୍ର ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ। ଔପନ୍ୟାସିକ ଡି ଏଚ୍ ଲରେନ୍ସଙ୍କ ଉପନ୍ୟାସ 'ଲେଡି ଚାଟର୍ଲିସ୍ ଲଭର(ଚାଟର୍ଲିଙ୍କ ପ୍ରେମିକ) ଉପନ୍ୟାସରେ ଅଶ୍ଳୀଳ ଓ ଅରୁଚିକର ଶବ୍ଦ ବ୍ୟବହାର ହୋଇଥିବା ଦର୍ଶାଇ ମହାରାଷ୍ଟ୍ର ସରକାର ତାହାର ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ। ମାମଲା ଆଇନ କାଠଗଣ୍ଡି ଭିତରକୁ ଯିବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଉପନ୍ୟାସର ବିକ୍ରି ଉପରେ ନିଷେଧାଦେଶ ସପକ୍ଷରେ ମତ ଦେବା ପାଇଁ ବହୁଚର୍ଚ୍ଚିତ 'ହିକ୍‌ଲିନ୍ ଟେଷ୍ଟ' ଉପଯୋଗ କରିଥିଲେ। ଏହି ପଦ୍ଧତିରେ କୌଣସି ଗଦ୍ୟ, ପଦ୍ୟ, ଚିତ୍ରର ଏକ ନିର୍ଦ୍ଦିଷ୍ଟ ଅଂଶକୁ ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗ ଯଥା କିଶୋର/କିଶୋରୀ, ଆଦ୍ୟ ଯୌବନରେ ପାଦ ଦେଇଥିବା ଯୁବକ/ଯୁବତୀଙ୍କୁ ପଢ଼ିବାକୁ ଦିଆଯାଏ। ସୃଜନଶୀଳତାକୁ ଅଣଦେଖା କରି କେବଳ ଉକ୍ତ ଲେଖା ବା ଚିତ୍ର ପାଠକ/ଦର୍ଶକଙ୍କ ମନରେ କି ପ୍ରଭାବ ବା ଭାବ ସୃଷ୍ଟି କରୁଛି ନିରୀକ୍ଷଣ କରାଯାଏ। ଏହି ପରୀକ୍ଷଣରେ 'ଲେଡି ଚାଟର୍ଲିସ୍ ଲଭର' ବିଫଳ ହୋଇ ଭାରତୀୟ ବଜାରରୁ ବିଦାୟ ନେଇଥିଲା।

ଏହି କୌଶଳ ପୁନଃ ବ୍ୟବହୃତ ହୋଇଥିଲା ୨୦୦୬ ମସିହାରେ 'ଦୂରଦର୍ଶନ ବନାମ ଆନନ୍ଦ ପଟ୍ଟବର୍ଦ୍ଧନ' ମାମଲାରେ। ଆନନ୍ଦଙ୍କ ଦ୍ୱାରା ପ୍ରସ୍ତୁତ ଡକ୍ୟୁମେଣ୍ଟାରୀ 'ଫାଦର ସନ୍ ଆଣ୍ଡ ହୋଲି ୱାର'କୁ 'କେବଳ ବୟସ୍କ ପାଇଁ ଉଦ୍ଦିଷ୍ଟ' ବା 'ଆଡଲ୍ଟ' ଦର୍ଶାଇ ଏହାର ପ୍ରସାରଣ ପାଇଁ ଦୂରଦର୍ଶନ ମନା କରିଦେବା ପରେ ମାମଲା ଅଦାଲତକୁ ଯାଇଥିଲା। 'ହିକ୍‌ଲିନ୍ ପଦ୍ଧତି'ରେ ଉତ୍ତୀର୍ଣ୍ଣ ହେବା ପରେ ଏହାର ପ୍ରସାରଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସବୁଜ ସଙ୍କେତ ଦେଇଥିଲେ। ଅପରପକ୍ଷରେ ୨୦୧୪ ମସିହାରେ 'ପଶ୍ଚିମବଙ୍ଗ ବନାମ ଅଭିକ ସରକାର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ 'ହିକ୍‌ଲିନ୍ ଟେଷ୍ଟ' ପଦ୍ଧତିକୁ ପରିହାର କରି ଟେନିସ୍ ତାରକା ବରିସ୍ ବେକର ଓ ତାଙ୍କ ଭାବି ପତ୍ନୀଙ୍କ ଏକ ନଗ୍ନଚିତ୍ରକୁ ଅଶ୍ଳୀଳ ଆଖ୍ୟା ଅପବାଦରୁ ମୁକ୍ତ କରିଥିଲେ। ଏ ସମ୍ପର୍କରେ ଟିପ୍ପଣୀ ଦେଇ ଅଦାଲତ କହିଥିଲେ ଯେ ଯଦି କୌଣସି ଅଶ୍ଳୀଳ ଚିତ୍ର, ଲେଖା ଯୌନୋପଦ୍ଦୀପ ହେବ ତେବେ ଯାଇ ତାହାକୁ ଅଶ୍ଳୀଳ ଆଖ୍ୟା ଦିଆଯାଇପାରିବ। ଅଶ୍ଳୀଳ କି ନୁହେଁ ତାହା ବିଚାର କରିବାକୁ ଏକ ନିର୍ଦ୍ଦିଷ୍ଟ ବର୍ଗର ମତ ନିଆଯାଇପାରିବ; କିନ୍ତୁ ତାହାର ପ୍ରୟୋଗ ବେଳେ ସାମୂହିକ ବା ଗୋଷ୍ଠୀଗତ ମତାମତ ଓ ପ୍ରତିକ୍ରିୟାକୁ ବିଚାରକୁ ନିଆଯିବା ଦରକାର। ସେହିପରି ୨୦୨୪ରେ ଟିଭିଏଫ୍‌ର ୱେବ୍‌ସିରିଜ୍ 'କଲେଜ୍ ରୋମାନ୍ସକୁ' ଆଇଟି ଆଇନ ଅଧୀନରେ ଅଶ୍ଳୀଳ ବୋଲି ଦର୍ଶାଇ ପ୍ରସାରଣ ବନ୍ଦ କରାଯାଇ ପ୍ରଯୋଜକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସର୍ବୋଚ୍ଚ ନ୍ୟାୟାଳୟ ବିଷୟବସ୍ତୁକୁ ଅଶ୍ଳୀଳ ବୋଲି କହିଥିଲେ ମଧ୍ୟ 'ଏଫ୍‌ଆଇଆର'କୁ ବାତିଲ୍ କରିଦେଇଥିଲେ। ଅପରପକ୍ଷରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କଲେ ତାହା ଆଇନତଃ ଅପରାଧ ଭାବେ ଧରାଯିବ ବୋଲି ୨୦୨୬ ଏପ୍ରିଲ୍ ମାସରେ ଏକ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ।

ଏହି ଆଧାରରେ ତର୍ଜମା କଲେ 'ଜିରୋ ଏଫ୍‌ଆଇଆର'ରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ସିଜେପି ଆନ୍ଦୋଳନ ବେଳେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପ୍ରଦର୍ଶିତ ଓ କଥିତ ଶବ୍ଦାବଳୀ, ପୋଷ୍ଟର, ବ୍ୟାନର, ସ୍ଲୋଗାନ୍ ଆଦି ମଧ୍ୟ 'ହିକ୍‌ଲିନ ଟେଷ୍ଟ' ଦେଇ ଗତି କରିବାକୁ ପଡ଼ିବ। ଦିଲ୍ଲୀ ଜନ୍ତରମନ୍ତର ମାମଲାରେ ଯେଉଁ 'ଜିରୋଏଫ୍‌ଆଇଆର'ମାନ ଦାଏର କରାଯାଇଛି, ଯାହା ସର୍ବସାଧାରଣରେ ବିଶୃଙ୍ଖଳା, ଅପମାନ ଦେବା, ମାନହାନି ପାଇଁ ଉଦ୍ଦିଷ୍ଟ। ଭାରତୀୟ ନ୍ୟାୟ ସଂହିତାର ଧାରା ୩୫୨ ଅନୁଯାୟୀ ଏହା ପ୍ରମାଣ କରିବାକୁ ପଡ଼ିବ ଯେ ଉକ୍ତ କାର୍ଯ୍ୟଧାରା ଉଦ୍ଦେଶ୍ୟମୂଳକ ଥିଲା ବା ଜାଣିଶୁଣି କରାଯାଇଥିଲା। ଆହୁରି ମଧ୍ୟ ୨୦୨୫ ସେପ୍ଟେମ୍ବର ମାସରେ ତେଲଙ୍ଗାନା ହାଇକୋର୍ଟ ଦେଇଥିବା ରାୟ ଅନୁଯାୟୀ କୌଣସି ରାଜନୈତିକ ଦଳ ବିରୋଧରେ ଅଶ୍ଳୀଳ ଶବ୍ଦ ପ୍ରୟୋଗ ଦ୍ୱାରା ସର୍ବସାଧାରଣ ବିଶୃଙ୍ଖଳା ବୋଲି ଧରି ନିଆଯାଇପାରିବ ନାହିଁ। ନ୍ୟାୟିକ ଜଟିଳତା ଭିତରେ 'ହିକ୍‌ଲିନ୍ ଟେଷ୍ଟ'ରେ ଅଭିଯୁକ୍ତମାନେ ଉତ୍ତୀର୍ଣ୍ଣ ହେବେ କି ନାହିଁ ତାହା ଭିନ୍ନ କଥା। କିନ୍ତୁ ସେତେବେଳକୁ ସେମାନେ ଜୀବନର ଅଗ୍ନିପରୀକ୍ଷା ଦେଇସାରିଥିବେ।

# ସମାବେଶୀ ବିକାଶରେ ସମ୍ଭାବନାର ସୂର୍ଯ୍ୟୋଦୟ ସମ୍ଭବ

ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ

**ମୋ ସ୍ୱପ୍ନର ଓଡ଼ିଶା**

ପୂର୍ବପ୍ରକାଶିତ ଉତ୍ତାରୁ...

୫) ରାଜ୍ୟରେ ଥିବା ଖଣିଗୁଡ଼ିକୁ ବାହାର ରାଜ୍ୟର ଶିଳ୍ପପତିମାନଙ୍କ ହାତକୁ ଟେଣ୍ଡର ମାଧ୍ୟମରେ ଟେକି ଦିଆଯାଉଛି। ସେମାନେ ନିଜର ମୁନାଫା କମାଇବା ପାଇଁ ଖଣିଜ ସମ୍ପଦକୁ ଖନନ କରି ବିଦେଶକୁ ରପ୍ତାନୀ କରୁଛନ୍ତି। ଏହାଫଳରେ ଆଉ କିଛିବର୍ଷ ମଧ୍ୟରେ ଆମ ରାଜ୍ୟର ଖଣିଜସମ୍ପଦ ଶେଷ ହୋଇଯିବ। ସେତେବେଳେ ରାଜ୍ୟର ଅବସ୍ଥା କିପରି ହେବ ତାହା ସରକାର ବିଚାର କରି କେବଳ ଶିଳ୍ପ ସଂସ୍ଥାର ନିଜସ୍ୱ ବ୍ୟବହାର(କ୍ୟାପ୍‌ଟିଭ୍ କଞ୍ଜପସନ୍) ପାଇଁ ଅନୁମତି ଦେବା ଉଚିତ। ନ ହେଲେ ଯେଉଁ ଖଣିଜ ସଂପଦ ପାଇଁ ଆମେ ଗର୍ବ କରୁଛନ୍ତି ତାହାର ଶୂନ୍ୟଗର୍ତ୍ତମାନଙ୍କୁ ଆମେ ଦିନେ ଜଳକା ହୋଇ ଚାହିଁଥିବା। ତେଣୁ ଖଣିଜ ସମ୍ପଦର ବିଦେଶ ରପ୍ତାନୀ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରାଯାଉ ଏବଂ ଆମରେ ରାଜ୍ୟରେ ଖଣିଜ ସମ୍ପଦର ମୂଲ୍ୟଯୁକ୍ତ ବିନିଯୋଗ(ଭାଲ୍ୟୁ ଆଡିସନ୍) କରାଯାଉ।

୬) ଅଧିକ ନିଯୁକ୍ତି ପାଇଁ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ଦିଗରେ ସରକାର ଗୁରୁତ୍ୱ ଦେବା ଉଚିତ। ଯାହା ରାଜ୍ୟର ଅଧିକ ଯୁବକ, ଯୁବତୀଙ୍କୁ ନିଯୁକ୍ତି ଦେଇପାରିବ ଏବଂ ଅଧିକ ରାଜସ୍ୱ ବୃଦ୍ଧି ହେବ।

୭) ଶିକ୍ଷା ହେଉଛି ଗୋଟିଏ ଦେଶ ଓ ଜାତିର ମେରୁଦଣ୍ଡ। ଯେଉଁଦେଶର ଲୋକ ଯେତେ ଶିକ୍ଷିତ, ସେ ଦେଶ ଛୋଟ ହେଲେ ମଧ୍ୟ ସେତେ ଉନ୍ନତ ଓ ସମୃଦ୍ଧ। ତେଣୁ ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ଶିକ୍ଷାର ବିକାଶ ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକୁ ଉପଯୁକ୍ତ ଭାବରେ ବିକଶିତ କରିବା ସହିତ ଶୈକ୍ଷିକ ବାତାବରଣ, ଭଲ ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ଉଚିତ। ଏହା ହୋଇପାରିଲେ ଅଭିଭାବକମାନଙ୍କର ପ୍ରଥମ ପସନ୍ଦ ଘରୋଇ ବିଦ୍ୟାଳୟ ଅପେକ୍ଷା ସରକାରୀ ବିଦ୍ୟାଳୟ ହୋଇପାରିବ। ପୂର୍ବରୁ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀ ମଣ୍ଡନ କରି ଦେଶବିଦେଶରେ ରାଜ୍ୟର ନାଁ କୁ ପ୍ରତିଷ୍ଠିତ କରିପାରିଥିଲେ। ମାତ୍ର ଆଜି ରାଜ୍ୟରେ ପ୍ରାୟ ୧୫୦୦ ବିଦ୍ୟାଳୟରେ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପାଠ୍ୟ ପୁସ୍ତକରେ ପୁଳା ପୁଳା ଭୁଲ। ଏଥିରେ କିଭଳି ଶିକ୍ଷାର ମାନ ଉନ୍ନତ ହୋଇପାରିବ? ଆଜି କାହିଁକି ସରକାରୀ ସ୍କୁଲରୁ ଅଭିଭାବକଙ୍କର ମୋହଭଙ୍ଗ ଘଟୁଛି ସରକାର ତାହାର ତର୍ଜମା କରି ଉପଯୁକ୍ତ ପଦକ୍ଷେପ ନେବା ଦରକାର। ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ଅଧିକ ପ୍ରୋତ୍ସାହନ ଦିଆ ନ ଯାଉ। ସରକାର ଶିକ୍ଷିତ ଯୁବକମାନଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ଢାଞ୍ଚାରେ ପ୍ରସ୍ତୁତ କରିବା ଦିଗରେ ପ୍ରାଥମିକତା ଦିଅନ୍ତୁ, ଯେପରି ଆମର ମାନବସମ୍ବଳ ସର୍ବଶ୍ରେଷ୍ଠ ଓ ସୁଦକ୍ଷ ହୋଇପାରିବ।

୮) ଓଡ଼ିଶାର ପ୍ରାୟ ୮୬ ପ୍ରତିଶତ ଲୋକସଂଖ୍ୟା ହେଉଛନ୍ତି ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର। ସେହି ବର୍ଗର ସାମୂହିକ ବିକାଶ ବିନା ଏ ରାଜ୍ୟ ଯେ ସମୃଦ୍ଧ ହେବ ଏକଥା ସରକାର ଭୁଲିଯିବା ଉଚିତ ନୁହେଁ। ରାଜ୍ୟର ସେହି ସର୍ବାଧିକ ବଞ୍ଚିତ, ଅବହେଳିତ ଓ ଶୋଷିତ ବର୍ଗର ବିକାଶ ଦିଗରେ ସରକାର ସଫଳ ପଦକ୍ଷେପ ଗ୍ରହଣ କଲେ ହିଁ ତାହା ରାଜ୍ୟର ପରିଚୟକୁ ବଦଳାଇ ଦେଇପାରିବ।

୯) ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ଏବଂ ସରକାରୀ ତଥା ବେସରକାରୀ କ୍ଷେତ୍ରରେ ଅଧିକ ସଂଖ୍ୟକ ମେଡିକାଲ ପ୍ରତିଷ୍ଠା କରିବା ସହିତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ।

୧୦) ରାଜ୍ୟରେ ଚାକିରିଆମାନଙ୍କର ଦରମା ହାରରେ ତାରତମ୍ୟ ରହୁଛି। ସରକାରୀ କିମ୍ବା ଶିଳ୍ପ ସଂସ୍ଥାରେ ଉଚ୍ଚ ପଦପଦବୀରେ ଥିବା କର୍ମଚାରୀମାନେ ଭଲଦରମା ପାଉଥିବା ବେଳେ ଶ୍ରମିକ ଶ୍ରେଣୀ ଅଥବା ଠିକା କର୍ମଚାରୀମାନେ ଖୁବ୍ କମ ପରିମାଣରେ ମଜୁରୀ ପାଉଛନ୍ତି। ମୁଣ୍ଡପିଛା ଆୟ ବଢ଼ାଇବା ପାଇଁ ଶ୍ରମିକଙ୍କ ମଜୁରୀ ବୃଦ୍ଧି ହେବା ଦରକାର। ତେଣୁ ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ମଜୁରୀକୁ ଅତିକମ୍‌ରେ ତିନିଗୁଣ ବୃଦ୍ଧି କରାଯାଉ।

୧୧) ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ବାର୍ଷିକ ୧୦ ହଜାର ଟଙ୍କା ଦେବା କେବେହେଲେ ତାଙ୍କ ଭାଗ୍ୟକୁ ବଦଳାଇ ପାରିବ ନାହିଁ। ଏହା ବଦଳରେ ସେମାନେ କିପରି ନିଜେ ଆତ୍ମନିର୍ଭରଶୀଳ ହୋଇ କ୍ଷୁଦ୍ରଶିଳ୍ପ, ବ୍ୟବସାୟିକ ଅନୁଷ୍ଠାନ ପ୍ରତିଷ୍ଠା କରିପାରିବେ ଏବଂ ଭବିଷ୍ୟତରେ ସଫଳ ଉଦ୍ୟୋଗୀ ହୋଇପାରିବେ ସେ ଦିଗରେ ସରକାର ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ଅଛି।

୧୨) ଗ୍ରାମାଞ୍ଚଳ ଏବଂ ଅଗମ୍ୟ ଅଞ୍ଚଳକୁ ଯୋଗାଯୋଗର ମାଧ୍ୟମ ସୁଦୃଢ଼ କରିବା ସହିତ ରାଜ୍ୟରେ ୪୦ ପ୍ରତିଶତରୁ ଅଧିକ ବାସପଯୋଗୀ ଅଞ୍ଚଳକୁ ସହରାଞ୍ଚଳରେ ପରିଣତ କରିବା ସହିତ ଭୁବନେଶ୍ୱର ପରି ରାଜ୍ୟର ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ବାଲେଶ୍ୱର ଓ ଜୟପୁର ଇତ୍ୟାଦି ସହରର ବିକାଶ କରାଯାଉ।

୧୩) ବିଭିନ୍ନ ପ୍ରକାର ଶିଳ୍ପ, ସେମିକଣ୍ଡକ୍ଟର ଶିଳ୍ପ, ଫାର୍ମାସି ଶିଳ୍ପ, କୃଷି ଶିଳ୍ପ, ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପ, ପର୍ଯ୍ୟଟନ ଶିଳ୍ପ, ପରିବେଶ ପର୍ଯ୍ୟଟନ, ଆର୍ଟିଫିସିଆଲ ଇଂଟେଲିଜେନ୍ସ(ଏ.ଆଇ)ର ବିକାଶ, ବିଦ୍ୟୁତ ଚାଳିତ ଯାନବାହନ ଏବଂ ଏହାର ବ୍ୟାଟେରି ଶିଳ୍ପ ଏବଂ ମହାକାଶ ଗବେଷଣା ସହିତ ଅତ୍ୟାଧୁନିକ ବିଜ୍ଞାନ କ୍ଷେତ୍ରରେ ବିକାଶ ହେବା ମଧ୍ୟ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପଥରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ ହୋଇପାରିବ।

ଯେଉଁ ଦେଶ କିମ୍ବା ରାଜ୍ୟର ଗଣତନ୍ତ୍ର ଯେତେ ସୁଦୃଢ଼ ସେ ରାଜ୍ୟ ଓ ଦେଶ ସେତେ ସୁଦୃଢ଼। ମାତ୍ର ଆଜିକାଲି ଗଣତନ୍ତ୍ରର ଅବକ୍ଷୟ ହୋଇଚାଲିଛି। ସେବା ବଦଳରେ ପ୍ରଥମେ ବ୍ୟକ୍ତିଗତ ଉନ୍ନତିର ପଥକୁ ସୁଗମ କରିବା ଚିନ୍ତାରେ ଅଧିକାଂଶ ପଡ଼ି ଯାଉଛନ୍ତି। ଜନପ୍ରତିନିଧିମାନେ ନୀତି, ନୈତିକତା ଓ ଆଦର୍ଶକୁ ଭୁଲି ଯିବା ଏବଂ ସାମ, ଦାମ, ଦଣ୍ଡ, ଭେଦ ଆଗରେ ନଇଁ ଯିବା କେବେହେଲେ ଏକ ସମୃଦ୍ଧ ରାଜ୍ୟ ବା ଦେଶ ପାଇଁ ଶୁଭଲକ୍ଷଣ ନୁହେଁ। ଉତ୍କଳଗୌରବ କୂଳବୃଦ୍ଧ ମଧୁସୂଦନ ଦାସ ଦିନେ କହିଥିଲେ- 'ଜାତି ନନ୍ଦିଘୋଷ ଚାଲିବକି ଭାଇ ସ୍ୱାର୍ଥକୁ ସାରଥି କଲେ, ଟାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧା ଥିଲେ'। ତେଣୁ ସମସ୍ତ ଲୋକପ୍ରତିନିଧି ଓ ରାଜନେତା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସମାଜର ପ୍ରଭୂତ ଉନ୍ନତି ଏବଂ ଦେଶ ଗଠନକୁ ପ୍ରାଥମିକତା ଦେବା ଉଚିତ। ଶାସକଦଳମାନେ ଆଜି ସମ୍ବିଧାନର ବିଧି ବ୍ୟବସ୍ଥାକୁ ମାଡ଼ିମକଚି ଦେଉଛନ୍ତି। ସାଂପ୍ରତିକ ପରିସ୍ଥିତିରେ ଗଣତନ୍ତ୍ରର ସୁରକ୍ଷା ଆମ୍ଭମାନଙ୍କର ପ୍ରାଥମିକତା ଅଟେ। ଜନମତ ଆଗରେ ସରକାର କିପରି ମୁଣ୍ଡ ନୁଆଁଇଲା ତାହା ସି.ଜେ.ପି ଏବଂ ଜେନ-ଜେଡ୍ ଆନ୍ଦୋଳନ ପ୍ରମାଣ କଲା। ଦେଶରେ ଦେଖା ଯାଉଥିବା ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ଦାରିଦ୍ର୍ୟତା, ବେକାରୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସମୟ ଆଜି ଉପନୀତ।

ଅପରପକ୍ଷରେ ଆମସମସ୍ତଙ୍କୁ କେବଳ ଆତ୍ମଚିନ୍ତନ ନକରି ସମାଜ ଓ ରାଜ୍ୟର ପ୍ରଭୂତ ଉନ୍ନତି କଥା ଚିନ୍ତା କରିବାକୁ ପଡ଼ିବ। ଯେଉଁ ପବିତ୍ର କଳିଙ୍ଗ ମାଟି ଦିନେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା, ଯାହାର ସାଧବ ପୁଅର ବୋଇତ ସାତଦରିଆ ପାରିହୋଇ ଜାଭା, ସୁମାତ୍ରା, ବାଲି ଓ ସିଂହଳ ଇତ୍ୟାଦି ଦେଶରେ ନୌବାଣିଜ୍ୟର ପସରା ମେଲିଦେଇଥିଲା, ସେ ରାଜ୍ୟର ସୁଯୋଗ୍ୟ ସନ୍ତାନ ଭାବରେ ଆମେ କିଭଳି ଆମ ରାଜ୍ୟର ସମୃଦ୍ଧ ଇତିହାସ ଓ ପରମ୍ପରା ପଛରେ ଅନୁଧାବନ କରି ଏହାକୁ ବିକାଶର ଶିଖରରେ ପହଞ୍ଚାଇ ପାରିବା ଏହା ହିଁ ଆମର ପରମ କର୍ତ୍ତବ୍ୟ ହେବା ଉଚିତ। ସବୁଠାରୁ ପ୍ରଣିଧାନଯୋଗ୍ୟ ବିଷୟ ଏହିକି ଯେ ଆମରାଜ୍ୟର ପ୍ରତିଭଦୀପ୍ତ ଶିକ୍ଷିତ ଯୁବକମାନେ ଉଚ୍ଚ କର୍ମସଂସ୍ଥାନ ଏବଂ ଭଲ ସୁଯୋଗ ଉଦ୍ଦେଶ୍ୟରେ ଦେଶବିଦେଶକୁ ଚାଲିଯାଉଛନ୍ତି। ଏହାର ବହୁବିଧ କାରଣ ଅଛି। ଏତଦ୍ୱାରା ଆମ ରାଜ୍ୟର ପ୍ରତିଭା ପଳାୟନ ହେଉଛନ୍ତି ଯାହାକୁ ଇଂରାଜୀରେ 'ବ୍ରେନ୍ ଡ୍ରେନ୍' କୁହାଯାଏ। ତେଣୁ ସେହି ପ୍ରତିଭାଧର, ପ୍ରଜ୍ଞାବନ୍ତ ଓଡ଼ିଆମାନେ ଯିଏ ଯେଉଁଠାରେ ଥିଲେ ମଧ୍ୟ ନିଜ ରାଜ୍ୟ ତଥା ଜାତିର ଉନ୍ନତି ପାଇଁ ନିଜର ଅମୂଲ୍ୟ ଯୋଗଦାନ ଦେବାର ପ୍ରମୁଖ ଆବଶ୍ୟକତା ଅଛି। ଅସୂୟା, ପରଶ୍ରୀକାତରତା ହିଁ ପ୍ରଗତିର ମୁଖ୍ୟ ବାଧକ। ଏକତା ହିଁ ସବୁଠାରୁ ବଡ଼ ବଳ। ତେଣୁ ଆସନ୍ତୁ ସବୁ ଓଡ଼ିଆମାନେ ଏକହୋଇ ଏକ ସମୃଦ୍ଧ, ପ୍ରଗତିଶୀଳ ଏବଂ ବିକଶିତ ଓଡ଼ିଶାର ବିନ୍ଧାଣୀ ସାଜିବା।(ସମାପ୍ତ) ବନ୍ଦେ ଉତ୍କଳ ଜନନୀ।

ପୂର୍ବତନ ମନ୍ତ୍ରୀ, ଓଡ଼ିଶା

# ନିଶାମୁକ୍ତ ଓଡ଼ିଶା: ଆକାଶ କଇଁଆ ଚିଲିକା ମାଛ

ସରୋଜ କୁମାର ବିଶ୍ୱାଳ

ଆଧୁନିକ ସମାଜ ବିପର୍ଯ୍ୟୟର ବିବିଧ କାରଣ ମଧ୍ୟରୁ ନିଶା ଅନ୍ୟତମ। ନିଶା ଘର ଉଜାଡୁଛି, ଅକର୍ମଣ୍ୟ କରୁଛି, ଜୀବନ ମଧ୍ୟ ନେଉଛି। କାଶ୍ମୀରରୁ କନ୍ୟାକୁମାରୀ, ଗାଁ ରୁ ସହର ସବୁଠି ମଦ, ଗୁଟଖା, ବିଡ଼ି, ସିଗାରେଟ୍, ବ୍ରାଉନ ସୁଗର ପରି ମାରାତ୍ମକ ମାଦକ ଦ୍ରବ୍ୟ ଅବାଧରେ କାୟାବିସ୍ତାର କଲାଣି। ନିଶା ପାଇଁ ଯୁବକ ଠୁ ବୃଦ୍ଧ ସମସ୍ତେ ପାଗଳ। ନିଶା ଆଜିର ସମାଜକୁ କଳୁଷିତ କରୁଛି। ଯାହାଫଳରେ ରାଜ୍ୟରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। କଥାରେ ଅଛି 'ମଦ ବିଡ଼ି ନୁହେଁ ଛୋଟିଆ ନିଶା ଜଣା ପଡ଼େ ନାହିଁ ଟାଣେ ପଇସା'। ତେଣୁ ବିକଶିତ ଓଡ଼ିଶା ଗଠନ ରାସ୍ତାରେ ଏହା ଏକ କଣ୍ଟା ସଦୃଶ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଭାରତରେ ପ୍ରତିବର୍ଷ ହାରାହାରି ୨.୬ ଲକ୍ଷ ଲୋକଙ୍କର ମଦ୍ୟପାନ ଜନିତ ମୃତ୍ୟୁ ଘଟୁଥିବା ବେଳେ ୧୩.୫ ଲକ୍ଷ ଲୋକ ଗୁଟଖା ଖାଇବା ଦ୍ୱାରା ମାରାତ୍ମକ କର୍କଟରେ ମୃତ୍ୟୁବରଣ କରୁଛନ୍ତି। ଏହାଛଡ଼ା ନିଶା ସେବନ ଦ୍ୱାରା ଅନ୍ୟାନ୍ୟ ମାରାତ୍ମକ ରୋଗ ହୋଇଥାଏ। ଏହାକୁ ଆଧାର କରି କେନ୍ଦ୍ର ସରକାରଙ୍କ ପକ୍ଷରୁ 'ନିଶାମୁକ୍ତ ଭାରତ ଅଭିଯାନ' ଅଗଷ୍ଟ ୧୫, ୨୦୨୦ ମସିହାରୁ ଆରମ୍ଭ ହୋଇଛି। ସେହିପରି ଓଡ଼ିଶାକୁ ନିଶାମୁକ୍ତ କରିବାକୁ ନିର୍ବାଚନୀ ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିବା ପରେ ସରକାରଙ୍କ ଦୋମୁହାଁ ନୀତି ପଦାରେ ପଡ଼ିଛି।



୨୦୧୩ ରେ ତତ୍କାଳୀନ ଓଡ଼ିଶା ସରକାର ଓଡ଼ିଶାରେ ଗୁଟଖା ପ୍ରସ୍ତୁତି ଓ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ମାତ୍ର ତାହା କେବଳ କାଗଜ କଲମରେ ସୀମିତ ଥିଲା। ସେହିପରି ବର୍ତ୍ତମାନ ସରକାର ଜାନୁଆରୀ, ୨୦୨୬ ରେ ଓଡ଼ିଶାରେ ଗୁଟଖା ପ୍ରସ୍ତୁତି, ବିକ୍ରୟ ଓ ଯୋଗାଣ ଉପରେ ସଂପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଥିଲେ। ମାତ୍ର ଫଳ ଯଥା ପୂର୍ବଂ ତଥା ପରଂ। ପରେ ନିକୋଟିନ୍ ମୁକ୍ତ ଗୁଟଖା ବିକ୍ରି କରାଯାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରକାଶ ପାଇବା ପରେ ଏବେ ସାରା ଓଡ଼ିଶା ଗୁଟଖା ପ୍ରସ୍ତୁତି କରୁଥିବା କମ୍ପାନୀମାନେ ଗୁଟଖା ଓ ନିକୋଟିନକୁ ଅଲଗା କରି ବିକ୍ରି କରୁଛନ୍ତି। ଗୁଟଖା ପ୍ରସ୍ତୁତ କରୁଥିବା କମ୍ପାନୀମାନେ ନାମୀ ଦାମୀ କଳାକାରମାନଙ୍କୁ ନେଇ ବଡ଼ ବଡ଼ ହୋର୍ଡ଼ିଂ ଓ ବିଜ୍ଞାପନ ମାଧ୍ୟମରେ ଯୁବ ପିଢ଼ିଙ୍କୁ ଆକୃଷ୍ଟ କରୁଛନ୍ତି। ଯଦିଓ ସରକାରଙ୍କ ପକ୍ଷରୁ ବେଳେ ବେଳେ ଚଢ଼ାଉ କରାଯାଏ ଛୋଟ ବ୍ୟବସାୟୀମାନଙ୍କଠାରୁ କିଛି ଜୋରିମାନା ଆଦାୟ କରାଯାଉଛି। କିନ୍ତୁ ଏହା ସମାଧାନ ନୁହେଁ।

ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣ -୬ର ତଥ୍ୟ ଆଧାରରେ ଓଡ଼ିଶାରେ ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ ବୟସର ୨୮.୮% ପୁରୁଷ ଓ ୩.୧% ମହିଳା ମଦ୍ୟପାନ କରୁଛନ୍ତି। ସେହିପରି ରାଜ୍ୟରେ ୪୮.୩% ପୁରୁଷ ଓ ୨୨.୮% ମହିଳା ଗୁଟଖା ସେବନ କରୁଛନ୍ତି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ରାଜ୍ୟରେ ୧୧୬୪ ଟି ମଦ ଦୋକାନ ଲାଇସେନ୍ସ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ୨୯ ହଜାର ଆବେଦନକାରୀ ଫର୍ମ ପକାଇଥିଲା ବେଳେ ସରକାର ଫର୍ମ ଫି' ବାବଦରେ ୮୪୦ କୋଟି ଟଙ୍କାର ରାଜସ୍ୱ ପାଇଥିଲେ, ଯାହାକି ଓଡ଼ିଶା ଅବକାରୀ ଇତିହାସରେ ପ୍ରଥମ। ତେଣୁ ଗୋଟେପଟେ ସରକାର ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇ ମଦ ଦୋକାନ ଲାଇସେନ୍ସ ପ୍ରଦାନ କରିବା ସରକାରଙ୍କ ଦୋ ମୁହାଁ ନୀତିକୁ ଦର୍ଶାଉଛି।

ବିହାର, ଗୁଜୁରାଟ, ମିଜୋରାମ ପରି ରାଜ୍ୟରେ ମଦକୁ ନିଷେଧ କରାଯାଇଥିଲା ବେଳେ ଓଡ଼ିଶାରେ କାହିଁକି କରାଯାଉ ନାହିଁ ତାକୁ ନେଇ ଜନସାଧାରଣରେ ଏକ ଗୁଞ୍ଜରଣ ସୃଷ୍ଟି ହୋଇଛି। ଅନେକ ସମୟରେ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀଙ୍କ ପକ୍ଷରୁ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ବିଭିନ୍ନ ଆନ୍ଦୋଳନ ଜାରି ରହିଥିଲା ବେଳେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ଅବକାରୀ ବିଭାଗରୁ ସରକାର ବହୁମାତ୍ରାରେ ରାଜସ୍ୱ ପାଉଥିବାରୁ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବାର ଚର୍ଚ୍ଚା ହେଉଛି। କିଛିଦିନ ହେବ ରାଜ୍ୟ ସରକାର ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ପ୍ରତି ବ୍ଲକରେ ନିଶା ବିରୋଧୀ କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା କରିଛନ୍ତି। ଏଥିପାଇଁ ୪ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରତି ସ୍କୁଲ ଓ ପଞ୍ଚାୟତରେ ନିଶାମୁକ୍ତ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ କରାଯିବ, ଯାହାକି ଧର୍ମକୁ ଆଖି ଠାର। ଚାଉଳରେ ଗୋଡ଼ି ମିଶାଇ ତା'କୁ ପୁଣି ବାଛିବା ଯାହା, ସରକାରଙ୍କର ନିଶାମୁକ୍ତ ଓଡ଼ିଶା ଗଠନ ଯୋଜନା ଠିକ୍ ସେୟା। ଏପଟେ ଗାଁ ଠୁ ସହର ପର୍ଯ୍ୟନ୍ତ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ କରାଯିବ ସେପଟେ ମଦ ନ ପିଇବା ପାଇଁ ସଚେତନତା କରାଯିବ। ସରକାର ଯଦି ବାସ୍ତବରେ ଓଡ଼ିଶାକୁ ନିଶାମୁକ୍ତ କରିବାକୁ ଚାହୁଁଛନ୍ତି ତାହାଲେ ନିଶାକୁ ସଂପୂର୍ଣ୍ଣ ନିଷିଦ୍ଧ ଘୋଷଣା କରନ୍ତୁ। ନହେଲେ 'ନିଶାମୁକ୍ତ ଓଡ଼ିଶା'ର ସ୍ୱପ୍ନ 'ଆକାଶ କଇଁଆ ଚିଲିକା ମାଛ' ପରି ଦିବା ସ୍ୱପ୍ନରେ ରହିଯିବ। ୨୦୩୬ ବେଳକୁ ଓଡ଼ିଶା ବିକଶିତ ଓଡ଼ିଶା ନୁହେଁ ବିନାଶ ଓଡ଼ିଶାରେ ପରିଣତ ହେବ।

ସୋର(ବାଲେଶ୍ୱର) ମୋ: ୬୩୭୨୩୨୧୧୦୪

# ଆମ ବୃକ୍ଷଲତା ଆମ ଜୀବନ

**ମାଣ୍ଡିଆ**
Finger Millet or Ragi-Eleusine coracana
**ପ୍ରକୃତି-ପରିବେଶ**

ସୌଭାଗ୍ୟସୁନ୍ଦର

ମାଣ୍ଡିଆର ମୂଳଜାତ ପରିସର ହେଉଛି ଆଫ୍ରିକାର ଇଥିଓପିଆନ୍ ଉଚ୍ଚଭୂମିରୁ ଆରବୀୟ ଉପଦ୍ୱୀପ। ଏହା ସାଧାରଣତଃ ଭାରତ, ନେପାଳ, ବାଂଲାଦେଶ, ଶ୍ରୀଲଙ୍କା, ପୂର୍ବ ଚୀନ୍, ତାଞ୍ଜାନିଆ, କେନିଆ, ଉଗାଣ୍ଡା, ଉତ୍ତର ଏବଂ କେନ୍ଦ୍ରୀୟ ୟୁରୋପ ଇତ୍ୟାଦି ୨୫ ରୁ ଅଧିକ ଦେଶରେ ଚାଷ କରାଯାଏ। କୁହାଯାଏ ଯେ ପ୍ରାୟ ୪, ୦୦୦ ବର୍ଷ ପୂର୍ବରୁ ଭାରତରେ ଏହାର ପ୍ରବେଶ ହୋଇଥିଲା। ଏହା ସମୁଦ୍ର ପତ୍ତନରୁ ଆରମ୍ଭ କରି ହିମାଳୟର ୨, ୩୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଢ଼ିଥାଏ।

ମାଣ୍ଡିଆ ବା ରାଗି ଏକ ବାର୍ଷିକ ତୃଣ ଭଳି କ୍ଷୁଦ୍ର କ୍ଷୁପ, ଯାହା ଶୁଷ୍କ ଅଞ୍ଚଳରେ ଶସ୍ୟ ଫସଲ ରୂପେ ବ୍ୟାପକ ଭାବରେ ଚାଷ କରାଯାଏ। ଏହାର କାଣ୍ଡ ଚେପଟା, ଫମ୍ପା ଓ ସିଧା। ପ୍ରାୟ ୦.୫ ରୁ ୧.୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ। ନିମ୍ନ ଭାଗରୁ ପ୍ରଚୁର ପରିମାଣରେ ନୂତନ ପାର୍ଶ୍ୱ କାଣ୍ଡମାନ ଉତ୍ପନ୍ନ ହୁଏ। ଏହାସହିତ କ୍ରମାଗତ ଭାବରେ ଗୋଲାକାର ଗଣ୍ଠିରେ ଅନେକ ଶାଖା ବିସ୍ତାରିତ ହୁଏ। ଏହାର ତନ୍ତୁଜ ବା ତନ୍ତୁଯୁକ୍ତ ମୂଳ ଦୃଢ଼ ଭାବରେ ମାଟିରେ ଅବସ୍ଥାପିତ ହୋଇଥାଏ। ପତ୍ରଗୁଡ଼ିକ ପ୍ରାୟତଃ ଉଦ୍ଭିଦର ମୂଳ ଭାଗରୁ ସୃଷ୍ଟି ହୋଇଥାଏ। ପତ୍ର ଡେଙ୍ଗ କାଣ୍ଡକୁ ଏକ ଆବରଣ ଭଳି ଗୁଡ଼ାଇ ହୋଇଥାଏ। ପତ୍ରର ବାହ୍ୟ ଧାର ଲୋମଶ। ପତ୍ର-ବ୍ଲେଡ୍‌ଗୁଡ଼ିକ ସଂଯୋଜିତ। ପୁଷ୍ପ ଦଣ୍ଡ ଶୀର୍ଷରେ ପୁଷ୍ପଦଗମ ବହନ କରେ ଯାହା ଏକ ରେସିମ ବା ଅସୀମ ସ୍ତବକ। ଏହା ୨ ରୁ ୮ ଟି ସ୍ପାଇକ ବା ଶୂକୀ କିମ୍ବା ଦାନ୍ତୀ ବହନ କରେ। ସ୍ପାଇକ ଅନେକ ଶାଖା ବହନ କରେ ଯାହାକୁ ସ୍ପାଇକଲେଟ୍ କୁହାଯାଏ। ମଣିଷର ହାତ ପାପୁଲି ଆଙ୍ଗୁଠି ଭଳି ଏହା ବିସ୍ତାରିତ ଥାଏ। ତେଣୁ ଇଂରାଜୀ ଭାଷାରେ ଏହାକୁ ଫିଙ୍ଗର ମିଲେଟ୍ କୁହାଯାଏ।

ପ୍ରତ୍ୟେକଟିରେ ଏକାଧିକ ବିହନ ଥାଏ। ଏହା ଏକ ସ୍ୱୟଂ-ପରାଗକ। ଫଳଟି ଗୋଟିଏ ବିହନ ଯୁକ୍ତ ଏବଂ ଏହାକୁ କ୍ୟାରିଓପସିସ୍ କୁହାଯାଏ। ପ୍ରାୟ ଗୋଲାକାରରୁ କିଛିଟା ଚେପଟା, ମସୃଣ କିମ୍ବା ସାଧାରଣ ଖଦଡ଼ା। ରଙ୍ଗ ଲାଲ-ବାଦାମୀରୁ ପ୍ରାୟଧଳା କିମ୍ବା କଳା। ମାଣ୍ଡିଆ ବିହନ ତିନୋଟି ମୁଖ୍ୟ ଉପାଦାନ ନେଇ ଗଠିତ: ବାହ୍ୟତମ ଟେଷ୍ଟା ସ୍ତର (ବୀଜ ଆବରଣ), ମଧ୍ୟବର୍ତ୍ତୀ ଏଣ୍ଡୋସ୍ପର୍ମ ସ୍ତର ଏବଂ ଅନ୍ତଃତମ ଭ୍ରୁଣ।

ମାଣ୍ଡିଆ ଗ୍ଲୁଟେନ୍-ମୁକ୍ତ (ଏକ ପ୍ରକାରର ପ୍ରୋଟିନ୍ ଯାହାର ଇଲାଷ୍ଟିକ୍ ଗୁଣ ଅଛି)। ଏହା ମଧୁମେହ ପ୍ରତିରୋଧୀ (ଟାଇପ୍ ୨ ମଧୁମେହ), ଡାଇରିଆ ପ୍ରତିରୋଧୀ, ଅଲସର ପ୍ରତିରୋଧୀ, ପ୍ରଦାହ ପ୍ରତିରୋଧୀ। ଏତଦ୍‌ବ୍ୟତୀତ ଏହା ଟ୍ୟୁମୋରିଜେନିକ୍ ପ୍ରଭାବ (କ୍ରନିକ୍ ମାଇଲଏଡ୍ ଲ୍ୟୁକେମିଆ), ଆଥେରୋସ୍କେଲରୋଜେନିକ୍ ପ୍ରଭାବ, ଆଣ୍ଟିମାଇକ୍ରୋବାଇଲ୍ ବା ଅଣୁଜୀବାଣୁ ପ୍ରତିରୋଧୀ ଗୁଣ ଏବଂ ଆଣ୍ଟିଅକ୍ସିଡାଣ୍ଟ ବା ବିଶୋଧକ ଗୁଣ ସମେତ ଅନେକ ସ୍ୱାସ୍ଥ୍ୟ ଲାଭ ଆଣିଥାଏ। ସାଧାରଣତଃ ମାଣ୍ଡିଆକୁ ପେସି ଅଟା ପ୍ରସ୍ତୁତ କରାଯାଏ। ଛୋଟ ଦାନା ହେତୁ ପେଷିବା କଷ୍ଟସାଧ୍ୟ ହୁଏ। ଏଥିରୁ ରୁଟି, ଦୋଷା, ଇଡିଲି, ପାମ୍ପଡ, ଲଡୁ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ତିଆରି କରାଯାଏ। ମାଣ୍ଡିଆ ପତ୍ର ଓ କାଣ୍ଡକୁ ପଶୁ ଖାଦ୍ୟ ଭାବରେ ବ୍ୟବହାର କରାଯାଏ। ମିଲେଟ୍ସ ରେସିପି ବୁକ୍ ବା ବହି (ଖାଦ୍ୟ ଓ କୃଷି ସଂଗଠନ, ୨୦୨୩) ରେ ବିଭିନ୍ନ ପ୍ରକାରର ଖାଦ୍ୟ ପାଇଁ ରେସିପି ରହିଛି, ଯେଉଁଥିରେ ମାଣ୍ଡିଆ ସ୍ମୁଦି ବା ତରଳ ପାନୀୟ ଉପଯୋଗୀ ଉପାଦାନ ଏବଂ ମିଠା ତଥା ସ୍ୱାଦିଷ୍ଟ ଖାଦ୍ୟ ଅନ୍ତର୍ଭୁକ୍ତ। ଏହାର ଉଚ୍ଚ ପୁଷ୍ଟିକର ପରିମାଣ, ବିଶେଷକରି ଲୌହ ଓ କ୍ୟାଲସିୟମ୍ ହେତୁ ଏହାକୁ ଶିଶୁ ଖାଦ୍ୟ ପ୍ରସ୍ତୁତ କରିବାରେ ମଧ୍ୟ ବ୍ୟବହାର କରାଯାଏ। କଞ୍ଚା ବିହନ କିମ୍ବା ଅଙ୍କୁରିତ ବିହନରୁ ମାଲ୍ଟିଂ ପ୍ରକ୍ରିୟା ମାଧ୍ୟମରେ ଆଲକହଲ ବା ବିୟର ଭଳି ପାନୀୟ ଉପାଦାନ ପ୍ରସ୍ତୁତ କରାଯାଏ। ମାଲ୍ଟିଂ ରୁ ଗ୍ଲୁଟେନ୍-ମୁକ୍ତ ବିୟର କିମ୍ବା ଶିଶୁମାନଙ୍କ ପାଇଁ ସହଜରେ ପାଚନଯୋଗ୍ୟ ଖାଦ୍ୟ ଉତ୍ପାଦନ କରିହେବ।

ମାଣ୍ଡିଆ ଏକ ପ୍ରତିଶ୍ରୁତିବଦ୍ଧ ଫସଲ, ଯାହା ଖାଦ୍ୟ, ପୁଷ୍ଟିକର ସୁରକ୍ଷା ଏବଂ ସ୍ଥାୟୀ କୃଷି କ୍ଷେତ୍ରରେ ପ୍ରମୁଖ ଆହ୍ୱାନଗୁଡ଼ିକୁ ସମାଧାନ କରିବାର ଅପାର ସମ୍ଭାବନା ରଖିଛି। ଏହାର ସମୃଦ୍ଧ ପୁଷ୍ଟିକରତା, ବିବିଧ ଜୈବିକ କାର୍ଯ୍ୟକଳାପ ଏବଂ ବହୁମୁଖୀ ଶିଳ୍ପ ପ୍ରୟୋଗ ସୁଯୋଗ ହେତୁ ମାଣ୍ଡିଆ କୁପୋଷଣ ମୁକାବିଲା ଏବଂ ମାନବ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମୂଲ୍ୟବାନ ସମ୍ବଳ ଭାବରେ ନିଜକୁ ଉପସ୍ଥାପନ କରେ। ଏହାବ୍ୟତୀତ, ଏହାର ଉଲ୍ଲେଖନୀୟ ଜଳବାୟୁ ସ୍ଥିରତା ଏହାକୁ ଜଳବାୟୁ-ସ୍ମାର୍ଟ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ କରିଥାଏ। ମାଣ୍ଡିଆ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟତ ସମ୍ଭାବନା ସୃଷ୍ଟି କରିପାରେ।(କ୍ରମଶଃ)

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗ୍ଲାସଗୋ ରେଷ୍ଟୋରାଁରେ ଭାରତର ଭୁଲ୍ ମାନଚିତ୍ର

# ଉତ୍ତର-ପୂର୍ବାଞ୍ଚଳ ନ ଥିବାରୁ ଅସନ୍ତୋଷ ପ୍ରକାଶ କଲେ ବକ୍ସର ଲଭଲିନା



ଗ୍ଲାସଗୋ,୨।୮(ଏଜେନ୍ସି): ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଐତିହାସିକ ସଫଳତା ପରେ ସ୍କଟଲ୍ୟାଣ୍ଡର ଗ୍ଲାସଗୋସ୍ଥିତ ଏକ ଭାରତୀୟ ରେଷ୍ଟୋରାଁକୁ ନୈଶଭୋଜି ପାଇଁ ଯାଇଥିବା ଭାରତୀୟ ବକ୍ସିଂ ଦଳ ଏକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିଛି। ରେଷ୍ଟୋରାଁର ନାପକିନ୍ ଏବଂ ବାହାରେ ଲାଗିଥିବା ଭାରତର ମାନଚିତ୍ରରୁ ଉତ୍ତର-ପୂର୍ବାଞ୍ଚଳ (ନର୍ଥ-ଇଷ୍ଟ) ଗାୟବ ଥିବା ଦେଖି ଅଲିମ୍ପିକ୍ସ ପଦକ ବିଜେତା ବକ୍ସର ଲଭଲିନା ବୋରଗୋହାଇନ୍ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଗ୍ଲାସଗୋର ମିଷ୍ଟର ସିଂହସ ଇଣ୍ଡିଆ ରେଷ୍ଟୋରାଁରେ ଆୟୋଜିତ ଭୋଜି ସମୟରେ ଆସାମର ବକ୍ସର ଲଭଲିନା ଏହି ଭୁଲ୍ ମାନଚିତ୍ର ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, "ମାନଚିତ୍ରରୁ ଉତ୍ତର-ପୂର୍ବ ଭାରତକୁ ବାଦ୍ ଦିଆଯିବା ଅତ୍ୟନ୍ତ ଦୁଃଖଦାୟକ। ଉତ୍ତର-ପୂର୍ବରୁ ଆସିଥିବା ଜଣେ ନାଗରିକ ଭାବେ ଏହା ଆମ ମନକୁ ଆଘାତ ଦେଇଛି।' ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ) ର ସଭାପତି ଅଜୟ ସିଂହ ମଧ୍ୟ ଏହି ମାନଚିତ୍ରରେ ଜାମ୍ମୁ-କାଶ୍ମୀରକୁ ସଠିକ୍ ଭାବେ ଦର୍ଶାଯାଇ ନଥିବା ଦର୍ଶାଇଥିଲେ। ବିଏଫ୍ଆଇ ସଭାପତିଙ୍କ ସୂଚନା ଅନୁଯାୟୀ, ରେଷ୍ଟୋରାଁ ପ୍ରଶାସନ ନିଜର ଏହି ଭୁଲ୍ ସ୍ୱୀକାର କରିବା ସହ ତୁରନ୍ତ ମାନଚିତ୍ର ସଂଶୋଧନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଚଳିତ କମନୱେଲଥ ଗେମ୍ସ ବକ୍ସିଂରେ ଭାରତ ରେକର୍ଡ ୭ଟି ସ୍ୱର୍ଣ୍ଣ ପଦକ ସହ ମୋଟ ୧୦ଟି ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ଏହି ବିଜୟ ଉତ୍ସବ ମାନଚିତ୍ର ବିବାଦ ଯୋଗୁଁ ଚର୍ଚ୍ଚାର ପରିସରକୁ ଆସିଛି।

## ଚୀନ୍‌ରେ ଭାରତୀୟ ସମ୍ପ୍ରଦାୟର ସମସ୍ୟା

# ଚୀନ୍ ସୋସିଆଲ ମିଡିଆରେ ଭାରତ ବିରୋଧୀ ପୋଷ୍ଟ, ଭିସା କଟକଣା ନେଇ ଚିନ୍ତା ପ୍ରକଟ

ନୂଆଦିଲ୍ଲୀ,୨।୮(ଏଜେନ୍ସି): ଚୀନ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ବେଜିଂଠାରେ ଆୟୋଜିତ ପ୍ରଥମ ପାରସ୍ପରିକ ଆଲୋଚନା କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟମାନେ ଚୀନ୍ ସୋସିଆଲ ମିଡିଆରେ ଭାରତ-ବିରୋଧୀ ପ୍ରଚାର, ହ୍ରାସ ପାଉଥିବା କାର୍ଯ୍ୟ ଭିସା ଏବଂ ନିଯୁକ୍ତି କଟକଣା ନେଇ ନିଜର ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଭାରତୀୟ ରାଷ୍ଟ୍ରଦୂତ ଫ୍ରାନ୍ସିସ ବିକ୍ରମ ଦୋରାଇସ୍ୱାମୀଙ୍କ ସହ ହୋଇଥିବା ଏହି ଆଲୋଚନାରେ ପ୍ରବାସୀମାନେ ଅଭିଯୋଗ କରିଛନ୍ତି ଯେ, ଚୀନ୍ ସୋସିଆଲ ମିଡିଆରେ ଭାରତୀୟ ସଂସ୍କୃତି ଓ ଆହାରକୁ ନେଇ ଅପମାନଜନକ ପୋଷ୍ଟ ବୃଦ୍ଧି ପାଉଛି। ଏହା ସହିତ ସେଠାରେ ରହୁଥିବା ଭାରତୀୟମାନଙ୍କୁ ନୂତନ କାର୍ଯ୍ୟ ଭିସା ମିଳିବାରେ ସମସ୍ୟା ହେଉଛି। ଏହାର ଉତ୍ତରରେ ରାଷ୍ଟ୍ରଦୂତ କହିଛନ୍ତି ଯେ, ଚୀନ୍ ପ୍ରଶାସନ ଏହି ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକ ବିଷୟରେ ଜାଣିଛନ୍ତି ଏବଂ ଏହାକୁ ରୋକିବାକୁ ପଦକ୍ଷେପ ନେଉଛନ୍ତି। ଏହାସହ ଭାରତୀୟ ଦୂତାବାସ ପକ୍ଷରୁ ସଠିକ୍ ତଥ୍ୟ ଆଧାରିତ ସୂଚନା ସୋସିଆଲ ମିଡିଆରେ ପ୍ରସାରିତ କରାଯାଉଛି। ଭାରତ ଆସିବାକୁ ଚାହୁଁଥିବା ଚୀନ୍ ନାଗରିକଙ୍କ ପାଇଁ ଭିସା ନିୟମ କୋହଳ କରାଯିବ ଏବଂ ଭାରତୀୟଙ୍କ ଆଇନଗତ ସହାୟତା ପାଇଁ ନୂତନ ବ୍ୟବସ୍ଥା ହେବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ପାଇଁ ଉଦ୍ୟମ ଚାଲିଥିବା ବେଳେ ପ୍ରବାସୀ ଭାରତୀୟଙ୍କ ସମସ୍ୟାର ସମାଧାନ ପାଇଁ ଦୂତାବାସର ଏହି ଆଲୋଚନା ଏକ ପ୍ରଶଂସନୀୟ ପଦକ୍ଷେପ।

## ■ ଅଷ୍ଟ୍ରେଲିଆରେ ୧୫୦ ବର୍ଷ ପରେ ଫେରିଲା ଲାଇବ୍ରେରୀ ବହି

# ଜରିମାନା ହିସାବ କଲେ ହେବ ୧୬ ଲକ୍ଷ ଟଙ୍କା

ମେଲବୋର୍ଣ୍ଣ,୨।୮(ଏଜେନ୍ସି): ଅଷ୍ଟ୍ରେଲିଆର ଏକ ସାର୍ବଜନୀନ ପାଠାଗାରକୁ ପ୍ରାୟ ୧୫୦ ବର୍ଷ ତଳେ ନିଆଯାଇଥିବା ଏକ ବିରଳ ବହି ଫେରସ୍ତ ଆସିଛି। ପାଠାଗାରର ପୁରୁଣା ନିୟମ ଅନୁସାରେ ଏହାର ବିଳମ୍ବ ସୁଧ ବା ଜରିମାନା ପ୍ରାୟ ୧୬ ଲକ୍ଷ ଟଙ୍କା (୨୮,୦୦୦ ଅଷ୍ଟ୍ରେଲିଆନ୍ ଡଲାର) ହେବ। ୧୮୫୮ ମସିହାରେ ପ୍ରକାଶିତ "ଆଣ୍ଟିକ୍ୱିଟିଜ୍ ଅଫ୍ ଆଥେନ୍ସ' ନାମକ ଏହି ପୁସ୍ତକଟି ଅଷ୍ଟ୍ରେଲିଆର କିଆମା ଲାଇବ୍ରେରୀକୁ ଗତ ସପ୍ତାହରେ ଫେରିଛି। ରସ୍ ସିମନ୍ସ ନାମକ ଜଣେ ବ୍ୟକ୍ତି ନିଜର ପୁରୁଣା ଘରର ମରାମତି ବେଳେ ବନ୍ଦ ଥିବା ଏକ ନିଆଁପିଣ୍ଡି (ଫାୟାରପ୍ଲେସ) ଭିତରୁ ଟା' ବାକ୍ସରେ ରଖାଯାଇଥିବା ଏହି ବହିଟିକୁ ପାଇଥିଲେ। ତାଙ୍କର ଗ୍ରେଟ୍-ଗ୍ରେଟ୍-ଗ୍ରାଣ୍ଡଫାଦର୍ (ଅତି ଅଜା ଅର୍ଥାତ ଅଣଅଜାଙ୍କ ପିତା ବା ଚତୁର୍ଥ ପିଢ଼ିର ପୂର୍ବଜ) ୧୮୭୦ ଦଶକରେ ଏହି ବହିଟିକୁ ଆଣିଥିଲେ ବୋଲି ସେ ଅନୁମାନ କରୁଛନ୍ତି। ୧୮୭୨ରେ ପାଠାଗାର ଆରମ୍ଭ ହେବାର କିଛି ବର୍ଷ ମଧ୍ୟରେ ଏହା ହଜିଯାଇଥିଲା। ବହିରେ ଲେଖାଥିବା ପୁରୁଣା ନିୟମ, ସପ୍ତାହକୁ ୩ ପେନ୍ସ, ଅନୁସାରେ ୧୬ ଲକ୍ଷ ଟଙ୍କାର ଜରିମାନା ହିସାବ କରାଯାଇଛି। ହେଲେ ମଧ୍ୟ ଏହି ଅର୍ଥକୁ ଫେରସ୍ତ ଆଣିଥିବା ବ୍ୟକ୍ତିଙ୍କଠାରୁ ଆଦାୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପାଠାଗାର କର୍ତ୍ତୃପକ୍ଷ ଏତେ ପୁରୁଣା ବହି ଫେରିପାଇ ବେଶି ଖୁସି ବ୍ୟକ୍ତ କରିଛନ୍ତି। ଉକ୍ତ ବିରଳ ପୁସ୍ତକକୁ ସ୍ଥାନୀୟ ଇତିହାସ ସଂଗ୍ରହରେ ସୁରକ୍ଷିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

## କାବେରୀ ଜଳ ବିବାଦ

# ମେକେଦାଟୁ ପ୍ରକଳ୍ପ ହିଁ ସ୍ଥାୟୀ ସମାଧାନ; ଡିକେ ଶିବକୁମାର

ନୂଆଦିଲ୍ଲୀ,୨।୮(ଏଜେନ୍ସି): କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ବହୁ ବର୍ଷରୁ ଚାଲିଆସୁଥିବା କାବେରୀ ନଦୀ ଜଳ ବଣ୍ଟନ ବିବାଦର ସ୍ଥାୟୀ ସମାଧାନ ପାଇଁ ମେକେଦାଟୁ ଡ୍ୟାମ ପ୍ରକଳ୍ପ ଏକମାତ୍ର ପନ୍ଥା ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପ୍ରକାଶ କରିଛନ୍ତି। କାବେରୀ ଜଳ ବିବାଦ ନେଇ ଆହୂତ ଏକ ସର୍ବଦଳୀୟ ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶିବକୁମାର କହିଛନ୍ତି ଯେ, ସର୍ବୋଚ୍ଚ ଅଦାଲତ ଏବଂ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ପରେ ଏହି ପ୍ରକଳ୍ପକୁ ନେଇ ଆଉ ସମୟ ନଷ୍ଟ କରିବା ଉଚିତ ନୁହେଁ। ଏହା କୌଣସି ଗୋଟିଏ ରାଜ୍ୟର ଲାଭ କିମ୍ବା କ୍ଷତିର ପ୍ରଶ୍ନ ନୁହେଁ। ଦୁଇ ରାଜ୍ୟ ମିଳିମିଶି ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିବା ଆବଶ୍ୟକ। ପ୍ରକାଶଥାଉ କି, ମେକେଦାଟୁ ପ୍ରକଳ୍ପ ସମ୍ପର୍କିତ କର୍ଣ୍ଣାଟକର ରିପୋର୍ଟ ବିରୋଧରେ ତାମିଲନାଡୁର ଆପତ୍ତିକୁ ସର୍ବୋଚ୍ଚ ଅଦାଲତ ଖାରଜ କରିସାରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ତାମିଲନାଡୁର ସମ୍ମତି ଆବଶ୍ୟକ ନାହିଁ ବୋଲି କେନ୍ଦ୍ର ସରକାର ମଧ୍ୟ ସଂସଦରେ ସ୍ପଷ୍ଟ କରିଛନ୍ତି। ବର୍ଷା ଅଭାବ ସମୟରେ ଜଳ ବଣ୍ଟନକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ବଢ଼ୁଥିବା ବେଳେ ଶାନ୍ତିପୂର୍ଣ୍ଣ ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ପ୍ରକଳ୍ପକୁ ଆଗକୁ ନେବାକୁ କର୍ଣ୍ଣାଟକ ପ୍ରୟାସ ଚଳାଇଛି।

## ବିକାନେରରେ ପାକିସ୍ତାନୀ ଡ୍ରୋନ୍ ଚାଲାଣ ନଷ୍ଟ

# ୫୦ କୋଟିର ହେରୋଇନ୍ ଓ ମାରଣାସ୍ତ୍ର ଜବତ

ବିକାନେର,୨।୮(ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ସୀମାପାର୍ ଆତଙ୍କବାଦୀ ଓ ସ୍ମଗଲରଙ୍କ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ରାଜସ୍ଥାନର ବିକାନେର ପୁଲିସ। ପାକିସ୍ତାନରୁ ଡ୍ରୋନ୍ ମାଧ୍ୟମରେ ଖସାଯାଇଥିବା ୫୦ କୋଟି ଟଙ୍କାର ହେରୋଇନ୍ ଏବଂ ଭାରୀ ମାତ୍ରାରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ବିକାନେର ସୀମାନ୍ତ ଅଞ୍ଚଳରେ ପୁଲିସ ଓ ଗୁପ୍ତଚର ସଂସ୍ଥାର ମିଳିତ ଚଢ଼ାଉ କ୍ରମେ ପ୍ରାୟ ୧୦ କିଲୋଗ୍ରାମ ହେରୋଇନ୍, ୧୧ଟି ସ୍ୱୟଂଚାଳିତ ମାରଣାସ୍ତ୍ର (ଅଟୋମେଟିକ୍ ଆର୍ମସ),୨୨ଟି ମ୍ୟାଗାଜିନ୍ ଏବଂ ୧୦୦ରୁ ଅଧିକ ଜୀବନ୍ତ ଗୁଳି ଜବତ ହୋଇଛି। ଏହି ସାମଗ୍ରୀଗୁଡ଼ିକୁ ସଂଗ୍ରହ କରିବାକୁ ଆସିଥିବା ଯୋଧପୁରର ବୀରେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ସ୍ୱାଧୀନତା ଦିବସ ପୂର୍ବରୁ ଏହି ପୁଲିସ କାର୍ଯ୍ୟାନୁଷ୍ଠାନ କୌଣସି ବଡ଼ ଧରଣର ଆତଙ୍କବାଦୀ ଅପରାଧକୁ ଏଡ଼ାଇ ଦେଇଛି ବୋଲି ବିକାନେର ରେଞ୍ଜ୍ ଆଇଜି ଓମ୍ ପ୍ରକାଶ ପ୍ରକାଶ କରିଛନ୍ତି। ପାକିସ୍ତାନୀ ସ୍ମଗଲିଂ ନେଟୱାର୍କର ଅନ୍ୟ ସଦସ୍ୟମାନଙ୍କୁ ଚିହ୍ନଟ କରିବା ପାଇଁ ସୀମାନ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଏବଂ ତଦନ୍ତ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୁଡ୍ ବାଏ ଗ୍ଲାସ୍‌ଗୋ...

କାଂସ୍ୟ ସହ ୩୯ ଟି ପଦକ ଜିତି ଚତୁର୍ଥ ସ୍ଥାନରେ ରହିଛି। କାଣ୍ଟଛାଣ୍ଟରେ ହୋଇଥିବା ଏହି ପ୍ରତିଯୋଗିତା ୧୦ଟି କ୍ରୀଡ଼ା ଶୃଙ୍ଖଳାରେ ଆୟୋଜିତ ହୋଇଥିଲା। ୭୪ଟି ଦେଶରୁ ପ୍ରାୟ ୩,୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ପ୍ରତିଯୋଗିତାର ଶେଷ ଦିନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପନ ହୋଇଛି। ସ୍କଟଲାଣ୍ଡର ସଂସ୍କୃତି ଓ ଜୀବନଧାରଣକୁ କିଂବଦନ୍ତୀ ସିମ୍ପଲ ମାଇଣ୍ଡସଙ୍କ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ବିଶ୍ୱକୁ ଜଣାଇଥିଲେ। ଏହାସହ ୨୦୩୦ରେ ଭାରତର ଅହମ୍ମଦାବାଦ୍‌ରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜକଙ୍କୁ ରାଜ୍ୟଗୋଷ୍ଠୀ ପତାକା ଓ ବାଟନ ହସ୍ତାନ୍ତର କରାଯାଇଥିଲା। ଏହି ହସ୍ତାନ୍ତର ନୃତ୍ୟ ଓ ସଙ୍ଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ଗର୍ବର ପ୍ରତୀକ ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାପରେ ସନ୍ତୁର ବାଦକ ରିଷଭ ରିଖିରାମ ଶର୍ମା ଓ ସ୍କଟଲାଣ୍ଡ ପାଇପର ରସ୍ ଆଇନ୍‌ସଲିଏ ବର୍ତ୍ତମାନ ଓ ପରବର୍ତ୍ତୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜକଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସୂଚାଇଥିଲେ। କୋରିଓଗ୍ରାଫର ଶିମାକ ଡାଭରଙ୍କ ଟ୍ରୁପ୍‌ରେ ମାନୁଷୀ ଚିଲ୍ଲର ନୃତ୍ୟ ପରିବେଷଣ କରିଥିଲେ। ସଙ୍ଗୀତ ବିଶାରଦ ଶଙ୍କର ମହାଦେବନ ଓ ତାଙ୍କର ଦୁଇପୁତ୍ର ସିଦ୍ଧାର୍ଥ ଓ ଶିବମ ମହାଦେବନଙ୍କ କାର୍ଯ୍ୟକ୍ରମ ଷ୍ଟାଡିୟମ୍‌ରେ ଉନ୍ମାଦନା ଖେଳାଇଦେଇଥିଲା। ଶେଷରେ ୨୦୩୦ର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜକ ଅହମଦାବାଦ୍ ମେୟରଙ୍କୁ ପତାକା ଓ ବାଟନ ହସ୍ତାନ୍ତର ସହ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଥିଲା।

### ଇରାନ ଅନୁରୋଧରେ...

ଅପରପକ୍ଷରେ, ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଆରାଘଚି ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା କୌଣସି ପ୍ରକାରର ସାମରିକ ଦୁଃସାହସ କରେ, ତେବେ ଇରାନ ଏହାର ଦୃଢ଼ ଓ ଉଚିତ୍ ଜବାବ ଦେବ। ସାଉଦି ଆରବ, ତୁର୍କୀ, ଓ ପାକିସ୍ତାନର ଉଚ୍ଚାଧିକାରୀଙ୍କ ସହ ଆଲୋଚନା କରି ଇରାନ କହିଛି ଯେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ହେଲେ ସମଗ୍ର ଅଞ୍ଚଳର ତୈଳ ଓ ଗ୍ୟାସ୍ କ୍ଷେତ୍ରଗୁଡ଼ିକ ପ୍ରଭାବିତ ହେବ।

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଆମେରିକା ନିଜର ନାଗରିକମାନଙ୍କ ପାଇଁ ଏକ ସୁରକ୍ଷା ପରାମର୍ଶ (ଆଡଭାଇଜରୀ) ଜାରି କରିଛି। ମଧ୍ୟପ୍ରାଚ୍ୟରେ ରହୁଥିବା ଆମେରିକୀୟ ନାଗରିକମାନଙ୍କୁ ସଜାଗ ରହିବା ସହ ଯେକୌଣସି ସମୟରେ ଦେଶ ଛାଡ଼ିବା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବାହାରିନ୍, ଇରାକ୍, ଇସ୍ରାଏଲ୍, ଜୋର୍ଡାନ, କୁଏତ, ଲେବାନନ୍, ଓମାନ୍, କାତାର, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସରେ ଥିବା ଆମେରିକୀୟ ଦୂତାବାସଗୁଡ଼ିକ ପକ୍ଷରୁ ଏହି ସୂଚନା ଜାରି କରାଯାଇଛି। ବିମାନ ସେବା ବାତିଲ, ଆକାଶମାର୍ଗ ବନ୍ଦ ଏବଂ ଜରୁରୀ ପରିସ୍ଥିତି ଉପୁଜିବାର ସମ୍ଭାବନା ଥିବାରୁ ନାଗରିକମାନଙ୍କୁ ସତର୍କ ରହିବାକୁ କୁହାଯାଇଛି।

### ବନ୍ୟା ଘା'ରେ...

ରହିବା ସହ ବନ୍ୟା କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ କରିବାକୁ କହିଛନ୍ତି। ବନ୍ୟା ଜଳ ଛାଡ଼ିବାର ୭୨ ଘଣ୍ଟା ମଧ୍ୟରେ ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକରେ ବନ୍ୟା ପ୍ରଭାବିତଙ୍କ ଦୁର୍ଦ୍ଦଶା ଏବେ ବି ଜାରି ରହିଛି। ପାଞ୍ଚଟି ପଞ୍ଚାୟତ ଏବେ ମଧ୍ୟ ବାହ୍ୟଜଗତରୁ ବିଚ୍ଛିନ୍ନ। ଜଳସ୍ତର କମୁଥିଲେ ମଧ୍ୟ ଗାଁ ଦାଣ୍ଡରେ ପାଣି ଲହରୀ ମାରୁଛି। ଚାରି ଦିନ ଧରି ଜଳଘେରରେ ରହୁଥିବା ଲୋକମାନେ ଅଭିଯୋଗ କରିଛନ୍ତି ଯେ, ନା ସରକାରୀ ଅଧିକାରୀ ପହଞ୍ଚିଛନ୍ତି, ନା ରିଲିଫ ସାମଗ୍ରୀ। ପିଇବା ପାଣି ଓ ଖାଦ୍ୟ ଅଭାବରେ ସେମାନେ ଅତ୍ୟନ୍ତ କଷ୍ଟରେ ଦିନ କାଟୁଛନ୍ତି। କିଛି ବନ୍ୟା ବିପନ୍ନ କହିଛନ୍ତି ଯେ ପୂର୍ବ ସରକାର ସମୟରେ ବନ୍ୟା ହେଲେ ଶୀଘ୍ର ସହାୟତା ପହଞ୍ଚୁଥିଲା, କିନ୍ତୁ ଏଥର ପ୍ରଶାସନର ଉପସ୍ଥିତି ଦେଖିବାକୁ ମିଳୁନାହିଁ।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକରେ ମଧ୍ୟ ପରିସ୍ଥିତି ଚିନ୍ତାଜନକ। ପେଣ୍ଠପାଳ, ଅଳପୁଆ, ତରଡିପାଳ, ଅଣ୍ଡରା ଓ ସିଂହଗାଁ ପଞ୍ଚାୟତର ପ୍ରାୟ ୧୦ ହଜାର ଲୋକ ପାଞ୍ଚ ଦିନ ଧରି ପାଣି ଘେରରେ ରହିଛନ୍ତି। ଘର ଭିତରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମିଥିବାରୁ ଲୋକେ ବାହାରକୁ ବାହାରି ପାରୁନାହାନ୍ତି। ଖାଦ୍ୟ, ପାନୀୟ ଜଳ ଓ ଗୃହପାଳିତ ପଶୁଙ୍କ ଖାଦ୍ୟକୁ ନେଇ ଗୁରୁତର ସମସ୍ୟା ଦେଖାଦେଇଛି। ବନ୍ୟା ସମୟରେ ରିଲିଫ ନ ମିଳିବା ଅଭିଯୋଗ ହୋଇଛି।

ଭଦ୍ରକ ଜିଲ୍ଲାର ବାସୁଦେବପୁରରେ ଲଗାଣ ବର୍ଷା କମିଥିଲେ ମଧ୍ୟ ଜଳବନ୍ଦୀ ସ୍ଥିତିରେ ବିଶେଷ ସୁଧାର ଆସିନାହିଁ। ବରଣ୍ଡୁଆ, ସୁଦର୍ଶନପୁର, ଜଗନ୍ନାଥପୁର, ଜଗନ୍ନାଥପ୍ରସାଦ, ଲୁଙ୍ଗା ଓ ନରସିଂହପୁର ସମେତ ବହୁ ପଞ୍ଚାୟତରେ ଶହ ଶହ ପରିବାର ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ହଜାର ହଜାର ହେକ୍ଟର ଚାଷଜମି ବନ୍ୟା ପାଣିରେ ବୁଡ଼ି ରହିଥିବାରୁ ଚାଷୀମାନେ ବ୍ୟାପକ କ୍ଷତି ସମ୍ମୁଖୀନ ହୋଇଛନ୍ତି।

ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକରୁ ମଧ୍ୟ ରିଲିଫ ବଣ୍ଟନକୁ ନେଇ ସାଂଘାତିକ ଅଭିଯୋଗ ଆସିଛି। ମଣିଜଙ୍ଗା, ଗୋପାଳସାହି, କୋଳର, ଲକପଡା, ଗୋପିଆକୁଦ, କୋଟକଣା ଓ ହରିପୁର ଭଳି ଅଞ୍ଚଳରେ ଶହ ଶହ ପରିବାର ପ୍ରଭାବିତ ହୋଇଛନ୍ତି। ପ୍ରଶାସନର ସୂଚନା ଅନୁସାରେ ଜିଲ୍ଲାରେ ୧୭୩୪ ଜଣଙ୍କୁ ଉଦ୍ଧାର କରାଯାଇଛି; ୩୭ କ୍ୱିଣ୍ଟାଲ ଚୁଡ଼ା ଓ ଗୁଡ଼ ବଣ୍ଟନ କରାଯାଇଛି। କିନ୍ତୁ ପାଣି ଘେରରେ ଅଟକି ରହିଥିବା ଅନେକ ପରିବାର କହିଛନ୍ତି ଯେ ସେମାନଙ୍କ ପାଖରେ ନା ଶୁଖିଲା ଖାଦ୍ୟ ପହଞ୍ଚିଛି, ନା ରନ୍ଧା ଖାଦ୍ୟ। ଦୁର୍ଗମ ଅଞ୍ଚଳକୁ ଉଦ୍ଧାର ଓ ରିଲିଫ ଦଳ ପହଞ୍ଚିପାରୁନଥିବାରୁ ସେମାନେ ଭୋକ ଓ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି।

ବନ୍ୟା ପାଣି ଧୀରେ ଧୀରେ ହ୍ରାସ ପାଉଥିଲେ ମଧ୍ୟ ଏବେ ରାଜ୍ୟ ସାମ୍ନାରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଜଳବନ୍ଦୀ ଅଞ୍ଚଳକୁ ଶୀଘ୍ର ରିଲିଫ, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପହଞ୍ଚାଇବା। ସରକାର କ୍ଷୟକ୍ଷତି ଆକଳନ ଓ ପୁନର୍ବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ନିର୍ଦ୍ଦେଶ ଦେଇଥିବା ବେଳେ, ଭୂମିସ୍ତରରେ ସେହି ସହାୟତା କେତେ ଶୀଘ୍ର ଓ କେତେ ପ୍ରଭାବଶାଳୀ ଭାବେ ପହଞ୍ଚୁଛି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ।

### ଉଜୁଡ଼ିଗଲା ଚାଷୀଙ୍କ...

ମାନଙ୍କର ବ୍ୟାପକ କ୍ଷୟକ୍ଷତି ହେଇଥିବା ଦେଖିବାକୁ ମିଳିଛି। ଏହି ବ୍ଲକର ନଦୀକୂଳ ଅଞ୍ଚଳ ପହଙ୍ଗା ପଞ୍ଚାୟତର ବାଘଡିଆଁ, ଗୋପାଳ ପାଟଣା, ଟିକରପଡା ପଞ୍ଚାୟତର କୁଜିବର, ପୋଡ଼ା ଜାଗୁଲେଇ, ଗନ୍ଧଣ ପଞ୍ଚାୟତର ତୁଳସୀପୁର, ମସୁରପୁର, ପାରିକଇଁଚି, ଗନ୍ଧଣ, ଏକତଳା, ବଣ୍ଟରା, ଭୋଟକା, ବିଲିପଡ଼ା ପ୍ରଭୃତି ଫସଲ ଜମି ଗୁଡିକ ନଷ୍ଟ ହେଇଥିବା ଦେଖିବାକୁ ମିଳିଛି। ଏହି ଜମି ଗୁଡିକ ନଦୀ କୂଳରେ ଥିବା ବେଳେ ଶହ ଶହ ଏକର ଜମି ଗୁଡିକରେ ଲାଗିଥିବା ଜହ୍ନି, ପୋଟଳ, କଲରା, କାକୁଡି, ବାଇଗଣ, ଝୁଡ଼ଙ୍ଗ, ଭେଣ୍ଡି, ବୋଇତାଳୁ, ଅମୃତଭଣ୍ଡା କିଆରୀରେ ଏବେବି ନଦୀଜଳ ଲାଗି ରହିଛି। କେତେକ ଫସଲରେ ପାଣି ପଶି ପଚି ନଷ୍ଟ ହେଇଯାଇଥି ବେଳେ କେତେକ ଫସଲ ଜହ୍ଲା ଧରି ଝାଉଁଳିବା ଆରମ୍ଭ କଲାଣି। ଏ ସମ୍ପର୍କରେ ଗନ୍ଧଣ ପଞ୍ଚାୟତ ତୁଳସୀପୁର ଗ୍ରାମର ଚାଷୀ ନିରଞ୍ଜନ ବେହୁରିଆଙ୍କ ମତରେ ଗୁଣ୍ଠରେ ୫୦୦ ଟଙ୍କାର ସାର, ଔଷଧ ଖର୍ଚ୍ଚ କରି ୧୬ ଗୁଣ୍ଠ ଜମିରେ ଲଗେଇଥିବା ଜହ୍ନି, ବାଇଗଣ ଓ କଲରା ଫସଲ ସମ୍ପୂର୍ଣ୍ଣ ଧୋଇରେ ଚାଲିଯାଇଥିବା ବେଳେ ମୂଳଧନ ବୁଡିଗଲା। ସେହିପରି ସେହି ଗ୍ରାମର ଶୁକଦେବ ସାହୁ, ବାବୁଲି ବେହେରା ଥରୁଟିଏ ବାଇଗଣ ତଳି ବିକ୍ରି କରିଥିବା ବେଳେ ବନ୍ୟା ପାଣି ପଶିଗଲା। ନିକଟ ପଞ୍ଚାୟତ ଟିକରପଡା ପଞ୍ଚାୟତ ପୋଡ଼ାଜାଗୁଲେଇ ଗ୍ରାମର ଦୁର୍ଯ୍ୟୋଧନ ମହାନ୍ତି, କୁଜିବର ଗ୍ରାମର ଶତ୍ରୁଘ୍ନ ପ୍ରଧାନଙ୍କ କହିବା ଅନୁଯାଇ ତାଙ୍କ ଗ୍ରାମର ୩୦୦ ଚାଷୀ ଏଇ ଫସଲ ଉପରେ ନିର୍ଭରଶୀଳ ଥିବା ବେଳେ ଉକ୍ତ ଗ୍ରାମର ଏକର ଏକର ଫସଲରେ ବନ୍ୟାଜଳ ପଶିବାଯୋଗୁ ପୋଟଳ, କଲରା, ଜହ୍ନି କିଆରୀ ଗୁଡିକ ମୂଳ ପଚି ମରିଯିବାକୁ ବସିଛି। ସେହିପରି ଭୋଟକା ପଞ୍ଚାୟତର ଚାଷୀମାନେ କ୍ଷତିଗ୍ରସ୍ତ ହେଇଥିବା ବେଳେ ଖଣ୍ଡିତର ଗ୍ରାମର ଗୋବିନ୍ଦ ଶତପଥୀଙ୍କ ଏକରରୁ ଅଧିକ ପୋଟଳ, ଅମୃତଭଣ୍ଡା, କଲରା ଫସଲ ଗୁଡିକ ଧୋଇରେ ଚାଲି ଯାଇଛି। ସେହିପରି ବାରବାଟୀ, କଲଣ, ସମନ୍ତରାପୁର, ଅତଲାପୁର ପଞ୍ଚାୟତ ପ୍ରଭୃତିର ଫସଲ ଜମି ଗୁଡିକ ନଷ୍ଟ ହେଇଯାଇଥିବା ଜଣାପଡିଛି। ତେବେ ଏହି ସବୁ ଜମିରୁ ଚାଷୀମାନେ ବର୍ଷ ପାଇଁ ବଞ୍ଚିବାର ଖୋରାକ ପାଉଥିବା ବେଳେ ଆନୁମାନିକ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଫସଲ ନଷ୍ଟକୁ ନେଇ ଚାଷୀମାନେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ ନିରାଶ ଚାଷୀମାନଙ୍କୁ କୃଷିବୀମା ସହିତ ସମସ୍ତ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

### ଓଡ଼ିଶାରେ 'ନିଶାମୁକ୍ତ...

ମାଧ୍ୟମରେ ଦେଖିଥିଲେ। ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୁବପିଢ଼ିକୁ ରାଷ୍ଟ୍ର ନିର୍ମାଣର ପ୍ରମୁଖ କର୍ଣ୍ଣଧାର ଭାବେ ଅଭିହିତ କରି ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କାର ଓ ସମାଜସେବାକୁ ନିଶାଶକ୍ତର ଶ୍ରେଷ୍ଠ ବିକଳ୍ପ ଭାବେ ବାଛିନେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ କ୍ରୀଡ଼ା ଆବୋଡ୍ ଭାବେ ଉଭା ହୋଇଥିବା ବେଳେ ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଥିଲେ। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ 'ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନ-ଆନ୍ଦୋଳନ ଅଟେ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଥିଲେ ଯେ, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ 'ଜେନ-ଜି' ପିଢ଼ି ଓ ଯୁବଶକ୍ତି ହିଁ ପ୍ରମୁଖ ବିଶ୍ୱକର୍ମା। ନିଶା ଆଜି କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇ ରହିନାହିଁ, ବରଂ ଏହା ମାନସିକ ଓ ଶାରୀରିକ ସାମର୍ଥ୍ୟ ହ୍ରାସ କରିବା ସହ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି ଏବଂ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ବଡ଼ ପ୍ରତିବନ୍ଧକ ସାଜୁଛି। ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ସିଣ୍ଡିକେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣାଇଛନ୍ତି। ଓଡ଼ିଶା ପୁଲିସର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ ଜୁଲାଇ ୨୦୨୪ ରୁ ଜୁନ୍ ୨୦୨୬ ମଧ୍ୟରେ ପୁଲିସ ପ୍ରାୟ ୧,୯୧୧ କୋଟି ଟଙ୍କା ମୂଲ୍ୟର ୬୩,୭୨୦ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଛି। ଏହାସହ ୨,୫୭୬ ଟି ମାମଲା ରୁଜୁ କରାଯାଇ ୩,୬୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨,୧୦୬ କୋଟି ଟଙ୍କାର ୪୩୨ ଟନ୍ ଗଞ୍ଜେଇ ଜବତ କରାଯାଇଛି। କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ନିଶାପୀଡ଼ିତଙ୍କ ପୁନରୁଦ୍ଧାର ଓ ପୁନର୍ବାସ ପାଇଁ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯାଉଛି। କୌଣସି ବି ଅଞ୍ଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଡ୍ରଗ୍ସ ମାଫିଆଙ୍କୁ ସ୍ପଷ୍ଟ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବସମାଜକୁ ନିଶା ବିଷ ଦେବାରୁ ନିବୃତ୍ତ ନ ରହିଲେ ବୁଲଡୋଜର ଆକ୍ସନ୍ ଭଳି ଅତ୍ୟନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ। ଜୀବନ ଅତ୍ୟନ୍ତ ମୂଲ୍ୟବାନ୍ ହୋଇଥିବାରୁ ସମସ୍ତ ଯୁବସାଥୀ 'ଏନଏସଏସ, ମାଇଁ ଭାରତ' ଶପଥ ନେଇ ନିଜକୁ ଏହି ନର୍କରୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଧନ୍ୟବାଦ ଦେଇଥିଲେ।

### ୮ରୁ ପୁଣି...

ବେଳେ ଖରାର ପ୍ରଭାବ ମଧ୍ୟ ଅଧିକ ରହିବା ସହ ଗରମ ଓ ଗୁଳୁଗୁଳି ବୃଦ୍ଧି ପାଇଛି। ଏହି ପିରିସ୍ଥିତିରେ ଅପରାହ୍ଣ ପରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ପାଇଁ ପାଗ ଅନକୂଳ ରହୁଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଆଶଙ୍କା ରହିଥିବା ବେଳେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋରଧା, ନୟାଗଡ଼, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ବଙ୍ଗଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ବାରିପଦାରେ ୪୮ ମିମି ବର୍ଷା ହୋଇଥିବା ବେଳେ ନୟାଗଡ଼ ୨୯ ଓ ଢେଙ୍କାନାଳରେ ୧୭ ମିମି ବର୍ଷା ରେକର୍ଡ ହୋଇଛି। ଏବେ ଦିନରେ ଗରମ ଗୁଳୁଗୁଳି ଅଧିକ ହେଉଥିବା ହେତୁ ଅପରାହ୍ଣ ପରେ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ିର ଅଧିକ ସମ୍ଭାବନା ରହିଛି। ତେଣୁ ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ବିଜୁଳି ଘଡ଼ଘଡ଼ି ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି।

### ଓଡ଼ିଶାରେ ଖୋଲୁନି...

ଚିହ୍ନଟ, ଟେଣ୍ଡର ପ୍ରକ୍ରିୟା କିମ୍ବା ବିଦ୍ୟୁତ ବଣ୍ଟନ ସଂସ୍ଥାଙ୍କ ସହ ସମନ୍ୱୟ ଭଳି କ୍ଷେତ୍ରରେ ସମସ୍ୟା ଯୋଗୁଁ ଓଡ଼ିଶାରେ କୃଷି କ୍ଷେତ୍ରରେ ସୌର ଶକ୍ତି ବ୍ୟବହାର ବିଶେଷ ଅଗ୍ରଗତି ହୋଇପାରିନାହିଁ। କୃଷି କ୍ଷେତ୍ରରେ ସୋଲାର ଫିଡର ଓ ବିଦ୍ୟୁତ ପ୍ରକଳ୍ପ ସଫଳ ହେଲେ କୃଷକଙ୍କ ବିଦ୍ୟୁତ ଖର୍ଚ୍ଚ କମିବ, ଦିନବେଳେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସମ୍ଭବ ହେବ ଏବଂ ଡିସକମ୍‌ମାନଙ୍କ ଉପରେ ଆର୍ଥିକ ଚାପ ମଧ୍ୟ ହ୍ରାସ ପାଇବ। କିନ୍ତୁ ଓଡ଼ିଶାରେ ଏହି ଦୁଇ ପ୍ରମୁଖ କ୍ଷେତ୍ରରେ ଅଗ୍ରଗତି ନ ହେବାରୁ କୃଷକମାନେ ଏହି ଯୋଜନାର ପୂର୍ଣ୍ଣ ସୁଫଳରୁ ବଞ୍ଚିତ ହୋଇଛନ୍ତି।

### ଶ୍ରୀମନ୍ଦିର ଡିଜିଟାଲ...

ରହିଛି। କିନ୍ତୁ ଶ୍ରୀମନ୍ଦିରକୁ ଲକ୍ଷ ଲକ୍ଷ ଭକ୍ତ ଆସୁଥିଲେ ମଧ୍ୟ ହୁଣ୍ଡି ଆୟ ସୀମିତ ରହିଛି। ତେଣୁ ସେ ଦାବି କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଆଇନ ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଡିଜିଟାଲ ହୁଣ୍ଡି ପାଇଁ ଏକ ସ୍ୱତନ୍ତ୍ର ପଲିସି ପ୍ରସ୍ତୁତ କରନ୍ତୁ। ଡିଜିଟାଲ ହୁଣ୍ଡି ମାଧ୍ୟମରେ ଦାନ କରୁଥିବା ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କୁ ତତ୍‌କ୍ଷଣାତ୍ ଡିଜିଟାଲ ରସିଦ୍ ଦିଆଯାଉ। ଆପ୍‌ର ସୁରକ୍ଷା ଓ ପ୍ରମାଣୀକରଣ କରାଯାଉ ଏବଂ ଏହାକୁ ବିଶ୍ୱବ୍ୟାପୀ ପ୍ରଚାର କରାଯାଉ। ସେ ଆହୁରି କହିଛନ୍ତି, ପ୍ରତ୍ୟେକ ଦାନ ସଫଳ ହେବା ପରେ ତୁରନ୍ତ ଏସ୍‌ଏମ୍‌ଏସ୍ ଓ ଇ-ମେଲ୍ ଜରିଆରେ ଭକ୍ତମାନଙ୍କୁ ରସିଦ୍ ପ୍ରଦାନ କରାଯାଉ। ନଚେତ୍ ଦାନ ପରେ ତୁରନ୍ତ ଦାନ ସୁନିଶ୍ଚିତ ହୋଇଥିବାର ମେସେଜ୍ ଛଡ଼ାଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ ସଞ୍ଜୀବ ରଥଶର୍ମା ଓ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ଘଟଣାକ୍ରମ ବାବଦରେ ସୂଚନା ଦେଇ ରସିଦ୍ ପ୍ରଦାନ କିମ୍ବା ମେସେଜ ପଠାଇବାକୁ ଦାବି କରିଛନ୍ତି।

ସୂଚନାଥାଉ କି, ନିକଟରେ ମୁଖ୍ୟମନ୍ତ୍ରୀ ଡିଜିଟାଲ ହୁଣ୍ଡି ଆରମ୍ଭ କରିଥିଲେ। କିନ୍ତୁ କିଛିଦିନ ମଧ୍ୟରେ ଏହି ବ୍ୟବସ୍ଥାରେ ତ୍ରୁଟି ଦେଖାଦେବା ଏବଂ ପ୍ରଶାସନର ନିରବତା ସାଧାରଣ ଭକ୍ତଙ୍କ ବିଶ୍ୱାସକୁ ଆଘାତ ଦେଇଛି। ମହାପ୍ରଭୁଙ୍କ ନାମରେ ଦାନ କରୁଥିବା ଶ୍ରଦ୍ଧାଳୁଙ୍କ ଟଙ୍କାର ସୁରକ୍ଷା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବା ପ୍ରଶାସନର ଦାୟିତ୍ୱ। ଏହି ଘଟଣା ପରେ ଡିଜିଟାଲ ହୁଣ୍ଡି ବ୍ୟବସ୍ଥାର ବିଶ୍ୱସନିୟତା ଉପରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନର କୌଣସି ମତାମତ ମିଳିପାରିନାହିଁ।


**[GOVERNMENT OF ODISHA]** 34001/573/2627

**OFFICE OF THE SUPERINTENDING ENGINEER, BARAGADA (R&B) DIVISION, BARAGADA**

E-mail - eepwdbgh@gmail.com Phone/Fax-06646 – 234819

**INVITATIONS FOR BIDS (I.F.B.)**

**e-Procurement Notice**

**IDENTIFICATION NO.IFB-SE PWD BGH No.06 OF 2026-27**

**No. 3656 Dated.27.07.2026**

1) The **Superintending Engineer, Baragada (R&B) Division, Baragada** on behalf of Governor of Odisha invites **Percentage Rate** bid in **Double Cover System** in **ONLINE MODE** for the **Civil works (Civil+EI+PH) (Composite work)** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No of Civil work: - **01 No.**
3) Cost of Tender Paper: - **Rs.10,000/-**
4) Class of contractor **"B" Class Contractor**
5) Date & Time of available in web site & receipt of Bids: – **11:00 Hrs. of 05.08.2026** to **17:00Hrs. of 17.08.2026.**
6) Date of opening of Technical Bid: - **18.08.2026 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in Only

Superintending Engineer, Baragada (R&B) Division

OIPR-34001/34039/1/26-27/0004

**AFFIDAVIT**

By virtue of an affidavit no 2475, dtd- 07/04/2026 sworn before Executive Magistrate, Cuttack, I, Bimala Bahadur, W/o- Narayan Bahadur, At- Kazidiha, Po/Ps- Madhupatna, Dist.- Cuttack, hereby declare that my correct name is Bimala Bahadur but in my Aadhar card my name is wrongly mentioned as Bimala Chhetri. That both the names are one and the same person i.e. myself. Henceforth, I shall be known as **Bimala Bahadur** for all purposes.

**AFFIDAVIT**

I, MADDAMCHITTI VISHALI, W/O MADDAMSETTY SRINIVAS RAO resident of At - Sukia Guda, PO - P.R.Peta, PS - Jeypore, Dist - Koraput - 764003, Odisha declare by this Affidavit No. 3122 Dated - 01/08/2026, that now onwards I shall be known as **MADDAMSETTY VISHALI** for all future purposes.

**AFFIDAVIT**

I, Manjubala Pradhan, D/o. Girishchchandra Pradhan, resident of Ward No.10, Lalbazar, Po/Ps-Baripada Town, Dist- Mayurbhanj, Pin-757001, Odisha declare by this affidavit No. 11 dtd. 01.08.2026 that now onwards I shall be known as **MANJUBALA PRADHAN** for all future purposes.

**AFFIDAVIT**

I, PACACITY VENKATESH, S/O P MOHAN RAO resident of At - Bhupati Street, PO/PS - Jeypore, Dist - Koraput - 764001, Odisha declare by this Affidavit No. 3121, Dated - 01/08/2026, that now onwards I shall be known as **P VENKATESH** for all future purposes.

**Affidavit for Minor**

By virtue of an affidavit no- 2907, dtd- 30/07/2026 sworn before Executive Magistrate, Banpur, I, Sushant Kumar Mahapatra, age-45years, S/o- Basant Mahapatra of Address At- Manipur, Po-Khanata, Ps- Banpur, Dist-Khordha, Odisha, Pin- 752030 hereby declare that I have changed my minor Daughter's name from Anjali Mahapatra to Smita Mahapatra. Henceforth, she shall be known as **Smita Mahapatra** for all purposes.

**Sushant Kumar Mahapatra**

**AFFIDAVIT**

I, MADDAMCHITTI SRINIVAS RAO, S/O MADDAMCHITTI VENKATRAMANA resident of At- Sukia Guda, PO - P.R.Peta, PS - Jeypore, Dist - Koraput - 764003, Odisha declare by this Affidavit No. 3123, Dated - 01/08/2026, that now onwards I shall be known as **MADDAMSETTY SRINIVAS RAO** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Pipili A.F. No. 1057, on dated 20.02.2025, I, **RAJESH DAS**, S/o Ajay Das Address AT- Nuahat Bharasapur, PO- Pipili, PS- Pipili, DIST- Puri, Pin - 752104 have changed my minor Son's name from **SAMULA DAS** to **SAMUEL DAS.** Henceforth, he shall be known as **SAMUEL DAS** for all purposes.

**Sd- RAJESH DAS**

ସକାଳ THE SAKALA



# କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ବିଭୀଷିକା

# ୯ ବ୍ଲକ୍‌ର ୧୭୦ ଗ୍ରାମ ପ୍ରଭାବିତ, ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜୋରଦାର

କେନ୍ଦ୍ରାପଡ଼ା, ୨।୮ (ସମିସ)

ଲଗାଣ ବର୍ଷା ଓ ନଦୀର ଉଚ୍ଚ ଜଳସ୍ତର ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଏବେ ମଧ୍ୟ ଚିନ୍ତାଜନକ ରହିଛି। ତେବେ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ, ସ୍ୱାସ୍ଥ୍ୟସେବା ଓ ପଶୁସମ୍ପଦ ସୁରକ୍ଷା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ବନ୍ୟା କବଳିତ ଗ୍ରାମରେ ପ୍ରଶାସନିକ ଅଧିକାରୀ, ଉଦ୍ଧାରକାରୀ ଦଳ ଓ ସ୍ୱାସ୍ଥ୍ୟ କର୍ମଚାରୀ ନିରନ୍ତର କାର୍ଯ୍ୟ କରୁଥିବାରୁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ପହଞ୍ଚିବାରେ ସହାୟକ ହୋଇଛି। ଜିଲ୍ଲାର ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା, ରାଜନଗର ଓ ଡେରାବିଶ ବ୍ଲକର ୮୫ଟି ପଞ୍ଚାୟତ ଅଧୀନ ୧୭୦ଟି ଗ୍ରାମ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ବନ୍ୟା ପ୍ରଭାବରେ ରହିଛି। ପ୍ରାୟ ୮୮ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ବିପଦପୂର୍ଣ୍ଣ



ଅଞ୍ଚଳରୁ ୧, ୧୬୪ ଜଣଙ୍କୁ ସୁରକ୍ଷିତ ସ୍ଥାନ ଓ ରିଲିଫ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଆଶ୍ରୟ କେନ୍ଦ୍ରରେ ରହୁଥିବା ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ବଣ୍ଟନ ଜୋରଦାର ଭାବେ ଚାଲିଛି। ଚାଉଳ, ଚୁଡ଼ା, ଗୁଡ଼, ବିସ୍କୁଟ, ପାନୀୟ ଜଳ, ମହମବତୀ ଓ ଦିଆସିଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀ ନିୟମିତ ଭାବେ ପହଞ୍ଚାଯାଉଛି। ବଟିରା ସମେତ ବିଭିନ୍ନ ସ୍ଥାନରେ ମାଗଣା ରୋଷେଇ କେନ୍ଦ୍ର ଚାଲୁ ରହିଥିବାବେଳେ ବରକନ୍ଧା ଓ ଅନ୍ୟାନ୍ୟ ଜଳଘେର ଅଞ୍ଚଳରେ ଡଙ୍ଗା ଯୋଗେ ବିଶୁଦ୍ଧ ପାନୀୟଜଳ ଓ ଶୁଖିଲା ଖାଦ୍ୟ ପହଞ୍ଚାଯାଉଛି। ବନ୍ୟା ସମୟରେ ଜନସ୍ୱାସ୍ଥ୍ୟ ସହ ପଶୁସମ୍ପଦ ସୁରକ୍ଷାକୁ ମଧ୍ୟ ପ୍ରଶାସନ ସମାନ ଗୁରୁତ୍ୱ ଦେଉଛି। ୧୭ଟି ମେଡିକାଲ ଟିମ୍ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବାବେଳେ ୯ଟି ପଶୁ ଚିକିତ୍ସା ଦଳ ପଶୁଙ୍କ ଚିକିତ୍ସା, ଟିକାକରଣ ଓ ସବୁଜ ପଶୁଖାଦ୍ୟ ବଣ୍ଟନ କରୁଛନ୍ତି। ବନ୍ୟା ପରେ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରତିଷେଧକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି। ଉଦ୍ଧାର କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ପାଇଁ ଏସଆରଏଫ ପାୱାର ବୋଟ୍, ଦେଶୀ ଓ ଯାନ୍ତ୍ରିକ ଡଙ୍ଗା ନିୟୋଜିତ ରହିଛି। ଅନେକ ରାସ୍ତା ଜଳମଗ୍ନ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ବିଦ୍ୟୁତ, ପାନୀୟ ଜଳ ଓ ଯୋଗାଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ ରଖିବା ପାଇଁ ସମ୍ପୃକ୍ତ ବିଭାଗ ନିରନ୍ତର କାର୍ଯ୍ୟରତ ରହିଛନ୍ତି। ପ୍ରଶାସନର ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ବନ୍ୟାଜନିତ କୌଣସି ଜୀବନହାନି ଘଟିନାହିଁ। ଫସଲର ପ୍ରକୃତ କ୍ଷୟକ୍ଷତିର ଆକଳନ ବନ୍ୟା ଜଳ ସମ୍ପୂର୍ଣ୍ଣ ହ୍ରାସ ପରେ କରାଯିବ।

## ସମାଜସେବୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ମହାକାଳପଡ଼ା, ୨।୮ (ସମିସ): ବନ୍ୟା ବିପର୍ଯ୍ୟୟରେ ଜୀବନଯାପନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ବିଭିନ୍ନ ୱାର୍ଡ ପରିଦର୍ଶନ କରିଛନ୍ତି ଯୁବନେତା ତଥା ସମାଜସେବୀ ଚିରଞ୍ଜନ ଦାସ। ସେ ବନ୍ୟା ପ୍ରଭାବିତ ପରିବାରଙ୍କ ଘରକୁ ଯାଇ ସେମାନଙ୍କ ସହ ଆଲୋଚନା କରି ଦୈନନ୍ଦିନ ସମସ୍ୟା, ଖାଦ୍ୟ, ପାନୀୟ ଜଳ, ଯାତାୟାତ ଓ ଅନ୍ୟାନ୍ୟ ଜରୁରୀ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ପରିଦର୍ଶନ ବେଳେ ସେ କହିଥିଲେ, ବିପଦ ସମୟରେ ଲୋକଙ୍କ ପାଖରେ ଛିଡ଼ା ହୋଇ ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ହିଁ ପ୍ରକୃତ ଜନସେବା। ପ୍ରଭାବିତ ଲୋକଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଚିରଞ୍ଜନ ଦାସଙ୍କ ଏହି ପରିଦର୍ଶନ ଓ ଜନସମ୍ପର୍କକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଥିବାବେଳେ ବନ୍ୟା ପୀଡ଼ିତମାନେ ତାଙ୍କ ସେବାଭାବ ଓ ସହଯୋଗୀ ମନୋଭାବକୁ ସମସ୍ତେ ପ୍ରଶଂସା କରିଛନ୍ତି।

## ଧୋୟାଞ୍ଚଳ ବନ୍ୟା ବିପନ୍ନଙ୍କୁ ଭେଟିଲେ ଆଳି ବିଧାୟକ

ଗୋବିନ୍ଦପୁର, ୨।୮ (ସମିସ): ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ଆଳି ଧୋୟାଞ୍ଚଳର ୧୧ଟି ପଞ୍ଚାୟତ ଲୋକେ ୪ ଦିନ ହେଲା ଜଳବନ୍ଦୀ ହୋଇ ରହିଛନ୍ତି। ଲୋକେ ଘରୁ ବାହାରି ପାରୁନାହାନ୍ତି। ବନ୍ୟା ଜଳ ହ୍ରାସ ପାଉଥିଲେ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା କମିନାହିଁ। ଏପରି ସ୍ଥିତିରେ ପ୍ରଶାସନର ବନ୍ୟା ମୁକାବିଲା କରିବାରେ ବିଫଳ ହୋଇଛି। ବନ୍ୟାରେ ଲୋକେ ତିନି ଦିନ ପାଣି ଘେରରେ ଥିବାବେଳେ ପ୍ରଶାସନ ପହଞ୍ଚି ନ ଥିଲା। ଆଜି ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ ମଧ୍ୟ ତାହା ବନ୍ୟା ବିପନ୍ନଙ୍କୁ ଉଦାସୀନତା, ଉପହାସ ସଦୃଶ୍ୟ ହୋଇଛି। ପେତପଡ଼ା ପଞ୍ଚାୟତରେ ୪୦୦୦ ଲୋକ ଥିବାବେଳେ ମାତ୍ର ୧୨୦୦ ଲୋକଙ୍କ ପାଇଁ ଚୁଡ଼ା, ଗୁଡ଼, ମହମବତୀ ଓ ଅନ୍ୟାନ୍ୟ ଜିନିଷ ଆସିଛି। ଆଜି ବିଧାୟକ ପ୍ରତାପ କେଶରୀ ଦେବ ଠାକୁରପାଟଣା, ଫସିଧା, ମଙ୍ଗରାଜପୁର, ମାନପୁର, ପଦନିପାଳ, ଦୈତାରିପୁର ପ୍ରମୁଖ ଗ୍ରାମ ବୁଲି ବନ୍ୟା ବିପନ୍ନଙ୍କୁ ଭେଟି ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବିପନ୍ନଙ୍କୁ ବିଧାୟକ ବୋତଲ ପାନୀୟଜଳ, ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ବନ୍ୟା ବିପନ୍ନଙ୍କୁ ପ୍ରଶାସନର ଉପହାସ ଓ ଉଦାସୀନତା ବୋଲି ବିଧାୟକ ଶ୍ରୀ ଦେବ କହିଛନ୍ତି। ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ପ୍ରତିନିଧି କେଦାର ବେହେରା, ସଙ୍ଗଠକ ସୁବ୍ରତ ଦାସ, ପ୍ରିୟବ୍ରତ ପାତ୍ର ପ୍ରମୁଖ ସାମିଲ ଥିଲେ।



## ବନ୍ୟାଞ୍ଚଳରେ ବିଧାୟକ ଓ ଜିଲ୍ଲାପାଳ

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ପଟ୍ଟାମୁଣ୍ଡାଇ, ୨।୮ (ସମିସ): ବ୍ରାହ୍ମଣୀ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ସହିତ ପ୍ରାୟ ୬୫ ହଜାର ଲୋକ ବିପନ୍ନ ହୋଇଛନ୍ତି। ବନ୍ୟା କମିଛି ସତ, ମାତ୍ର ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ି ବଢ଼ି ଚାଲିଛି। ବନ୍ୟା ଯୋଗୁଁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ବ୍ୟାପକ ଫସଲ ହାନି ଘଟିବା ସାଙ୍ଗକୁ ରାସ୍ତା ଘାଟ ଧୋଇ ଯାଇ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍କୁଲ କଲେଜରେ ପାଣି ପଶିଯିବା ଫଳରେ ଶିକ୍ଷାଦାନ ଠପ ହୋଇଛି। ବହୁ କଚା ଘରେ ପାଣି ପଶି ଯାଇ ଶହ ଶହ ଘର ଭାଙ୍ଗିଛି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ପାନୀୟଜଳ ଓ ଗୋ-ଖାଦ୍ୟ ଅଭାବ ଦେଖାଦେଇଛି। ଅଣ୍ଟରା ଅଳପୁଆ, ତୁଳସୀଡିଆ ଆଦି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ପଶି ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ଏବେବି ସିଂହଗାଁ ସମେତ ବହୁ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ରହିଛି। ଆଜି ପୂର୍ବାହ୍ନରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ରଘୁରାମ ଆର ଆୟାର, ତହସିଲଦାର ପଞ୍ଚାନନ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୀତଲ ଅଗ୍ରୱାଲ, ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶିୱାନୀ ଶଙ୍କର ଦାଶ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ, ଜିଲ୍ଲା ପରିଷଦ ସଦସ୍ୟ ପ୍ରିୟଦର୍ଶନୀ ତରାଇ, ସରପଞ୍ଚ ପଦ୍ମିନୀ ବେହେରା, ଅନ୍ନପୂର୍ଣ୍ଣା ସେଠୀ, ଦେବବ୍ରତ ନାୟକ, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ ପ୍ରମୁଖ





ଅଳପୁଆ ସୁବର୍ଣ୍ଣପୁର ମିଶ୍ରବାଗ ପେଣ୍ଠପାଳ ପଞ୍ଚାୟତର କୋଳଥିଆ ବାଲିକିରା ଗାଁର ବନ୍ୟା ବିପନ୍ନ ଲୋକଙ୍କ ସହିତ ଆଲୋଚନା କରିଥିଲେ। ବିଧାୟକ ଓ ଜିଲ୍ଲାପାଳ ନୀଳକଣ୍ଠପୁର ନିକଟରେ ଘେରିବନ୍ଧରେ ହୋଇଥିବା ଘାଇ ପରିଦର୍ଶନ କରିଥିଲେ। ପରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକର ଅନ୍ୟତମ ବିଶେଷ କ୍ଷତିଗ୍ରସ୍ତ ଅଞ୍ଚଳ ଶ୍ରୀରାମପୁର ଡାମରପୁର ଓ ବଳଭଦ୍ରପୁର ପଞ୍ଚାୟତକୁ ଯାଇ ବନ୍ୟା ବିପନ୍ନଙ୍କ ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ପରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

## ବନ୍ୟାଞ୍ଚଳରେ କଂଗ୍ରେସ ଟିମ୍

ରାଜନଗର, ୨।୮ (ସମିସ): ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ବିଭିନ୍ନ ବନ୍ୟାଞ୍ଚଳର ପ୍ରଭାବିତ ଗାଁରେ ପହଞ୍ଚି ବନ୍ୟା ବିପନ୍ନଙ୍କୁ ଭେଟିଛନ୍ତି କଂଗ୍ରେସ ପ୍ରତିନିଧି ଦଳ। ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ପ୍ରଶାନ୍ତ ରାଉତ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି କିଛି ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ରାଜନଗର ବନ୍ୟା ବିପନ୍ନଙ୍କୁ କୌଣସି ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇନଥିବାରୁ ପ୍ରଶାସନ ସହ ଆଲୋଚନା କରିବା ସହ ତୁରନ୍ତ ରିଲିଫ ଓ ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଯୋଗାଇ ଦେବାକୁ ଦାବି କରିଛନ୍ତି। ଯୁବ କଂଗ୍ରେସ ସଭାପତି ସୁଶୀଲ ପ୍ରଧାନ, ଛାତ୍ର କଂଗ୍ରେସ ସଭାପତି ଅଭିକ ଦାସ, ବନ୍ଧପଡ଼ା ପଞ୍ଚାୟତ କଂଗ୍ରେସ ସଭାପତି ରଞ୍ଜିତ ପ୍ରଧାନ, ସମରେନ୍ଦ୍ର ବେହେରା, ବେଲପାଳ ପଞ୍ଚାୟତ ସଭାପତି କର୍ଣ୍ଣଚନ୍ଦ୍ର ବିଶ୍ୱାଳ, ନଳିନୀ ବିଶ୍ୱାଳ, କପିଳାସ ସ୍ୱାଇଁ, ଦୁର୍ଗାଚରଣ ସାହୁ, ବାସୁଦେବ ଜେନା, ଯୁବ ନେତା ଶୁଭମ ପତି, ବାପି ପରିଡ଼ା, ଗୋପାଳକୃଷ୍ଣ ଦାସ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି।



## ବୈତରଣୀ ଓ ଖରସ୍ରୋତା ନଦୀର ଜଳସ୍ତର ଖସୁଛି

ରାଜକନିକା, ୨।୮ (ସମିସ): ରାଜକନିକା ବନ୍ୟାସ୍ଥିତିରେ ଆଜି ସୁଧାର ଆସିଛି। ବୈତରଣୀ ଓ ଖରସ୍ରୋତା ନଦୀର ଜଳସ୍ତର ଜୁଆର ଓ ଭଟା ସମୟରେ ମାଡୁଛି ଓ ଛାଡୁଛି। ବନ୍ୟା ବିପନ୍ନଙ୍କ ପାଖରେ ଗତକାଲି ନେତାଙ୍କ ପ୍ରତିଯୋଗିତାମୂଳକ ବନ୍ୟାଞ୍ଚଳ ଗସ୍ତ ଆଜି ପୁରା ଠପ ହୋଇଯାଇଛି। ଏବେବି କନପୁର, ଗୁଣ୍ଠଳ, ଗହମପାଳ, ବାଲିସାହି, ହଳୁପଡ଼ା ଗାଁରେ ନଳକୂପ ବୁଡି ରହିଥିବାରୁ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ କୌଣସି ଉଦ୍ୟମ ନ ହେବାରୁ ଲୋକେ ମିଳୁଥିବା ପାଣିକୁ ଫୁଟେଇ ପିଉଛନ୍ତି। ସେହିପରି ଏହି ଗାଁର ଅଧିକାଂଶ ଚାଳ ଘରେ ପାଣି ପଶିଥିବାରୁ ଚୁଲି ଜଳିନାହିଁ। ରନ୍ଧା ଖାଦ୍ୟ ଭୁଲି ବିପନ୍ନମାନେ ଶୁଖିଲା ଖାଦ୍ୟ ଖାଉଥିବାବେଳେ ଗୋରୁଗାଇ ଭୋକରେ ଆଉଟୁ ପାଉଟୁ ହେଉଛନ୍ତି। ଅନ୍ୟପଟରେ ରାଜକନିକା ମେଡିକାଲ ତରଫରୁ ଦୁଇଟି ୟୁନିଟ ମୋବାଇଲ ଟିମ କରାଯାଇ ପ୍ରତି ୟୁନିଟରେ ଜଣେ ଆୟୁଷ ଡାକ୍ତର, ଜଣେ ଏଏନଏମ ଓ ଜଣେ ନର୍ସଙ୍କ ଦ୍ୱାରା ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା ଦେବାକୁ ପ୍ରୟାସ ରହିଛି। ଚଳିତ ବନ୍ୟାର ୫ ଦିନ ବିଭୀଷିକାରେ ରାଜକନିକା ବ୍ଲକର ୧୩ ଧୋୟା ପଞ୍ଚାୟତର ୬ ହଜାର ହେକ୍ଟର ଶାରଦ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡିବ ବୋଲି ପୁରୁଖା ଚାଷୀ କହିଛନ୍ତି। ପନିପରିବା ଫସଲ ସମ୍ପୂର୍ଣ୍ଣ ପଚିସଢ଼ି ଯାଇଥିବାବେଳେ ଏବେ ଘରେ ଓ ବାଡ଼ିରେ ସାପର ଭୟ ଖେଳିଛି। ଜଳସମ୍ପଦ ବିଭାଗ ସୂଚନା ଅନୁଯାୟୀ ବୈତରଣୀ ନଦୀର ବନ୍ୟାସ୍ଥିତି ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସୁଧୁରିବ ବୋଲି କୁହାଯାଇଛି। ତେବେ ବନ୍ୟା ପୀଡ଼ିତଙ୍କ ନିକଟରେ ଗୋଖାଦ୍ୟ, ପିଇବା ପାଣି, ଶୁଖିଲା ଖାଦ୍ୟ ଆବଶ୍ୟକତା ଥିବାରୁ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବନ୍ୟାଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ



ପଟ୍ଟାମୁଣ୍ଡାଇ, ୨।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚିଛି କଂଗ୍ରେସ ପ୍ରତିନିଧି ଦଳ। ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସର୍ବେଶ୍ୱର ସେଠୀ, ତୁଷାରକାନ୍ତ ବେହେରା ପ୍ରମୁଖ ବିପନ୍ନ ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ବିପନ୍ନ ଲୋକଙ୍କୁ ରନ୍ଧାଖାଦ୍ୟ, ପାନୀୟଜଳ ଯୋଗାଣ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ଓ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ବରକନ୍ଧା ଗ୍ରାମ ରାସ୍ତା କାଦୁଅ ପଚ ପଚ



ମହାକାଳପଡ଼ା, ୨।୮ (ସମିସ): ଭଲ ରାସ୍ତା ନ ଥିବାରୁ ମୃତ୍ୟୁ ପରେ ଶେଷଯାତ୍ରା ପାଇଁ ମଧ୍ୟ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି। କାଦୁଅ ପଚପଚ ରାସ୍ତାରେ କୋକେଇ କାନ୍ଧେଇ ମୃତଦେହକୁ ମଶାଣି ନେବାର ଅସହାୟ ଦୃଶ୍ୟ ସମସ୍ତଙ୍କ ଆଖିକୁ ଭିଜାଇ ଦେଇଛି। ଏହି ଘଟଣା ଘଟିଛି ମହାକାଳପଡ଼ା ବ୍ଲକର ବରକନ୍ଧା ପଞ୍ଚାୟତ ଅନ୍ତର୍ଗତ ବରକନ୍ଧା ଗ୍ରାମରେ। ଗ୍ରାମର ପ୍ରତାପ ରାଉତ କିଛିଦିନ ତଳେ ଅସୁସ୍ଥ ହେବା ପରେ ପରିବାର ଲୋକେ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଡାକିଥିଲେ। ଗାଁର ମୁଖ୍ୟ ରାସ୍ତାରୁ ତାଙ୍କ ଘର ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ କାଦୁଅରେ ଭରିଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ବାଧ୍ୟ ହୋଇ ପରିବାର ଓ ଗ୍ରାମବାସୀ ତାଙ୍କୁ ଟେକି ଟେକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ସେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଜୁଲାଇ ୨୭ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ମଧ୍ୟ ହୀନସ୍ତାର ଅନ୍ତ ହୋଇନଥିଲା। ଭଲ ରାସ୍ତା ନ ଥିବାରୁ ସାହିପଡ଼ିଶା ଲୋକେ କାଦୁଅ ପଚପଚ ଭିତରେ କୋକେଇ କାନ୍ଧେଇ ଶବକୁ ମଶାଣି ପର୍ଯ୍ୟନ୍ତ ନେଇଥିଲେ। କାଦୁଅ ରାସ୍ତାରେ କୋକେଇ କାନ୍ଧେଇ ଶବ ନେବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଉଦାସୀନତାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି।

## ବୋଲବମ ଯାତ୍ରାରେ ବାହାରି ହସ୍ପିଟାଲ ଗଲେ ମହିଳା



ପଟ୍ଟାମୁଣ୍ଡାଇ, ୨।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ତେତେଲଙ୍ଗା ଗ୍ରାମର ରମେଶ ମଲିକଙ୍କ ପତ୍ନୀ ଝୁନା ମଲିକ (୪୫) ନିଜର ମାନସିକ ପୂରଣ ପାଇଁ ନିଜ ଗାଁରୁ ୨୦ ଜଣ ବୋଲବମ ଭକ୍ତଙ୍କ ସହିତ ପାଣି ଭାର ନେଇ ବାହାରି ଥିଲେ। କଖାରୁଣୀ ପୋଲ ନିକଟରେ ପହଞ୍ଚିବା ପରେ ଝୁନା ହଠାତ ଅସୁସ୍ଥ ହୋଇପଡ଼ିବା ସହିତ ଚେତାଶୂନ୍ୟ ହୋଇଥିଲେ। ଏହା ଦେଖି ସାଥିରେ ଥିବା ଅନ୍ୟ ବୋଲବମ ଯାତ୍ରୀ ତୁରନ୍ତ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ବୋଲବମ ଯାତ୍ରୀ ଝୁନା ଚିକିତ୍ସାଧୀନ ଅଛନ୍ତି।

## ସମାଜସେବିକା ବନଲତା ସିଂଙ୍କ ପରଲୋକ



ଡେରାବିଶ, ୨।୮ (ସମିସ): ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମର ସ୍ୱର୍ଗତ ଦେବେନ୍ଦ୍ରନାଥ ସିଂଙ୍କ ପତ୍ନୀ ସମାଜସେବିକା ବନଲତା ସିଂଙ୍କ ପରଲୋକ ହୋଇଯାଇଛି। ସେ ଦୁମୁକାହାଟ ଡେରାବିଶ ହାଇସ୍କୁଲ ଓ ଡେରାବିଶ ମହାବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟା ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଶାରଦା ପ୍ରସାଦ ସିଂ, ବିଭୂତି ପ୍ରସାଦ ସିଂ, ଝିଅ ଅନୁସୟା ସିଂ ଓ ପରିବାରବର୍ଗ ଉପସ୍ଥିତ ରହିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ଶାରଦା ସିଂ ମୁଖାଗ୍ନି ଦେଇଥିଲେ।

## ହୋଇପାରୁନି ଜଳ ନିଷ୍କାସନ

## ଜିରାଳ ଓ ବନ୍ତଳାରେ ସ୍ଲୁଇସ ଗେଟ୍ ନିର୍ମାଣ ଦାବି

ଗରଦପୁର, ୨।୮ (ସମିସ): ଗରଦପୁର ବ୍ଲକରେ ଜଳସେଚନ ଯେମିତି ଏକ ସମସ୍ୟା ଭାବେ ଉଭା ହୋଇଛି। ଚଳିତ ଲଘୁଚାପଜନିତ ବର୍ଷା ଯୋଗୁଁ ଜଳନିଷ୍କାସନ ହୋଇ ନ ପାରି ଏବେ ହଜାର ହଜାର ହେକ୍ଟର ଚାଷଜମି ବୁଡି ରହି ଏକ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଜଳସେଚନ ପାଇଁ ଚିତ୍ରୋତ୍ପଳା, ଖାନନଗର, ପୁନ୍ଦାଲୋ, କରିଲୋପାଟଣା ମାଇନର ସମେତ ବିଭିନ୍ନ ସବକେନାଲ ସହିତ ନାଗଣପୁର, ଧାନମୁଣ୍ଡଳ, ମାହାଳ, କୋରୁଆ, ବାସୁଦେଇପୁର, ନଡିଆବରାଇ, ତଳକୁସମା, ରାଏସର, ତେନ୍ତୋଲୋ ଭଳି ଅନେକ ପାଟରେ ସରକାରଙ୍କ ଜଳ ନିକାସ ବିଭାଗର ପାଟନାଳୀ ରହିଛି। ଏହାଛଡା ନିର୍ମାଣ କରାଯାଇଥିବା ସବକେନାଲ କାଡା ବିଭାଗର ଛୋଟ ଛୋଟ କେନାଲ ଜଳସେଚନ ପାଇଁ ରହିଛି। ତେବେ ଖରାଦିନେ କିମ୍ବା ରବି ଫସଲ ସମୟରେ ଏହି କେନାଲରେ ପାଣି ଆସି ନ ଥାଏ। ଫଳରେ ଚାଷୀ ହଇରାଣ ହେବା ସହ ଆନ୍ଦୋଳନକୁ ଓହ୍ଲାଇଥା'ନ୍ତି। ସେମିତି ଜଳନିଷ୍କାସନ ବି କଠୋର ଓ ଗୁରୁତର ସମସ୍ୟା। ଜଳନିଷ୍କାସନ ପାଇଁ କସଟି ନାରଣପୁର ନିକଟରେ ଚିତ୍ରୋତ୍ପଳା ନଦୀରେ ଗୋଟିଏ ମାତ୍ର ସ୍ଲୁଇସ ଗେଟ ରହିଛି, ଯାହାକି ଇଂରେଜ ସରକାରଙ୍କ ଅମଳରୁ ଥିବା ନେଇ କୁହାଯାଏ। ତେବେ ନେମାଳଠାରୁ ଆସୁଥିବା ଉଦବୃତ୍ତ ଜଳ ଏହି ଗେଟ୍ ଦେଇ ନିଷ୍କାସନ ହୋଇଥାଏ। ସେଥିପାଇଁ ବର୍ଷାଦିନେ ବ୍ଲକର ଥିବା ବିଭିନ୍ନ ପାଟରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ହଜାର ହଜାର ହେକ୍ଟର ଚାଷଜମିରେ ହୋଇଥିବା ଧାନ ଫସଲ ମାସ ମାସ ବୁଡି ରହୁଛି। ଏସବୁ ପାଟରେ ହୋଇଥିବା ଧାନ ଫସଲ ନଷ୍ଟ ହେବା ସହ ଚାଷୀଙ୍କ ପ୍ରତିବର୍ଷ ଚିନ୍ତା ବଢ଼ିବା ସହ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚାଷ କରି ଥିଲେ ମଧ୍ୟ ଚାଷୀ ମୁଣ୍ଡରେ ହାତ ଦେଇ ଭାଗ୍ୟକୁ ନିନ୍ଦି କ୍ଷତି ସହୁଛି। ତେବେ ଚଳିତ ଲଘୁଚାପଜନିତ ବର୍ଷା ଯୋଗୁଁ ଏବେ ବି ଇନ୍ଦାଲୋ ପାଟରୁ ଆସୁଥିବା ଉଦବୃତ୍ତ ଜଳ ବାସୁଦେଇପୁର, କ୍ୱଡିଆବରାଇ, ନଡିଆବରାଇ, ପୁନ୍ଦୋଲୋ, ରାମଚନ୍ଦ୍ରପୁର ପ୍ରଭୃତି ପାଟରେ ହୋଇଥିବା ଧାନ ଏବେ ବି ବୁଡି ରହିଛି।

ସେହିପରି ରାଏସର, ଭଦାଲୋ, ରାଆଁଲୋ, ପୁରୁଣାଗୋପିନାଥପୁର, ଖରସିଆଣ ତେନ୍ତୋଲୋ ଭଳି ଅନେକ ପାଟର ପାଣି ନିଷ୍କାସନ ନ ହୋଇ ସମସ୍ୟା ସୃଷ୍ଟି ହେଉଛି। ତେବେ ଏସବୁ ପାଟରୁ ଜଳ ନିଷ୍କାସନ ପାଇଁ ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱର ଜିରାଲୋ ଓ ବନ୍ତଳା ଠାରେ ସ୍ଲୁଇସ ଗେଟ ନିର୍ମାଣ ହେଲେ ଏହିପାଟରେ ଜମି ରହୁଥିବା ପାଣି ନିଷ୍କାସନ ହେବା ସହିତ ସବୁଦିନ ପାଇଁ ଜଳ ନିଷ୍କାସନ ସମସ୍ୟା ସମାଧାନ ହେବା ଭବିଷ୍ୟତ ରେ ମଧ୍ୟ ଜଳସେଚନ ହୋଇ ସବୁ ଋତୁରେ ସବୁ ପ୍ରକାର ଫସଲ ହେବା ସହ ଚାଷୀ ତାହାର ଗୁଜୁରାଣ ମେଣ୍ଟାଇବା ସହ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବ। ତେବେ ଏହି ସମ୍ପର୍କରେ ସରକାର ଙ୍କ ଜଳନିକାସ ବିଭାଗ କିମ୍ବା ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉକ୍ତ ଦୁଇଟି ସ୍ଥାନରେ ଦୁଇଟି ସ୍ଲୁଇସ ଗେଟ ନିର୍ମାଣ କରିବା ପାଇଁ ଚାଷୀ ଅଜୟ ମହାପାତ୍ର, ବୈଲୋଚନ ଛାଟୋଇ, ଦେବେନ୍ଦ୍ର ଦାସ, ପ୍ରମୋଦ କୁମାର ନାୟକ, ଦିପ୍ତିରଞ୍ଜନ ମହାନ୍ତି, ଙ୍କ ସମେତ ନଡିଆବରାଇ ସରପଞ୍ଚ ସନ୍ତୋଷ ମାହାଳୀ, ବଙ୍ଗାଳପୁର ସରପଞ୍ଚ ଅମୀୟ କୁମାର ଜେନା, ରାମଚନ୍ଦ୍ରପୁର ସରପଞ୍ଚ ନିର୍ମଳା ନାୟକ, ତଳକୁସମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ବନ୍ତଳା ସରପଞ୍ଚ ରଞ୍ଜନ କୁମାର ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସିଂ, ପୂର୍ବତନ ତଳକୁସମା ସରପଞ୍ଚ ଅଶୋକ କୁମାର ଜେନା, ପଳସୁଧା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅନୁଜ କୁମାର ମହାନ୍ତି ଙ୍କ ସମେତ ଅନେକ ଚାଷୀ ମଧ୍ୟ ଦାବି କରିଛନ୍ତି।

## କଲଭର୍ଟ କାମ ନିମ୍ନମାନର ଅଭିଯୋଗ

ମହାକାଳପଡ଼ା, ୨।୮ (ସମିସ): ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ ପେଟଛେଲା ବିବି କଲୋନୀସ୍ଥ ଲୁଣାଘେରି ବନ୍ଧ କଲଭର୍ଟ ନିର୍ମାଣ କାମରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାମ ହୋଇଥିବା ନେଇ ସ୍ଥାନୀୟ ଚାଷୀ ଗୁରୁତର ଅଭିଯୋଗ ଆଣିଛନ୍ତି। କଲଭର୍ଟର କେତେକ ସ୍ଥାନରେ ରଡ୍ ବାହାରକୁ ଦୃଶ୍ୟମାନ ହେଉଥିବାବେଳେ କଲଭର୍ଟ ଫାଟକ ଉପର ଭାଗର ଏକ ଅଂଶ କାଠରେ ନିର୍ମାଣ କରାଯାଇଥିବା ଅଭିଯୋଗ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଚାଷୀଙ୍କ କହିବାନୁଯାୟୀ, ନିର୍ମାଣ କାମରେ ଗୁଣାତ୍ମକ ମାନଦଣ୍ଡକୁ ଅବହେଳା କରାଯାଇଥିବାବେଳେ ସାଲାଇନ ବିଭାଗର ଦାୟିତ୍ୱପ୍ରାପ୍ତ ଯନ୍ତ୍ରୀଙ୍କ ତଦାରଖରେ ଘୋର ଅବହେଳା ହୋଇଛି। ଏହାର ପ୍ରଭାବରେ ଲୁଣା ପାଣି ନିୟନ୍ତ୍ରଣ ବ୍ୟବସ୍ଥା ବ୍ୟାହତ ହୋଇ ଅଞ୍ଚଳର ଶହ ଶହ ଚାଷୀଙ୍କ ଖରିଫ ଧାନ ତଳି କ୍ଷତିଗ୍ରସ୍ତ ହୋଇଥିବା ସେମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଚାଷୀମାନେ ଗତ ୨୦ ଜୁଲାଇରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ ଦାଖଲ କରିଥିବା ଜଣାଇଛନ୍ତି। ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।

## ଚୋରି ଘଟଣାରେ ଜଣେ ଅଭିଯୁକ୍ତ ସହ ୨ ସୁନା ବେପାରୀ ଗିରଫ

ଡେରାବିଶ, ୨।୮ (ସମିସ): ଡେରାବିଶ ଥାନା ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଫକିରାବାଦ ଗ୍ରାମରେ ଚିତ୍ତରଞ୍ଜନ ଦାଶଙ୍କ ଘରେ ଗତ ଜୁଲାଇ ୭ ତାରିଖ ରାତିରେ ଏକ ବଡ଼ଧରଣର ଚୋରି ହୋଇଥିଲା। ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ଚୋରମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଅର୍ଥ ଲୁଟି ନେଇଥିଲେ। ଏ ନେଇ ଚିତ୍ତରଞ୍ଜନଙ୍କ ଭାଇ ମନୋଜ ଡେରାବିଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ଘଟଣା ସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆସି ତଦନ୍ତ କରିଥିବାବେଳେ ଚିତ୍ତରଞ୍ଜନଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଆଧାର କରି ଏହି ଥାନା ଅଞ୍ଚଳର ଘାଟିଆ ସିଂ ନାମକ ଜଣେ ଯୁବକକୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ପୁଲିସ୍ ସ୍କାନରରେ ଥିବା ଅନ୍ୟ ଅଭିଯୁକ୍ତ ମଧ୍ୟରୁ ଶନିବାର ରାତିରେ ନିକିରାଇ ଥାନା ଅଞ୍ଚଳର ସନ୍ତୋଷ ମଲିକକୁ ଗିରଫ କରିବା ସହ ସନ୍ତୋଷଠାରୁ ତଥ୍ୟ ନେଇ ଚୋରି ଯାଇଥିବା ସୁନାଗହଣାକୁ କିଣିଥିବା ଗୋଗୁଆ ଅଞ୍ଚଳର ସୁନା ଦୋକାନୀ ପର୍ଶୁରାମ ସାହୁ ଓ ଉପେନ୍ଦ୍ର କୁମାର ସାହୁଙ୍କ ଦୋକାନରୁ ଚିତ୍ତରଞ୍ଜନଙ୍କ ଘରୁ ଚୋରି ହୋଇଥିବା ୨ଟି ମୁଦି, ଗୋଟିଏ ସୁନାହାର, ଦୁଇଟି କାନଫୁଲ, ଗ୍ରାମରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ଗୋଟିଏ ସୁନାହାର, ଗୋଟିଏ ଚିତା, ଦୁଇଟି ମୋବାଇଲ୍ ଫୋନ୍ ସହ ଏକ ଓଜନ ମେସିନ୍‌କୁ ପୁଲିସ ଜବତ କରିଥିଲା। ପୁଲିସ୍ ତିନିଜଣଙ୍କୁ ଗିରଫ କରି ସନ୍ଧ୍ୟାରେ ଡାକ୍ତରୀ ପରୀକ୍ଷା କରିବା ପରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବା ପାଇଁ ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।



## ତାଲୁକା ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

ରାଜନଗର, ୨।୮ (ସମିସ): ତାଲୁକା ଆଇନ ସେବା ସମିତି ପଟ୍ଟାମୁଣ୍ଡାଇ ପକ୍ଷରୁ ଆଇନ ସଚେତନତା ଶିବିର ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଲୁକା ଆଇନ ସେବା ଅଧ୍ୟକ୍ଷ ବିଦ୍ୟାଧର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସରକାରୀ ଓକିଲ ସୁରେଶ ନରେନ୍ଦ୍ର, ବାର ଆସୋସିଏସନର ସମ୍ପାଦକ ରବୀନ୍ଦ୍ର ଦାସ, ସରପଞ୍ଚ ସସ୍ମିତା ମହାନ୍ତି, ମହିଷାସୁର ପଞ୍ଚାୟତ ସରପଞ୍ଚ ଅଶୋକ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳ ଯୋଜନା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ଯୋଜନା ଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ସମସ୍ତଙ୍କର ସାହାଯ୍ୟ ସହିତ ସେବା ମନୋଭାବ ରହିଲେ, ସରକାରଙ୍କ ଯୋଜନା ସଫଳ ହେବ ବୋଲି କହିଥିଲେ। ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର ସ୍ୱାଗତ ଭାଷଣ ଦେଇଥିଲେ। ସରକାରୀ ଓକିଲ ଧୀରେନ୍ଦ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ ସହିତ ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରବୀନ୍ଦ୍ର ଦାସ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଏକ ପଦକ୍ଷେପ ଆବଶ୍ୟକ ବୋଲି ମନ୍ତବ୍ୟ ଦେଇଥିଲେ। ସରପଞ୍ଚ ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

**ବିଦ୍ୟୁତ୍ ସଂସ୍କାର ଏମିତି**

# ଝଲକାଏ ପବନ ଓ ଅସରାଏ ବର୍ଷାରେ ବିଜୁଳି ଗାଏବ

ପଟ୍ଟାମୁଣ୍ଡାଇ,୨।୮ (ସମିସ)



ରାଜ୍ୟ ସରକାର ବିଦ୍ୟୁତ ସଂସ୍କାର ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବିଦ୍ୟୁତ ବିଭାଗରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ। ଫଳରେ ଚିରାଚରିତ ବିଦ୍ୟୁତ ସେବା ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହିଛି। ପଟ୍ଟାମୁଣ୍ଡାଇ ଉତ୍ତମ ବିଦ୍ୟୁତ ସେବା ମିଳିବା କାଠିକର ପାଠ ହୋଇଛି। ଝଲକାଏ ପବନ ଓ ଅସରାଏ ବର୍ଷା ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ଯୋଗାଣ ବନ୍ଦ ରହିବା ସାଧାରଣ ଘଟଣାରେ ପରିଣତ ହୋଇଛି। ସଦାସର୍ବଦା ବିଦ୍ୟୁତ ସହିତ ଅଭ୍ୟସ୍ତ ଜନଜୀବନ ବିଦ୍ୟୁତ ଅଭାବରୁ ଅସ୍ତବ୍ୟସ୍ତ ହୋଇପଡୁଛି। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ସାହୁପଡା ଓ ଅଢାଯୋଡି ଷ୍ଟ୍ରକ୍‌ଚରରେ ପ୍ରାୟତଃ କୌଣସି ବୈଷୟିକ ସମସ୍ୟା ଦେଖିବାକୁ ମିଳୁ ନ ଥିବାବେଳେ ପଟ୍ଟାମୁଣ୍ଡାଇ ସହର ଓ ଏହା ଆଖପାଖ ଅଞ୍ଚଳରେ ବିଦ୍ୟୁତଜନିତ ବୈଷୟିକ ସମସ୍ୟା ଦେଖାଦେଇ ବାରମ୍ବାର ବିଦ୍ୟୁତ ଯୋଗାଣ ବନ୍ଦ ରହିବା ଘଟଣାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ସହର ଓ ଆଖପାଖ ଅଞ୍ଚଳରେ ଆକାଶରେ ସାମାନ୍ୟ ମେଘ ଦେଖା ଦେଇ ହାଲୁକା ବର୍ଷା ଓ ଝଲକାଏ ପବନ ହେଲେ ତୁରନ୍ତ ବିଦ୍ୟୁତ ଲାଇନ କାଟି ଦିଆଯାଉଛି। ଏପରିକି ବର୍ଷା ଛାଡ଼ିବାର ବହୁ ସମୟ ପରେ ମଧ୍ୟ ବିଦ୍ୟୁତ ଯୋଗାଣ କରାଯାଉନାହିଁ। ବିଦ୍ୟୁତ କାଟକୁ ନେଇ ପ୍ରାୟତଃ କୌଣସି ନା କୌଣସି ବୈଷୟିକ ତ୍ରୁଟି ଦର୍ଶାଯାଉଛି। ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ବୈଷୟିକ ତ୍ରୁଟି ଦେଖାଦେଇ ପ୍ରାୟ ସମୟରେ ସ୍ପାର୍କିଂ ହେଉଛି। ପଟ୍ଟାମୁଣ୍ଡାଇ ସହର ଗୁରୁତ୍ୱ ଦୃଷ୍ଟିରୁ ବୈଷୟିକ ତ୍ରୁଟି ସୁଧାରିବା ସହ ସ୍ଥାୟୀ ପ୍ରତିକାର କରାଯାଉନାହିଁ। ପଟ୍ଟାମୁଣ୍ଡାଇ ବ୍ଲକର ଗ୍ରାମାଞ୍ଚଳ ଲାଇନ ଭାବେ ପରିଚିତ ସାହୁପଡା ଅଢାଜୋଡି ଷ୍ଟ୍ରକ୍‌ଚର ଅଞ୍ଚଳରେ ନିରବିଚ୍ଛିନ୍ନ ଭାବେ ବିଦ୍ୟୁତ ଯୋଗାଣ ଚାଲିଥିବା ଦେଖାଯାଉଛି। ମାତ୍ର ପଟ୍ଟାମୁଣ୍ଡାଇ ସହରର ଅନେକ ସ୍ଥାନରେ ବୈଷୟିକ ତ୍ରୁଟି ଯୋଗୁଁ ବାରମ୍ବାର ବିଦ୍ୟୁତ ଯୋଗାଣ ବନ୍ଦ ରହୁଥିବା ଅଭିଯୋଗ ହେଉଛି। ବିଦ୍ୟୁତ ଯୋଗାଣ ବନ୍ଦ ଯୋଗୁଁ ଛାତ୍ରୀଛାତ୍ରଙ୍କ ପାଠପଢ଼ା, ସ୍ୱାସ୍ଥ୍ୟ ସେବା, ସରକାରୀ କାର୍ଯ୍ୟ ସର୍ବୋପରି ଜନଜୀବନ ପ୍ରଭାବିତ ହେଉଛି। ସମ୍ପ୍ରତି ବର୍ଷା ଲାଗି ରହିଥିଲେ ମଧ୍ୟ ଅସହ୍ୟ ଗୁଳଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏପରିକି ବିଦ୍ୟୁତ କାଟ ସମ୍ପର୍କରେ ଉପଭୋକ୍ତା କୌଣସି ସୂଚନା ଓ ଅଭିଯୋଗ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ କଲେ ପ୍ରାୟତଃ ଫୋନ୍ ଉଠାଉନାହାନ୍ତି। ଏ ନେଇ ପଟ୍ଟାମୁଣ୍ଡାଇ ଏସଡିଓ ସନ୍ତୋଷ କୁମାର ଖୁଣ୍ଟିଆଙ୍କୁ ପଚାରିବାରୁ ନିକଟରେ ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବିଦ୍ୟୁତ ସେବାରେ ଦେଖା ଦେଇଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରି ଉତ୍ତମ ବିଦ୍ୟୁତ ସେବା ଯୋଗାଇବା ପାଇଁ ନିଜର ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି।

## ଘଡ଼ିଆମାଳ ଗାଁ ରାସ୍ତା ଶୋଚନୀୟ

ରାଜନଗର,୨।୮ (ସମିସ): ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ରାଜନଗର-ତାଳଚୁଆ ପୂର୍ତ୍ତ ବିଭାଗ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ଶୋଚନୀୟ ହୋଇପଡିଛି। ବିଶେଷକରି ଘଡ଼ିଆମାଳ ଗ୍ରାମ ମଧ୍ୟରେ ପ୍ରାୟ ଶହେ ମିଟର ରାସ୍ତା ଖାଲରେ ଭର୍ତ୍ତି ହୋଇଥିବାବେଳେ ବିଭାଗ ନିଦାବିଷ୍ଟ ସାଜିଛି। ବର୍ଷାରେ ରାସ୍ତା ଉପରେ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଅନେକ ସମୟରେ ବାଇକ ଓ ଅଟୋ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ କେବଳ ପର୍ଯ୍ୟଟକ ନୁହଁନ୍ତି, ବ୍ଲକ ସଦର ମହକୁମାକୁ ଯିବା ଆସିବା କରିବା ପାଇଁ ୯ଟି ପଞ୍ଚାୟତର ଏହା ମୁଖ୍ୟ ରାସ୍ତା। ଘଡିଆମାଳ, ଈଶ୍ୱରପୁର, ଖମାରସାହି, ଡାଙ୍ଗମାଳ, କୃଷ୍ଣନଗର, ତାଳଚୁଆ, ବାଘମାରୀ, ରଙ୍ଗଣୀ ଓ କେରୁଆଁପାଳ ପଞ୍ଚାୟତର ହଜାର ହଜାର ଲୋକ ବ୍ଲକ ସଦର ମହକୁମା ସହ ବ୍ଲକ ବାହାରକୁ ଯାଇଥା'ନ୍ତି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



## ମନ୍ଦିର ପରିଚାଳନା ଟ୍ରଷ୍ଟି ଓ ସେବକ ପ୍ରତିନିଧିଙ୍କ ବୈଠକ

ଡେରାବିଶ, ୨।୮ (ସମିସ)



କୁଶିଆପାଳ ପଞ୍ଚାୟତର ବାଲିପାଟଣାସ୍ଥ ଲଖମନଜୀଉଙ୍କ ବେଢ଼ାରେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା ମଠମନ୍ଦିର ପରିଚାଳନା ଟ୍ରଷ୍ଟର କର୍ମକର୍ତ୍ତା ଓ ସେବକ ପ୍ରତିନିଧିଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଲଢ଼ି ମଠ ପରିଚାଳନା ଟ୍ରଷ୍ଟି ହଳଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସ୍ଥିତ ମଠ ମନ୍ଦିରର ପ୍ରତିନିଧି ଯୋଗ ଦେଇଥିଲେ। ଆଗାମୀ ଦିନରେ ମଠ ମନ୍ଦିରର ସମସ୍ତ ନୀତିକାନ୍ତି, ପୂଜା ପାର୍ବଣର ପରିଚାଳନା ଉପରେ ଆଲୋଚନା କରାଯାଇଥିଲା। ଦେବୋତ୍ତର ବିଭାଗ ଅଧିନରେ ଥିବା ବିଭିନ୍ନ ମଠମନ୍ଦିର ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମଠମନ୍ଦିର ସୁରକ୍ଷା ପରିଷଦ ଗଠନ କରିବା ପାଇଁ ଆଗାମୀ ଅଗଷ୍ଟ ୩୦ ତାରିଖରେ ଆଉଏକ ବୈଠକ କରାଯିବାକୁ ବୈଠକରେ ସବସମ୍ମତି ନିଷ୍ପତ୍ତି ନିଆଯାଇଥିବାବେଳେ ଆଜିର ବୈଠକରେ ଜିଲ୍ଲାର ଯେଉଁ ମଠମନ୍ଦିରର ପ୍ରତିନିଧି ଯୋଗଦେଇନାହାଁନ୍ତି, ସେମାନଙ୍କୁ ଯୋଗାଯୋଗ କରାଯାଇ ପରବର୍ତ୍ତୀ ବୈଠକକୁ ଆମନ୍ତ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୃସିଂହ ଚରଣ ପାତ୍ର, ବିପଦଭଞ୍ଜନ ଦାସ, ପ୍ରଫୁଲ୍ଲ ନାୟକ, କୈଳାସ ପାତ୍ର, ଅକ୍ଷୟ ପାତ୍ର, ମୃଣାଳ ନାୟକ, କ୍ଷୀରୋଦ ନାୟକ, ବାସୁଦେବ ପାଣି, ଦୟାନିଧି ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଯୁକ୍ତ ୨ ଓ ଧନ୍ଦାମୂଳକ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ଡେରାବିଶ, ୨।୮ (ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟର +୨ ଓ ଧନ୍ଦାମୂଳକ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱଗତ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଆୟୋଜିତ ସ୍ୱାଗତ ସଭାରେ +୨ କଳା ଓ ବିଜ୍ଞାନ, ଧନ୍ଦାମୂଳକ ବିଭାଗ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ସଭାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ଉଦ୍‌ଘାଟନ କରିଥିବାବେଳେ ଅଧ୍ୟାପକ ସଞ୍ଜୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ, ମାନସ ଦାସ, ଅଧ୍ୟାପିକା ସୁକନ୍ୟା ମହାନ୍ତି, ମିନାକ୍ଷୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗର ଯୋଜନା ବିଭିନ୍ନ ବୃତ୍ତି, ଆତ୍ମରକ୍ଷା କୌଶଳ, ଆଇସିସି, ଆଣ୍ଟି ର‌୍ୟାଗିଂ ସେଲ୍, ଇ-ବୁକ୍ ଇତ୍ୟାଦି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ କରିଥିଲେ। ଶେଷରେ ଅଧ୍ୟାପିକା ସ୍ମୃତି ଶ୍ରାବଣୀ ଧନ୍ୟବାଦ ଅର୍ପଣ କରିଥିଲେ।




## ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ପଟ୍ଟାମୁଣ୍ଡାଇ,୨।୮ (ସମିସ): ମାଳିବସା-ଅରଡ଼ପଲ୍ଲୀ ଆଞ୍ଚଳିକ ନାଗରିକ ମଞ୍ଚ ପକ୍ଷରୁ କୃତୀ ଛାତ୍ର ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାକ୍ତନ ସ୍କୁଲ ଏସଆଇ ବିଜୟ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷାବିତ ବିଜୟ ବେହେରା, ପୂର୍ବତନ ଆଳି ବ୍ଲକ ଏବିଇଓ ଉଦକର ସାମଲ, ବରିଷ୍ଠ ନେତା ସୁନାକାର ବେହେରା, ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ପୂର୍ବତନ ସିଆରସିସି ରମେଶ ମହାନ୍ତି, ସମାଜସେବୀ ଟୁବୁଲି ଚୌଧୁରୀ, ପ୍ରଫୁଲ୍ଲ ସ୍ୱାଇଁ, କଳାକାର ସାହୁ, ପ୍ରମୋଦ ଗାହାଣ, ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ନିଟ ପରୀକ୍ଷାରେ ସଫଳ ହୋଇଥିବା ଅରଡ଼ପଲ୍ଲୀ ଗ୍ରାମର ଛାତ୍ର ଆଶୁତୋଷ ରାୟ, ଜରିଆ ବଳଦେବ ହାଇସ୍କୁଲ ଛାତ୍ର ଅନ୍ଧୁଳିର ରୁଦ୍ରପ୍ରସାଦ ପ୍ରଧାନଙ୍କୁ କରାଯାଇଥିଲା। ଅରଡ଼ପଲ୍ଲୀର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀନିବାସ ସାହୁ, ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସରୋଜ ଦାଶ ଓ ଅବସରପ୍ରାପ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସରୋଜ ରାୟ, ସହଦେବ ଜେନା, ତପନ ପ୍ରଧାନ, ଅଭିମନ୍ୟୁ ଜେନା ତ୍ରିଲୋଚନ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## କୁସୁନପୁରରେ ଦକ୍ଷତା ବିକାଶ କାର୍ମଶାଳା

ରାଜନଗର, ୨।୮ (ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର କୁସୁନପୁରକୁ ସିଏସଆଇଆର, ସିଏଲଆରଆଇ ପକ୍ଷରୁ ସ୍ମାର୍ଟ ଗ୍ରାମ ଭାବେ ଗ୍ରହଣ କରାଯାଇଛି। ଏହି ଗ୍ରାମରେ ଚମଡ଼ା ସାମଗ୍ରୀ ପ୍ରସ୍ତୁତି ଉପରେ ଦୁଇ ସପ୍ତାହ ବ୍ୟାପୀ ଦକ୍ଷତା ବିକାଶ କର୍ମଶାଳା ସଫଳତାର ସହ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମଙ୍କୁ ଗ୍ରାମର ମୁଖିଆ ବିଷ୍ଣୁଚରଣ ପ୍ରଧାନ, ୱାର୍ଡ ସଭ୍ୟା ଶ୍ରୀମତୀ ଝାନସୀରାଣୀ ରାଉତ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ମହିଳା ଓ ଯୁବବର୍ଗଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଅଂଶଗ୍ରହଣକାରୀ ସ୍ଲିଙ୍ଗ୍ ବ୍ୟାଗ୍, ଟୋଟ୍ ବ୍ୟାଗ୍ ଭଳି ଦୈନନ୍ଦିନ ବ୍ୟବହାର୍ଯ୍ୟ ବିଭିନ୍ନ ଚମଡ଼ା ସାମଗ୍ରୀ ପ୍ରସ୍ତୁତ କରିବାର ବ୍ୟାବହାରିକ କୌଶଳ ଶିଖିଥିଲେ। ନିର୍ମାଣ କୌଶଳ ବ୍ୟତୀତ ପ୍ରଶିକ୍ଷାର୍ଥୀ ଏ ସମ୍ପର୍କିତ ମୂଲ୍ୟବାନ ତତ୍ତ୍ୱଗତ ଜ୍ଞାନ ହାସଲ କରିଥିଲେ।



## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୨।୮ (ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମଲିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅମ୍ବିକାବାଳା ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସିଆରସିସି ପ୍ରମୋଦ ମଲ୍ଲ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଚିତ୍ରା ଜେନା, ୱାର୍ଡ ସଭ୍ୟ ଦୀପକ ସାହା ଯୋଗଦେଇଥିଲେ। ଅଙ୍ଗନବାଡ଼ି କର୍ମୀ ସୌମ୍ୟାରାଣୀ ଦାସ, ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିମୟୀ ପ୍ରହରାଜ ଓ ମଞ୍ଚାସୀନ ଅତିଥି ସେବାନିବୃତ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ମଲିକଙ୍କ କାର୍ଯ୍ୟଦକ୍ଷତା, ଶିକ୍ଷାଦାନ ପଦ୍ଧତି ଓ ସମୟାନୁବର୍ତ୍ତିତାର ପ୍ରଶଂସା କରିବା ସହ ତାଙ୍କ ଅବସର ଜୀବନ ସୁଖମୟ କାମନା କରିଥିଲେ। ପରେ ଶ୍ରୀମତୀ ମଲିକଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପୁଷ୍ପଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ

ରାଜନଗର, ୨।୮ (ସମିସ): ରାଜନଗର ଗ୍ରାମସ୍ଥ ମା' ତାରିଣୀଙ୍କ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୫ ତାରିଖରେ ଅଙ୍କୁରାରୋପଣ, ୧୬ ତାରିଖରେ ଷୋଡଶ ଉପଚାର ପୂଜା ଓ ୧୭ ତାରିଖରେ ଜଳଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାଘବେଶ୍ୱର ଘର ଯାତ୍ରା କମିଟି ଓ ରାଜନଗର ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୧୪ ବର୍ଷ ପୂର୍ବେ ଶ୍ରୀଗୁଣ୍ଡିଚା ଅବସରରେ ରାଘବେଶ୍ୱର ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପଣ୍ଡିତ ହର କୁମାର ମିଶ୍ର, ପ୍ରମୋଦ ପାଣି, ହରପ୍ରସାଦ ଷଡ଼ଙ୍ଗୀ, ନିତ୍ୟାନନ୍ଦ ମିଶ୍ର, ଅଭୟ ମିଶ୍ର, ରାମଚନ୍ଦ୍ର ମିଶ୍ର, ରଜନୀ ଦେବତା ପ୍ରମୁଖ ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ସୁରେନ୍ଦ୍ର ସାହୁ ଶସ୍ତ୍ରୀକ ସଂକଳ୍ପ କରିଥିଲେ। ମହେଶ୍ୱର ସେଠୀ, ଅନିରୁଦ୍ଧ ପରିଡ଼ା, ବିଭୂତି ଭୂଷଣ ନାୟକ, ସତ୍ୟବାନ ସେଠୀ, ଅଜୟ ନନ୍ଦି, ଅକ୍ଷୟ ମଲିକ, ଶ୍ୟାମସୁନ୍ଦର ସାହୁ, ବାସୁଦେବ ମଲିକ, ସୁଶୀଲ ସେଠୀ, ରଶ୍ମିରଞ୍ଜନ ପ୍ରଧାନ, ଶେତାମ୍ବର ମଲିକ, ବାବୁନା ଲେଙ୍କା, ବାପିନା ମଲିକ, ରମେଶ ଦାସ, ଅନାଥ କୁମାର ପ୍ରଧାନ, ବିକାଶ ସେଠୀ ପ୍ରମୁଖଙ୍କ ସମେତ ଯାତ୍ରା କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାମଚନ୍ଦ୍ର ନୋଡାଲ ଉପ୍ରା ବିଦ୍ୟାଳୟ କମିଟି ଗଠିତ



ପଟ୍ଟାମୁଣ୍ଡାଇ,୨।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ଶ୍ରୀରାମ ଚନ୍ଦ୍ର ନୋଡାଲ ଉପ୍ରା ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଛି। କମିଟି ନିର୍ବାଚନରେ ୧୫ ଜଣ ସଭ୍ୟ ଭାଗ ନେଇଥିଲେ। ସତ୍ୟରଞ୍ଜନ ବେହୁରା ସର୍ବାଧିକ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ପଙ୍କଜିନୀ ରାଉତ ଉପସଭାପତି ଭାବେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ଅଭିଭାବକଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ମହାପାତ୍ର ଓ ସିଆରସିସି ଲକ୍ଷ୍ମଣ ସେଠୀଙ୍କ ସମେତ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ନୂତନ କର୍ମକର୍ତ୍ତାଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଶ୍ରୀରାମ ଫାଉଣ୍ଡେସନ ଅଧ୍ୟକ୍ଷ ଉତ୍ତମ ଖୁଣ୍ଟିଆ, ସରପଞ୍ଚ ସସ୍ମିତା ସେଠୀ, ପ୍ରେମରଞ୍ଜନ ପଣ୍ଡା, ଦଳିତ ନେତା ପ୍ରତାପ ସେଠୀ, ଶିକ୍ଷାବିତ ନଟବର ସେଠୀ, ପ୍ରେମାନନ୍ଦ ସେଠୀ, ବିପିନ ସେଠୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ପଞ୍ଚୁପାଣ୍ଡବ,୨।୮ (ସମିସ): ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ସନ୍ଥପୁରା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ମଦନମୋହନ କର ଯୋଗ ଦେଇଥିଲେ। ଅବସର ନେଇଥିବା ଏବିଓ ସଚ୍ଚିକାନ୍ତ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ମହାନ୍ତି, ତ୍ରିଲୋଚନ ବରାଳ, ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ବେଉରାଙ୍କୁ ଅତିଥି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କୁଶିଆପାଳ ସରକାରୀ ଉଚ୍ଚ ମୌଳିକ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସିଆରସିସି ହରେକୃଷ୍ଣ କରଙ୍କ ନେତୃତ୍ୱରେ ସମ୍ମାନିତ ଅତିଥି ଭାବେ ଏବିଇଓ ଦେବଦତ୍ତ ଶତପଥୀ ଓ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଉପମୁଖ୍ୟ ପ୍ରବନ୍ଧକ ଅଶୋକ ଜେନାଙ୍କୁ ସମ୍ବର୍ଦ୍ଧନା



ମାର୍ଶାଘାଇ,୨।୮ (ସମିସ): ପୂର୍ବତଟ ରେଳ ବିଭାଗରୁ ଅବସର ଗ୍ରହଣ କରିଥିବା ଉପମୁଖ୍ୟ ପ୍ରବନ୍ଧକ ସିଗ୍‌ନାଲ ଆଣ୍ଡ ଟେଲିକମ୍ୟୁନିକେସନ ଇଞ୍ଜିନିୟର ଅଶୋକ ଜେନାଙ୍କୁ ମାର୍ଶାଘାଇ ବ୍ଲକ ଯମପଡ଼ା ପଞ୍ଚାୟତରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତଟ ରେଳ ଉପପ୍ରବନ୍ଧକ ଭିକ୍ଟୋର ଜୋସେଫ ଟପୋ ଯୋଗଦେଇ ପୂର୍ବତଟ ରେଳରେ ୨୯ ବର୍ଷ ବିଭିନ୍ନ ବିଭାଗରେ ସଫଳତା ସହ କାର୍ଯ୍ୟ ସମ୍ପାଦନ କରିଥିବା ଶ୍ରୀ ଜେନାଙ୍କୁ ଉପଢୌକନ, ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରେଳ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ପରିବାର ଲୋକ ଉପସ୍ଥିତ ଥିଲେ।

■ ନିର୍ଦ୍ଧାରିତ ସମୟରେ ସାରିଲାନି କାମ

## ଗହୀରରେ ପାଣି, ଚାଷ କାମ ବାଧାପ୍ରାପ୍ତ

ଡେରାବିଶ,୨।୮ (ସମିସ): ଖମୋଳ ପଞ୍ଚାୟତ ଜହ୍ନିମୂଳ ଗ୍ରାମରେ ଗହିର ମଝିରେ ଥିବା ୨୦ ନମ୍ବର ଡ୍ରେନେଜ୍ କଟ୍‌ରେ ପୋଲ କାମ ନିର୍ଦ୍ଧାରିତ ସମୟରେ ହୋଇ ନ ପାରିବାରୁ ଏବେ ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇରହିଛି। ଦୁଇବର୍ଷ ପୂର୍ବେ କାମ ଆରମ୍ଭ କରିଥିବା ଠିକାଦାର ଜହ୍ନିମୂଳ ଗ୍ରାମଠାରୁ ୧୩ନଂ କେନାଲ୍ ବନ୍ଧଯାଏ ରାସ୍ତା ଓ ଏହା ଭିତରେ ଥିବା ୨୦ନଂ ଡ୍ରେନେଜ୍ କଟ୍‌ର ଡଳେଇ ପୋଲର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାରିପାରିନାହାନ୍ତି। ଡ୍ରେନେଜ କଟ୍ ପୋଲ ଚଳିତ ବର୍ଷ ଆରମ୍ଭରେ ଭାଙ୍ଗିଥିଲେ ବି ୬ ମାସ ଭିତରେ କାମ ସାରିନାହିଁ। ଅଧପନ୍ତରିଆ ଭାବେ ରହିଥିବାବେଳେ ଡ୍ରେନେଜ୍ କଟ୍‌ର ଶଯ୍ୟାଟି ଫେରଦ ରୋଡ୍ ଭଙ୍ଗାଯାଇନାହିଁ। ଫଳରେ ଜହ୍ନିମୂଳ, ଖମୋଳ ଓ ପଡ଼ୋଶୀ ଭାଗବତପୁର ପଞ୍ଚାୟତର ଚକରେ ପାଣି ଜମି ରହିଛି। ପାଣି ନ ଖସିବା ଯାଏ ଚାଷ ହୋଇପାରିବନାହିଁ। ଫଳରେ ଚାଷୀ ଚିନ୍ତାରେ ରହିଛନ୍ତି।

## ନୀଳକଣ୍ଠେଶ୍ୱର ହାଇସ୍କୁଲରେ ପୋଷାକ ବଣ୍ଟନ

ରାଜନଗର,୨।୮ (ସମିସ): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ନୀଳକଣ୍ଠେଶ୍ୱର ହାଇସ୍କୁଲରେ ପୋଷାକ ବଣ୍ଟନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଶଧର ସେଠିଙ୍କ ଉପସ୍ଥିତରେ ୧୪୮ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ବିଜୟ ପାତ୍ର ପୋଷାକ ବଣ୍ଟନ କରିଥିଲେ। ପରିଚାଳନା ପରିଷଦ ଉପସଭାପତି ଭାରତୀ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ପୋଷାକ ବଣ୍ଟନରେ ଶିକ୍ଷକ ବସନ୍ତ ଭୂୟାଁ, ଶୁଭ୍ରାଂଶୁ ଜେନା, ନିରାକାର ସ୍ୱାଇଁ, ଶ୍ରୀକାନ୍ତ ସ୍ୱାଇଁ ଓ ଉମାକାନ୍ତ ରାଉତ ସହାୟତା କରିଥିଲେ।

## ପ୍ରଧାନଶିକ୍ଷକ କମଳାକାନ୍ତ ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨।୮ (ସମିସ): ଦୀର୍ଘ ୩୫ ବର୍ଷର ସଫଳ ଶିକ୍ଷକତା ଜୀବନ ଶେଷ କରି କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅନ୍ତର୍ଗତ କାକଟମଙ୍ଗଳା କ୍ଲଷ୍ଟର ଅଧୀନ ହରିଜନ କଲୋନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ମହାପାତ୍ରଙ୍କୁ ଶନିବାର ଭାବବିହ୍ୱଳ ପରିବେଶରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ମିଳିତ ଆୟୋଜନରେ ଅନୁଷ୍ଠିତ ସମାରୋହରେ ଶ୍ରୀ ମହାପାତ୍ରଙ୍କ ଶିକ୍ଷା କ୍ଷେତ୍ରର ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରାଯାଇଥିଲା। ସିଆରସିସି ସଦାଶିବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ମୁଖ୍ୟଅତିଥି, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ରଞ୍ଜନ ରାଉତରାୟ ଓ ବିଆରସିସି ବଳଦେବ ପ୍ରସାଦ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଜେପି ନେତା ମନୀନ୍ଦ୍ର ରାଉତ, ବିଇଓ କାର୍ଯ୍ୟାଳୟର କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରମୋଦ ମଲ୍ଲ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ଦୀପ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶ୍ରୀ ମହାପାତ୍ରଙ୍କ କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳାପ୍ରିୟତା, ଛାତ୍ର ବତ୍ସଳତା ଓ ଶିକ୍ଷା ପ୍ରତି ତାଙ୍କର ନିଷ୍ଠାର ପ୍ରଶଂସା କରିଥିଲେ। ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ କହିଥିଲେ, ଶ୍ରୀ ମହାପାତ୍ରଙ୍କ ସେବା ମନୋଭାବ ଓ ଛାତ୍ରଙ୍କ ପ୍ରତି ଆନ୍ତରିକତା ନୂତନ ପିଢ଼ିର ଶିକ୍ଷକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତରୀୟ, ଅଙ୍ଗବସ୍ତ୍ର, ମାନପତ୍ର ଓ ସ୍ମାରକ ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ବସନ୍ତ ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସିଆରସିସି ସଦାଶିବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ଶିକ୍ଷକ ବସନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ତହସିଲ ନିର୍ଦ୍ଦେଶକୁ ବେଖାତିର କରୁଛନ୍ତି ନିର୍ମାତା**

# ରାସ୍ତା ଉପରେ ଚାଲିଛି ବେଆଇନ ପକ୍କା ଘର ନିର୍ମାଣ

ପଟ୍ଟାମୁଣ୍ଡାଇ, ୨।୮ (ସମିସ)



ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ମାଳିପୁର ଗ୍ରାମରେ ଶନି ମନ୍ଦିର ନିକଟରେ ରାସ୍ତା ଉପରେ ଦୁଇ ବଖରା ପକ୍କା ଗୃହ ବେଆଇନ ଭାବେ ନିର୍ମାଣ ଚାଲୁଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ଓଡ଼ିଶା ସରକାର ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଜବରଦଖଲ ବଢି ବଢି ଚାଲିଛି। କେଉଁଠି ରାସ୍ତା ଉପରେ ଜବରଦଖଲ ତ କେଉଁଠି ନଦୀ, ଗୋଚର, ଜଳାଶୟ, ନଦୀବନ୍ଧ, କେନାଲ ଆଦିକୁ ବହୁ ପରିମାଣରେ ଜବରଦଖଲ କରିବା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ଜବରଦଖଲ ଉଚ୍ଛେଦ ପାଇଁ ସରକାରଙ୍କୁ ନୟାନ୍ତ ହେବାକୁ ପଡୁଛି। ମାଳିପୁର ଗ୍ରାମର ଶନି ମନ୍ଦିର ନିକଟରେ ଥିବା ରାସ୍ତା ଉପରେ ଗତ କିଛିଦିନ ହେଲା ବେଆଇନ ଭାବରେ ଦୁଇ ବଖରା ପକ୍କା ଘର ନିର୍ମାଣ ଚାଲିଛି। ଯେଉଁ ପ୍ଲଟ ଉପରେ ବେଆଇନ ନିର୍ମାଣ ଚାଲିଛି, ତାହା ରାସ୍ତା କିସମର ପ୍ଲଟ ହୋଇଥିବାରୁ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଶାସନ ରାଜସ୍ୱ କାର୍ଯ୍ୟାଳୟର ପୂର୍ବତନ ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ କରି ବେଆଇନ ନିର୍ମାଣକୁ ବନ୍ଦ କରିବାକୁ ନିର୍ମାତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ମାସାଧିକ କାଳ ନିର୍ମାତା କାମ ବନ୍ଦ ରଖିଥିଲେ; କିନ୍ତୁ ରାଜସ୍ୱ ନିରୀକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଯିବାର ସୁଯୋଗ ନେଇ ନିର୍ମାତା ପୁନର୍ବାର ବେଆଇନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ସୋମବାର ଗ୍ରାମବାସୀଙ୍କଠାରୁ ସୂଚନା ପାଇ ନୂତନ ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇ ଫେରିଥିଲେ। କିନ୍ତୁ ତହସିଲ ନିର୍ଦ୍ଦେଶକୁ ବେଖାତିର କରି ନିର୍ମାତା ପୁନର୍ବାର ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ନୂତନ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ଗ୍ରାମବାସୀଙ୍କଠାରୁ ସୂଚନା ଓ ଜିଓଟ୍ୟାଗ ଭିଡିଓ ପାଇ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ପହଞ୍ଚିବା ପୂର୍ବରୁ ବେଆଇନ ନିର୍ମାଣ କରୁଥିବା ମିସ୍ତ୍ରୀ ଓ ଶ୍ରମିକ ସେହି ସ୍ଥାନ ଛାଡି ଚାଲିଯାଇଥିଲେ ବୋଲି କହିଛନ୍ତି। ବାରମ୍ବାର ତହସିଲ ନିର୍ଦ୍ଦେଶକୁ ବେଖାତିର କରି ରାସ୍ତା ଉପରେ ବେଆଇନ ନିର୍ମାଣ ସ୍ଥାନରେ ତହସିଲଦାର ନାଲି ପତାକା ଲଗାଇ ନିର୍ମାତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରୁନାହାନ୍ତି, ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୪୦ ● ପାଉଣ୍ଡ ୧୨୬.୨
- ୟୁରୋ ୧୦୯.୧୧ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୨,୨୦୦ (ଭୁବନେଶ୍ୱର)
- ରୁପା : ୨,୩୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୦୯୪.୦୦
- ନିଫ୍ଟି ୨୪,୩୮୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



**କାର, ପେଟ୍ରୋଲ ସବୁ ମହଙ୍ଗା**

# ରେକର୍ଡ ଭାଙ୍ଗୁଛି ଗାଡ଼ି ବିକ୍ରି

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ଗତ କିଛି ବର୍ଷ ଧରି ଭାରତରେ ଯାନବାହାନ ଏବଂ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଆକାଶଛୁଆଁ ହୋଇଛି। ଏଥିରେ ଆଶଙ୍କା ଆଶା କରାଯାଉଥିଲା ଯେ ଦେଶରେ ଯାନବାହାନ ବିକ୍ରି ହ୍ରାସ ପାଇପାରେ। ହେଲେ ବର୍ଦ୍ଧିତ ଯାନବାହାନ ମୂଲ୍ୟ ଏବଂ ମହଙ୍ଗା ଇନ୍ଧନର କାର କ୍ରୟ ପ୍ରତି ଲୋକଙ୍କ ଉତ୍ସାହ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ଚଳିତବର୍ଷ ଜୁଲାଇ ମାସ ଭାରତୀୟ ଅଟୋମୋବାଇଲ ବଜାର ପାଇଁ ବିକ୍ରି ଦୃଷ୍ଟିରୁ ଏକ ଐତିହାସିକ ମାସ ପ୍ରମାଣିତ ହୋଇଥିଲା। କାର୍ ନିର୍ମାତାଙ୍କ ସଦ୍ୟତମ ତଥ୍ୟ ଅନୁଯାୟୀ, ଜୁଲାଇରେ ସାରା ଦେଶରେ ପ୍ରାୟ ୪.୭ ଲକ୍ଷ ଯାତ୍ରୀବାହୀ ଯାନ ବିକ୍ରି ହୋଇଥିଲା। ଏହା ଉଲ୍ଲେଖନୀୟ ଯେ ଗତ ବର୍ଷ ସମାନ ମାସରେ, ଏହି ସଂଖ୍ୟା କେବଳ ୩.୫ ଲକ୍ଷ ୟୁନିଟ୍ ଥିଲା। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ଭାରତୀୟ କାର୍ ବଜାର ବାର୍ଷିକ ଆଧାରରେ ପ୍ରାୟ ୩୩% ର ଏକ ଦୃଢ଼ ଅଭିବୃଦ୍ଧି ପଞ୍ଜୀକୃତ କରିଛି। ଉଚ୍ଚ ଋଣ, ଯାନବାହାନ ମୂଲ୍ୟ ବୃଦ୍ଧି ଏବଂ ଅତ୍ୟଧିକ



## ୪.୭ ଲକ୍ଷ ଯାତ୍ରୀବାହୀ ଯାନ ବିକ୍ରି

## ଇଭି ବିକ୍ରିରେ ଅଭୂତପୂର୍ବ ଅଭିବୃଦ୍ଧି

ଇନ୍ଧନ ମୂଲ୍ୟ ସତ୍ତ୍ୱେ, କାରର ପ୍ରବଳ ଚାହିଦା ପ୍ରମୁଖ ବିଶେଷଜ୍ଞମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି। ଆଗାମୀ ପର୍ବପର୍ବାଣୀ ଋତୁ ପୂର୍ବରୁ ଏହି ରେକର୍ଡ ଭାଙ୍ଗିବା ବିକ୍ରି ସମଗ୍ର ଅଟୋ ଶିଳ୍ପକୁ ନୂତନ ଶକ୍ତି ଏବଂ ଉତ୍ସାହରେ ସଞ୍ଚାର କରିଛି। ମାରୁତି ସୁଜୁକି ଇତିହାସ ସୃଷ୍ଟି କରେ

ଭାରତୀୟ କାର ବଜାରର ଅଗ୍ରଣୀ କମ୍ପାନୀ ମାରୁତି ସୁଜୁକି ଜୁଲାଇରେ ଏକ ନୂତନବିକ୍ରି ରେକର୍ଡ ସ୍ଥାପନ କରିଛି। ଇତିହାସରେ ପ୍ରଥମ ଥର ପାଇଁ, କମ୍ପାନୀ ଗୋଟିଏ ମାସ ମଧ୍ୟରେ ଘରୋଇ ବଜାରରେ ୨ ଲକ୍ଷରୁ ଅଧିକ ଯାତ୍ରୀବାହୀ ଯାନ ବିକ୍ରି କରିଛି। ମାରୁତିର ମୋଟ ଘରୋଇ ବିକ୍ରି ୨୦୦,୧୨୩ ୟୁନିଟ୍ ଥିଲା, ଯାହା ଗତ ବର୍ଷ ଜୁଲାଇ ତୁଳନାରେ ପ୍ରାୟ ୪୨% ବୃଦ୍ଧି ପାଇଛି। କମ୍ପାନୀର ଚମତ୍କାର ସଫଳତା ଏହାର ଛୋଟ କାରଗୁଡ଼ିକର ଫେରିବା, ସିଏନ୍‌ଜି ମଡେଲର ପ୍ରବଳ ଚାହିଦା ଏବଂ ବ୍ରେଜା ଏବଂ ଗ୍ରାଣ୍ଡ ଭିଟାରା ପରି ଏସ୍‌ୟୁଭି ର ରେକର୍ଡ ଭାଙ୍ଗିବା ବିକ୍ରି ଦ୍ୱାରା ଚାଳିତ। ଏଠାରେ ଉଲ୍ଲେଖନୀୟ ଯେ ଟାଟା ମୋଟର୍ସ ମଧ୍ୟ ଜୁଲାଇ ମାସରେ ଦୃଢ଼ ଉପସ୍ଥିତି ପ୍ରଦର୍ଶନ କରି ଭାରତୀୟ ବଜାରରେ ଦ୍ୱିତୀୟ ସର୍ବାଧିକ ବିକ୍ରୟକାରୀ ରହିଛି। ଟାଟାର ଇଲେକ୍ଟ୍ରିକ୍ ଯାନ (ଇଭି) ପୋର୍ଟଫୋଲିଓ ଟାଟାର ପ୍ରଭାବଶାଳୀ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜୁଲାଇରେ, ଟାଟାର ଇଭି ବିକ୍ରି ୧୧୪% ବୃଦ୍ଧି ପାଇ ୧୫,୨୧୭ ୟୁନିଟ୍ ହୋଇଛି। ଜୁଲାଇ ମାସ ମହିନ୍ଦ୍ରା ଏବଂ ମହିନ୍ଦ୍ରା ଏବଂ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାସ ଥିଲା। ଘରୋଇ ବଜାରରେ ୬୦,୦୪୮ ଏସ୍‌ୟୁଭି ବିକ୍ରି କରି ମହିନ୍ଦ୍ରା ୨୦%% ର ଦୃଢ଼ ଅଭିବୃଦ୍ଧି ହାସଲ କରିଥିଲା। ଥର, ସ୍କୋର୍ପିଓ ଏବଂ ଏକ୍ସୟୁଭି ୭୦୦ ଭଳି ଶକ୍ତିଶାଳୀ ମଡେଲ ଯୋଗୁଁ ମହିନ୍ଦ୍ରା ଯାନଗୁଡ଼ିକ କମ୍ପାନୀକୁ ଏହି ସଫଳତା ଦେଇଛନ୍ତି।

ଉଚ୍ଚ ମୁଦ୍ରାସ୍ଫୀତି ସମୟରେ ମଧ୍ୟ ଏହିପରି ବମ୍ପର କାର ବିକ୍ରି ପାଇଁ ଅନେକ ପ୍ରମୁଖ ଆର୍ଥିକ ଏବଂ ବଜାର କାରଣ ଦାୟୀ। ସାମ୍ପ୍ରତିକ ଟିକସ ରିଆତି ଏବଂ ସୁଧ ହାର ହ୍ରାସ ମଧ୍ୟବିତ୍ତ ବର୍ଗଙ୍କୁ ଖର୍ଚ୍ଚ କରିବାକୁ ଅଧିକ ଟଙ୍କା ଦେଇଛି। ଏହା ବ୍ୟତୀତ, କମ୍ପାନୀଗୁଡ଼ିକ ଦ୍ୱାରା ନୂତନ ଏସ୍‌ୟୁଭି ମଡେଲ ଏବଂ ନୂତନ ସିଏନ୍‌ଜି ଏବଂ ବୈଦ୍ୟୁତିକ ବିକଳ୍ପଗୁଡ଼ିକର ନିରନ୍ତର ଶୁଭାରମ୍ଭ ଗ୍ରାହକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଗ୍ରହ ସୃଷ୍ଟି କରିଛି। ବିଳମ୍ବିତ ମୌସୁମୀ ସତ୍ତ୍ୱେ, ଶୋ'ରୁମଗୁଡ଼ିକୁ ଗ୍ରାହକଙ୍କ ଯାତାୟାତ ନିରବଚ୍ଛିନ୍ନ ଭାବରେ ଜାରି ରହିଥିଲା, ଯାହାଫଳରେ ପାର୍ବଣ ଋତୁ ପୂର୍ବରୁ ମଧ୍ୟ ଅଟୋ ବଜାରରେ ଏକ ନୂତନ ବିକ୍ରି ରେକର୍ଡ ସୃଷ୍ଟି ହୋଇଛି।

# ରେକର୍ଡ ୨୩୬୬ କୋଟିର ୟୁପିଆଇ କାରବାର

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ଜୁଲାଇ ମାସରେ ସାରା ଦେଶରେ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) କାରବାରରେ ରେକର୍ଡ ୨୩୬୬ କୋଟି ସଂଖ୍ୟକ କାରବାର ହୋଇଛି, ଯାହାକି ବର୍ତ୍ତମାନ ସୁଦ୍ଧା କୌଣସି ମାସରେ ଦେଖାଯାଇ ନ ଥିଲା। ନ୍ୟାସନାଲ ପେମେଣ୍ଟସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ତଥ୍ୟ ମୁତାବକ ଜୁଲାଇ ମାସରେ ମୋଟ ୨୯.୮୮ ଲକ୍ଷ କୋଟି ଟଙ୍କାର କାରବାର ୟୁପିଆଇ ଜରିଆରେ ହୋଇଛି। ଜୁନ୍ ମାସ ତୁଳନାରେ ଜୁଲାଇରେ ୟୁପିଆଇ କାରବାର ସଂଖ୍ୟା ଅନୁସାରେ ୪.୧ ପ୍ରତିଶତ ଅଧିକ ଏବଂ ମୂଲ୍ୟ ଅନୁସାରେ ୩.୩ ପ୍ରତିଶତ ଅଧିକ ରହିଛି। ଅନ୍ୟପକ୍ଷରେ ଜୁଲାଇରେ ଫାସ୍‌ଟ୍ୟାଗ୍ ବ୍ୟବହାରକାରୀ ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହୋଇଛି।

**ସହର ସହ ଗାଁରେ ବି ବ୍ୟବହାର ବଢୁଛି**

**ଜୁଲାଇରେ ଫାସ୍‌ଟ୍ୟାଗ୍ ବ୍ୟବହାର ୪% କମିଲା**

୨୦୨୫ର ଜାନୁଆରୀରୁ ଜୁଲାଇ ଅବଧିକୁ ତୁଳନା କଲେ ଚଳିତବର୍ଷ ସେହି ସମୟରେ ୟୁପିଆଇ କାରବାର ସଂଖ୍ୟା ଦୃଷ୍ଟିରୁ ୨୨ ପ୍ରତିଶତ ବଢ଼ିଛି। ସେହିଭଳି ମୂଲ୍ୟ ଦୃଷ୍ଟିରୁ ଏଥିରେ ୧୯ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। କେବଳ ବଡ଼ ସହର ନୁହେଁ ଛୋଟ ସହର ଓ ଗ୍ରାମାଞ୍ଚଳରେ ୟୁପିଆଇ ବ୍ୟବହାର ବ୍ୟାପକ ହେବାରେ ଲାଗିଛି। ଲୋକମାନେ ଦୋକାନରୁ ବିଭିନ୍ନ ସାମଗ୍ରୀ କ୍ରୟ ଠାରୁ ଆରମ୍ଭ କରି ରିଚାର୍ଜ, ବିଲ୍ ପୈଠ ଏବଂ ଟଙ୍କା ସ୍ଥାନାନ୍ତର ଆଦି କ୍ଷେତ୍ରରେ ୟୁପିଆଇର ବହୁଳ ବ୍ୟବହାର କରୁଛନ୍ତି। ଇମିଡିଏଟ୍ ପେମେଣ୍ଟ ସର୍ଭିସ (ଆଇଏମ୍‌ପିଏସ୍) କାରବାର ସଂଖ୍ୟା ଜୁଲାଇ ମାସରେ ୩ ପ୍ରତିଶତ ବଢ଼ି ୩୬୪ ନିୟୁତ (୩୬.୪ କୋଟି)ରେ ପହଞ୍ଚିଛି। ଜୁନ ମାସରେ ଏହି ସଂଖ୍ୟା ୩୫୪ ନିୟୁତ ଏବଂ ମେ ମାସରେ ୩୫୮ ନିୟୁତ ରହିଥିଲା। ମୂଲ୍ୟ ଦୃଷ୍ଟିରୁ ଜୁଲାଇରେ ଆଇଏମ୍‌ପିଏସ୍ ଜରିଆରେ ୭.୧୨ ଲକ୍ଷ କୋଟି ଟଙ୍କାର କାରବାର ହୋଇଛି, ଯାହା ଜୁନରେ ୬.୭୭ ଲକ୍ଷ କୋଟି, ମେ'ରେ ୬.୯୬ ଲକ୍ଷ କୋଟି ଟଙ୍କାରେ ରହିଥିଲା। ଜୁଲାଇ ମାସରେ ଆଇଏମ୍‌ପିଏସ୍‌ରେ ଦୈନିକ ହାରାହାରି କାରବାର ୨୨,୯୫୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ତେବେ ଜୁଲାଇରେ ଫାସ୍‌ଟ୍ୟାଗ୍ ବ୍ୟବହାରକାରୀ ସଂଖ୍ୟାରେ ୪% ହ୍ରାସ ଘଟି ଏହା ୩୪.୭ କୋଟିକୁ ଖସିଆସିଛି। ଜୁନ୍‌ରେ ଫାସ୍‌ଟ୍ୟାଗ୍ ବ୍ୟବହାରକାରୀଙ୍କ ସଂଖ୍ୟା ୩୬୨ ନିୟୁତ ଏବଂ ମେ'ରେ ୩୭୫ ନିୟୁତ ରହିଥିଲା। ଜୁଲାଇରେ ଫାସ୍‌ଟ୍ୟାଗ୍ ଜରିଆରେ ହୋଇଥିବା କାରବାର ମୂଲ୍ୟ ୭୧୪୩ କୋଟି ଟଙ୍କାକୁ ହ୍ରାସ ପାଇଛି। ଜୁନରେ ଏହା ୭୨୧୫ କୋଟି ଟଙ୍କା ଏବଂ ମେ'ରେ ୭୩୦୮ କୋଟି ଟଙ୍କା ସ୍ତରରେ ରହିଥିଲା।

# ଲଣ୍ଡନ ଜେଲ୍‌ରେ ଅୟସ କରୁଛନ୍ତି ନୀରବ ମୋଦି

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ୨ ବିଲିୟନ ଡଲାରର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଠକେଇ ଏବଂ ମନି ଲଣ୍ଡରିଂ ମାମଲାର ମୁଖ୍ୟ ଅଭିଯୁକ୍ତ ପଳାତକ ନୀରବ ମୋଦି ଏବେ ଲଣ୍ଡନ୍ ଜେଲ୍‌ରେ ବେଶ ଆରାମଦାୟକ ଜୀବନ ବିତାଉଛନ୍ତି। ନିରବ ଏବେ ଦକ୍ଷିଣ-ପଶ୍ଚିମ ଲଣ୍ଡନ ଜେଲରେ ଥିବା ଏକ ଚେସ୍ କ୍ଲବରେ ଯୋଗ ଦେଇଛନ୍ତି। କୋର୍ଟରେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବା ବଦଳରେ ସେ ଚେସ୍ କ୍ଲବ୍‌କୁ ଚାଲିଯାଇଥିଲେ।

୫୫ ବର୍ଷୀୟ ନିରବ ମୋଦିଙ୍କୁ ଏଚ୍‌ଏମ୍‌ପି ୱାଣ୍ଡସୱର୍ଥକୁ ଫେରାଇ ଦିଆଯାଇଛି, ଯେଉଁଠାରେ ତାଙ୍କୁ ୨୦୧୯ ମାର୍ଚ୍ଚରେ ଗିରଫ କରାଯିବା ପରେ ପ୍ରଥମେ ଜେଲ୍‌ରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଏଚ୍‌ଏମ୍‌ପି ଥେମସାଇଡ୍ ଏବଂ ପରେ ଉତ୍ତର ଲଣ୍ଡନର ଏଚ୍‌ଏମ୍‌ପି ପେଣ୍ଟନଭିଲ୍ ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା, ଯାହା ତାଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟାଠାରୁ ପୃଥକ ଭାବରେ ବିଚାରାଧୀନ ଥିବା ସିଭିଲ୍ କୋର୍ଟ ମାମଲାଗୁଡ଼ିକୁ ଉଲ୍ଲେଖନୀୟ ଭାବରେ ବାଧା ସୃଷ୍ଟି କରିଥିଲା। ଶୁକ୍ରବାର, କେନ୍ଦ୍ରୀୟ ଲଣ୍ଡନରେ ଏକ ବିଳାସପୂର୍ଣ୍ଣ



## ଚେସ୍ କ୍ଲବ ଗଲେ, ଶୁଣାଣି ପାଇଁ କୋର୍ଟରେ ହାଜର ହେଲେନି

ଆପାର୍ଟମେଣ୍ଟ ବିକ୍ରି ସମ୍ପର୍କିତ ଏକ ଶୁଣାଣି ସମୟରେ, ଏହା ପ୍ରକାଶ ପାଇଲା ଯେ ଭିଡିଓ-ଲିଙ୍କ୍ ମାଧ୍ୟମରେ ତାଙ୍କର ନିର୍ଦ୍ଧାରିତ ହାଜିରା ବାତିଲ କରାଯାଇଛି।

ଜେଲଅଧିକାରୀ କୋର୍ଟକୁ କହିଛନ୍ତି ଯେ ନୀରବ ମୋଦି ଶୁଣାଣି ବିଷୟରେ ଅବଗତ ଥିଲେ କିନ୍ତୁ ଏକ ଚେସ୍ କ୍ଲବରେ ଯୋଗଦେବାକୁ ପ୍ରାଥମିକତା ଭାବେ ବାଛିଛନ୍ତି। ତାଙ୍କ ଆଇନଗତ ଦଳ କହିଛନ୍ତି ଯେ ଯେହେତୁ ସେମାନେ ଶୁଣାଣି ସ୍ଥଗିତ ରଖିବାକୁ ଚାହୁଁଥିଲେ, ତେଣୁ ସେମାନଙ୍କ କ୍ଲାଏଣ୍ଟଙ୍କ ଉପସ୍ଥିତି ଆବଶ୍ୟକ ନୁହେଁ। "ଦି ଡାଇମଣ୍ଡ କିଙ୍ଗ" ଶୀର୍ଷକ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ, କିପରି ୭ ବର୍ଷ ପୂର୍ବେ ସାମ୍ବାଦିକମାନେ କେନ୍ଦ୍ରୀୟ ଲଣ୍ଡନର ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟରେ ପଳାତକ ଅଳଙ୍କାର ବ୍ୟବସାୟୀଙ୍କ ରହଣୀ ସ୍ଥାନ ବିଷୟରେ ହୀରା ବ୍ୟବସାୟ ସହିତ ଜଡିତ ଏକ ଅଜ୍ଞାତ ଉତ୍ସରୁ ସୂଚନା ପାଇଥିଲେ।


ଏମିତିକି ନୀରବ ମୋଦି ବିଜୟ ମାଲ୍ୟାଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ, ଯିଏ ତାଙ୍କ ବର୍ତ୍ତମାନ ବନ୍ଦ ହୋଇଥିବା କିଙ୍ଗଫିଶର ଏୟାରଲାଇନ୍ସକୁ ଦିଆଯାଇଥିବା ବକେୟା ଋଣ ସହିତ ଜଡିତ ଠକେଇ ଏବଂ ମନି ଲଣ୍ଡରିଂ ଅଭିଯୋଗରେ ତଦନ୍ତର ସମ୍ମୁଖୀନ ହେବା ପାଇଁ ଭାରତର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ନୀରବ ମୋଦି ୨୦୧୯ ମାର୍ଚ୍ଚରେ ଗିରଫ ହେବାର କିଛି ମାସ ପୂର୍ବରୁ ରିଜେଣ୍ଟସ୍ ପାର୍କ ସ୍ଥିତ ତାଙ୍କ ବିଳାସପୂର୍ଣ୍ଣ ଘରେ ବିଜୟ ମାଲ୍ୟାଙ୍କ ସହ ସାକ୍ଷାତ କରିଥିଲେ।

**ବିଳମ୍ବିତ ମୌସୁମୀ ପ୍ରବାହ; କମିଲା ଏଲ୍‌ପିଜି ବ୍ୟବହାର**

# ବଢ଼ିଲା ପେଟ୍ରୋଲ ଏବଂ ଡିଜେଲ ଚାହିଦା

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ମୌସୁମୀ ଦୁର୍ବଳ ଏବଂ ବିଳମ୍ବ ହେତୁ ଦେଶରେ ଚାଷୀମାନେ ଜୁଲାଇରେ ଜଳସେଚନ ପାଇଁ ଡିଜେଲ ପମ୍ପ ବ୍ୟବହାର ବୃଦ୍ଧି କରିଛନ୍ତି। ଫଳରେ ପେଟ୍ରୋଲ ଏବଂ ଡିଜେଲ ବିକ୍ରିରେ ଯଥାକ୍ରମେ ୯.୭% ଏବଂ ୧୦.୭% ବୃଦ୍ଧି ଘଟିଛି। ଏହି ସମୟରେ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନେ ପିଏନ୍‌ଜି ଆଡକୁ ପରିବର୍ତ୍ତିତ ହୋଇଛନ୍ତି। ତେବେ ଜୁଲାଇରେ ଏଲ୍‌ପିଜି ବିକ୍ରି ହ୍ରାସ ପାଇଥିବା ଜଣାପଡିଛି।

ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି), ଭାରତ ପେଟ୍ରୋଲିୟମ (ବିପିସିଏଲ୍) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ (ଏଚ୍‌ପିସିଏଲ୍) ଜୁଲାଇରେ ପେଟ୍ରୋଲ ଏବଂ ଡିଜେଲ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ରେକର୍ଡ କରିଛନ୍ତି। ଏହା ମୁଖ୍ୟତଃ ସ୍ୱାଭାବିକ ଅପେକ୍ଷା ଦୁର୍ବଳ ମୌସୁମୀ ଯୋଗୁଁ ହୋଇଥିଲା, ଯାହା ଚାଷୀମାନଙ୍କୁ ଜଳସେଚନ ପାଇଁ ଅଧିକ ଥର ଡିଜେଲ ପମ୍ପ ଚଲାଇବାକୁ ବାଧ କରିଥିଲା। ଏହି ସମୟରେ, ଅନେକ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକ ପାଇପ୍ ପ୍ରାକୃତିକ ଗ୍ୟାସ (ପିଏନ୍‌ଜି) ଆଡକୁ ମୁହାଁଇଛନ୍ତି।



ପ୍ରାରମ୍ଭିକ ଶିଳ୍ପ ତଥ୍ୟ ଅନୁଯାୟୀ, ଜୁଲାଇ ୨୦୨୬ରେ ପେଟ୍ରୋଲ ବିକ୍ରି ୯.୭% ବୃଦ୍ଧି ପାଇ ୩.୪୫ ନିୟୁତ ଟନ୍ ହୋଇଛି, ଯାହା ଜୁଲାଇ ୨୦୨୫ରେ ୩.୧୪ ନିୟୁତ ଟନ୍ ରହିଥିଲା। ୨୦୨୪ ଜୁଲାଇ ତୁଳନାରେ ଏଥିରେ ୧୫.୧% ଅଧିକ ବିକ୍ରି ରେକର୍ଡ ହୋଇଛି। ଜୁଲାଇ ୨୦୨୩ ତୁଳନାରେ ଏଥିରେ ୩୬.୧% ବୃଦ୍ଧି ଘଟିଥିବା ଜଣାପଡିଛି। ତଥାପି ଚଳିତବର୍ଷ ଜୁନ୍ ତୁଳନାରେ ଜୁଲାଇରେ ବିକ୍ରି ୧.୧% କମ୍ ଥିଲା। ଜୁନ୍ ମାସରେ ୩.୪୮ ନିୟୁତ ଟନ୍ ପେଟ୍ରୋଲ ବିକ୍ରି ହୋଇଥିଲା। ଅପରପକ୍ଷେ ଦେଶରେ ସର୍ବାଧିକ ବ୍ୟବହୃତ ଇନ୍ଧନ ଡିଜେଲର ବିକ୍ରି ଜୁଲାଇ ମାସରେ ୧୦.୭% ବୃଦ୍ଧି ପାଇ ୭.୧୨ ନିୟୁତ ଟନ୍ ହୋଇଛି, ଯାହା ଗତ ବର୍ଷ ସମାନ ମାସରେ ୬.୪୩ ନିୟୁତ ଟନ୍ ରହିଥିଲା। ଡିଜେଲ ମୁଖ୍ୟତଃ ମାଲ ପରିବହନ, କୃଷି ଯନ୍ତ୍ରପାତି ଏବଂ ଜଳସେଚନ ପମ୍ପରେ ବ୍ୟବହୃତ ହୁଏ। ଚଳିତ ବର୍ଷ, ବିଳମ୍ବ ଏବଂ ସ୍ୱାଭାବିକଠାରୁ କମ୍ ମୌସୁମୀ ବର୍ଷା ଯୋଗୁଁ ଚାଷୀମାନଙ୍କୁ ସେମାନଙ୍କ କ୍ଷେତକୁ ଜଳସେଚନ କରିବା ପାଇଁ ଅଧିକ ଥର ଡିଜେଲ ପମ୍ପ ଚଲାଇବାକୁ ପଡିଥିଲା, ଯାହା ଚାହିଦା ବୃଦ୍ଧି କରିଥିଲା। ଫଳରେ ୨୦୨୪ ଜୁଲାଇ ମାସ ତୁଳନାରେ ୧୧.୫% ଅଧିକ ଡିଜେଲ୍ ବିକ୍ରି ହୋଇଥିଲା। ସାଧାରଣତଃ ମୌସୁମୀ ଆରମ୍ଭ ହେବା ପରେ ଡିଜେଲ୍ ଏବଂ ପେଟ୍ରୋଲ୍ ଚାହିଦା ହ୍ରାସ ପାଏ, କାରଣ ଜଳସେଚନ ପାଇଁ କମ୍ ପମ୍ପ ବ୍ୟବହାର କରାଯାଏ ଏବଂ ବର୍ଷା ଯୋଗୁଁ ଯାନବାହାନ ଚଳାଚଳ ହ୍ରାସ ପାଏ। ତଥାପି, ଚଳିତ ବର୍ଷ ଦୁର୍ବଳ ଏବଂ ବିଳମ୍ବ ମୌସୁମୀ ଯୋଗୁଁ ଚାଷୀମାନେ ଜଳସେଚନ ପାଇଁ ଅଧିକ ଡିଜେଲ୍ ବ୍ୟବହାର କରିଥିଲେ, ଯାହା ବିକ୍ରୟ ବୃଦ୍ଧି କରିଥିଲା।

**ସଂସଦରେ ସରକାର ରଖିଲେ ଜବାବ**

# କାଗଜ ନୋଟ୍ ବି ଜାରି ରହିବ

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଖୁବ୍ ଶୀଘ୍ର ଦେଶରେ ପ୍ଲାଷ୍ଟିକ୍ କରେନ୍ସି ନୋଟ୍‌ର ଟ୍ରାଏଲ୍ ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ ୧୦ ଓ ୨୦ ଟଙ୍କିଆ ନୋଟ୍‌କୁ ଚୟନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ ଓ ୨୦ ଟଙ୍କିଆ ନୋଟ୍‌କୁ ପଲିମର ସାମଗ୍ରୀରେ ପ୍ରସ୍ତୁତ କରି ପରୀକ୍ଷାମୂଳକ ଭାବେ ଚଳାଚଳ କରାଯିବ। ଏହି ଟ୍ରାଏଲ୍‌କୁ କେନ୍ଦ୍ର ସରକାର ମଧ୍ୟ ଅନୁମୋଦନ ଦେଇଛନ୍ତି। ତେବେ ଏହା ମଧ୍ୟରେ ସବୁଠୁ ବଡ଼ ପ୍ରଶ୍ନ ଉଠୁଛି- ପ୍ଲାଷ୍ଟିକ୍ ନୋଟ୍ ଆସିବା ପରେ କ'ଣ କାଗଜ ନୋଟ୍ ବନ୍ଦ ହୋଇଯିବ କି ?

ତେବେ ଏହାର ଉତ୍ତର ସରକାର ଦେଇଛନ୍ତି। ସଂସଦର ମୌସୁମୀ ଅଧିବେଶନରେ କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ, ପରୀକ୍ଷାମୂଳକ ପର୍ଯ୍ୟାୟରେ ୧୦ ଟଙ୍କିଆ ୧୦୦ କୋଟି ଏବଂ ୨୦ ଟଙ୍କିଆ ୧୦୦ କୋଟି ପଲିମର ନୋଟ୍ ଜାରି କରାଯିବ। ଅର୍ଥାତ୍ ମୋଟ ୨୦୦ କୋଟି ପ୍ଲାଷ୍ଟିକ୍ ନୋଟ୍ ବଜାରକୁ ଆସିବ। ପଲିମର ନୋଟ୍ ଆସିବାର ଅର୍ଥ କାଗଜ ନୋଟ୍ ବନ୍ଦ ହେବା ନୁହେଁ। ଆର୍‌ବିଆଇର ସୂଚନା ଅନୁସାରେ, ପ୍ଲାଷ୍ଟିକ୍ ନୋଟ୍ ଏବଂ ବର୍ତ୍ତମାନର କାଗଜ ନୋଟ୍ ଏକାସଙ୍ଗରେ ପ୍ରଚଳନରେ ରହିବ। ଅର୍ଥାତ୍ ବର୍ତ୍ତମାନ କାଗଜ ନୋଟ୍‌କୁ ସମ୍ପୂର୍ଣ୍ଣ ଭାବେ ପଲିମର ନୋଟ୍‌ରେ ବଦଳାଇବା ପାଇଁ କୌଣସି ଯୋଜନା ନାହିଁ। ଉଭୟ ପ୍ରକାରର ନୋଟ୍ ବଜାରରେ ବୈଧ ମୁଦ୍ରା ଭାବେ ବ୍ୟବହାର କରାଯାଇପାରିବ। ଆରବିଆଇ ନିଜ କେନ୍ଦ୍ରୀୟ ବୋର୍ଡର ସୁପାରିସ ପରେ ପଲିମର ନୋଟ୍‌ର ଟ୍ରାଏଲ୍ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଇଥିଲା। ଏଥିରେ କୁହାଯାଇଥିଲା ଯେ, ଯଦି ଟ୍ରାଏଲ୍ ସଫଳ ହୁଏ, ତେବେ ଭବିଷ୍ୟତରେ ୧୦ ଓ ୨୦ ଟଙ୍କିଆ ପଲିମର ନୋଟ୍‌କୁ ନିୟମିତ ଭାବେ ଜାରି କରାଯିବ। ଏହି ପ୍ଲାଷ୍ଟିକ ନୋଟ୍‌ର ପରୀକ୍ଷା ସଫଳ ହେଲେ, ଆରବିଆଇ ଏହାର ନିୟମିତ ଛପା ଆରମ୍ଭ କରିବ ଏବଂ ବ୍ୟାପକ ବ୍ୟବହାର ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇପାରେ। ୧୦ ଓ ୨୦ ଟଙ୍କିଆ ପଲିମର ନୋଟ୍‌ର ଟ୍ରାଏଲ୍ ସଫଳ ହେବା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ୫୦, ୧୦୦, ୨୦୦ ଏବଂ ୫୦୦ ଟଙ୍କିଆ ପଲିମର ନୋଟ୍ ମଧ୍ୟ ଛପାଯାଇପାରେ।

**ଭାରତୀୟ ରେଳପଥ ପୁଣି ଥରେ ସାଜିଲା ଜୀବନ ରକ୍ଷାକାରୀ ଭୂମିକା**

# 'ବନ୍ଦେ ଭାରତ'ରେ ପରିବହନ ହେଲା ଜୀବନ୍ତ ହୃଦୟ


ଅହମଦାବାଦ,୨।୮: ମାନବତା ସେବା ଏବଂ ଜୀବନ ରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ପୂରଣ କରି ଭାରତୀୟ ରେଳପଥ ପୁଣି ଥରେ ବନ୍ଦେ ଭାରତ ଏକ୍ସପ୍ରେସ ମାଧ୍ୟମରେ ଏକ ଜୀବନ୍ତ ହୃଦୟର ଦ୍ରୁତ ପରିବହନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଟ୍ରେନ ନମ୍ବର ୨୦୯୦୧ ମୁମ୍ବାଇ ସେଣ୍ଟ୍ରାଲ-ଗାନ୍ଧିନଗର ରାଜଧାନୀ ବନ୍ଦେ ଭାରତ ଏକ୍ସପ୍ରେସ ସଫଳତାର ସହ ଅଙ୍କଲେଶ୍ୱରରୁ ଅହମଦାବାଦକୁ ଏକ ଜୀବନ୍ତ ହୃଦୟ ପରିବହନ କରିଛି। ପ୍ରଥମ ଥର ପାଇଁ ଅଙ୍କଲେଶ୍ୱର ରେଳ ଷ୍ଟେସନରେ ଏକ ସ୍ୱତନ୍ତ୍ର ଷ୍ଟପେଜ୍ କରାଯାଇଥିଲା, ଯାହା ଦ୍ୱାରା କୋଚ୍ ନମ୍ବର ଇ-୦୧ ରେ ଜୀବନ୍ତ ହୃଦୟକୁ ସୁରକ୍ଷିତ ଭାବରେ ଲୋଡିଂ କରାଯାଇପାରିବ। ଏହି ଜୀବନ୍ତ ହୃଦୟ ଅଙ୍କଲେଶ୍ୱରର ଶ୍ରୀମତୀ ଜୟବେନ ମୋଦି ମଲ୍ଟି-ସ୍ପେଶାଲିଟି ହସ୍ପିଟାଲରୁ ଅହମଦାବାଦକୁ ସ୍ଥାନାନ୍ତର କରାଯାଇଥିଲା। ରେଳବାଇ ବାଣିଜ୍ୟିକ ବିଭାଗ କର୍ମଚାରୀ, ଆର୍‌ପିଏଫ୍ ଏବଂ ରାଜ୍ୟ ପୋଲିସ ସହାୟତାରେ ଅହମ୍ମଦାବାଦ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ ରେ ଏକ ସବୁଜ କରିଡର ସୃଷ୍ଟି କରାଯାଇଥିଲା ଏବଂ ହୃଦୟକୁ ବହୁତ କମ ସମୟ ମଧ୍ୟରେ ୟୁଏନ୍ ମେହତା ହସ୍ପିଟାଲକୁ ପଠାଯାଇଥିଲା। ଉଲ୍ଲେଖନୀୟ ଯେ ଗତ ତିନି ଦିନ ମଧ୍ୟରେ ଏହା ଦ୍ୱିତୀୟ ଥର ଯେତେବେଳେ ଏକ ଜୀବନ୍ତ ହୃଦୟର ଦ୍ରୁତ ଏବଂ ସୁରକ୍ଷିତ ପରିବହନ ପାଇଁ ବନ୍ଦେ ଭାରତ ଏକ୍ସପ୍ରେସ୍ ବ୍ୟବହାର କରାଯାଇଛି। ଏହା ଦର୍ଶାଏ ଯେ ଭାରତୀୟ ରେଳବାଇର ଆଧୁନିକ, ଦ୍ରୁତ ଏବଂ ସମୟାନୁବର୍ତ୍ତୀ ସେବାଗୁଡ଼ିକ ଆଉ ଯାତ୍ରୀଙ୍କ ସୁବିଧା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଜରୁରୀକାଳୀନ ଚିକିତ୍ସା ସେବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି। ଅଙ୍ଗଦାନଠାରୁ ପ୍ରତିରୋପଣ ପର୍ଯ୍ୟନ୍ତ ସମୟ ହୃଦୟ ପ୍ରତିରୋପଣ ପ୍ରକ୍ରିୟାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚିକିତ୍ସା ଦୃଷ୍ଟିରୁ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାତାଙ୍କ ହୃଦୟ ପ୍ରତିରୋପଣ କରିବା ଅତ୍ୟନ୍ତ ଜରୁରୀ। ତେଣୁ, ବନ୍ଦେ ଭାରତ ଏକ୍ସପ୍ରେସ ଭଳି ଦ୍ରୁତ ଗତି ଏବଂ ସମୟାନୁବର୍ତ୍ତୀ ଟ୍ରେନ୍ ସେବା ଦାତାଙ୍କ ଅଙ୍ଗଗୁଡ଼ିକର ଦ୍ରୁତ ପରିବହନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।



**ଆଜିଠୁ ଷ୍ଟକ୍ ବଜାର କାରବାରରେ ବଡ଼ ପରିବର୍ତ୍ତନ**

# ଏଫ୍‌ଆଣ୍ଡଓ ସେଗମେଣ୍ଟରେ ଟ୍ରେଡିଂ ୧୦ ମିନିଟ୍ ବଢ଼ିଲା

ମୁମ୍ବାଇ,୨।୮ (ଏଜେନ୍ସି): ଅଗଷ୍ଟ ୩ରୁ ଦେଶରେ ଷ୍ଟକ୍ ବଜାରରେ ଅନେକ ବଡ଼ ପରିବର୍ତ୍ତନ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଣିକି ଫ୍ୟୁଚର୍ସ ଏବଂ ଅପ୍‌ସନ୍ସ (ଏଫ୍‌ଆଣ୍ଡଓ ) ସହିତ ଲିଙ୍କ୍ ହୋଇଥିବା ସେୟାର ପାଇଁ କ୍ଲୋଜିଂ ନିଲାମ ଅନୁଷ୍ଠିତ ହେବ। ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଏହାର ବାଣିଜ୍ୟ ନିୟମରେ ପୂର୍ବକ ସୋମବାରଠାରୁ ଷ୍ଟକ୍ ବଜାରରେ ଟ୍ରେଡିଂ କରୁଥିବା ନିବେଶକମାନଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କାର୍ଯ୍ୟକାରୀ ହେଉଛି। ଡେରିଭେଟିଭ୍ସ ସେଗମେଣ୍ଟରେ ଟ୍ରେଡିଂ ସମୟ ମଧ୍ୟ ୧୦ ମିନିଟ୍ ବୃଦ୍ଧି କରାଯାଇଛି। ଫଳରେ ଏଫ୍‌ଆଣ୍ଡଓ ବଜାର



## ଅପରାହ୍ନ ୩ଟା ୪୦ ପର୍ଯ୍ୟନ୍ତ ଚାଲିବ କାରବାର

ବର୍ତ୍ତମାନ ଅପରାହ୍ନ ୩ଟା ୪୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବ। ପୂର୍ବ ଟ୍ରେଡିଂ ଅବଧି ଅପରାହ୍ନ ୩ଟା ୩୦ ମିନିଟ୍ ପର୍ଯ୍ୟନ୍ତ ପରିବର୍ତ୍ତେ, ଫ୍ୟୁଚର୍ସ ଏବଂ ବିକଳ୍ପରେ କାରବାର ଏବେ ଅପରାହ୍ନ ୩ଟ ୪୦ ପର୍ଯ୍ୟନ୍ତ ସମ୍ଭବପର ହେବ।

ତେବେ ଏଫ୍‌ଆଣ୍ଡଓ ପାଇଁ ଯୋଗ୍ୟ ବର୍ଗ ୧ ସେୟାରରେ ସାଧାରଣ ଟ୍ରେଡିଂ ଏବେ ଅପରାହ୍ନ ୩ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ତା'ପରେ ଅପରାହ୍ନ ୩ଟା ୧୫ ମିନିଟ୍‌ରୁ ଅପରାହ୍ନ ୩ଟା ୨୦ ପର୍ଯ୍ୟନ୍ତ ଏକ ପରିବର୍ତ୍ତନ ଅବଧି ରହିବ। ତା'ପରେ ଶେଷ ନିଲାମ ଅଧିବେଶନ ଅପରାହ୍ନ ୩ ଟା ୨୦ ରେ ଆରମ୍ଭ ହେବ। ନିବେଶକମାନେ ଅପରାହ୍ନ ୩ଟା ୨୦ ରୁ ଅପରାହ୍ନ ୩ଟା ୨୫ ପର୍ଯ୍ୟନ୍ତ ଅର୍ଡର ଦେଇପାରିବେ। ତା'ପରେ ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ୩ଟା ୨୫ ରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ଆରମ୍ଭ ହେବ। ଏହି ସମୟ ମଧ୍ୟରେ ନୂତନ ଅର୍ଡର ଦିଆଯାଇପାରିବ, କିନ୍ତୁ ବଜାର ଅର୍ଡରଗୁଡ଼ିକୁ ପରିବର୍ତ୍ତନ କିମ୍ବା ବାତିଲ କରିବାକୁ ଅନୁମତି ଦିଆଯିବନାହିଁ। ଶେଷ ଦୁଇ ମିନିଟ୍ ମଧ୍ୟରେ ନିଲାମ ଯେକୌଣସି ସମୟରେ ଶେଷ ହୋଇପାରେ। ତା'ପରେ ଅପରାହ୍ନ ୩ଟା ୩୦ ରୁ ଅପରାହ୍ନ ୩ଟା ୩୫ ପର୍ଯ୍ୟନ୍ତ ଅର୍ଡର ମେଳ କରାଯିବ ଏବଂ ଏହି ପ୍ରକ୍ରିୟା ମାଧ୍ୟମରେ ଆସିଥିବା ମୂଲ୍ୟକୁ ସେହି ସେୟାର ପାଇଁ ସରକାରୀ ବନ୍ଦ ମୂଲ୍ୟ ଭାବରେ ବିବେଚନା କରାଯିବ। ତଥାପି, ଏଫ୍‌ଆଣ୍ଡଓ ମାଧ୍ୟମରେ ନଗଦ ବଜାରରେ କାରବାର ହୋଇ ନ ଥିବା ଷ୍ଟକ୍ ପାଇଁ ବାଣିଜ୍ୟ ସମୟ ସମାନ ରହିବ, ବଜାର ଅପରାହ୍ନ ୩ଟା ୩୦ ମିନିଟ୍‌ରେ ବନ୍ଦ ହେବ। ସୋମବାର ଠାରୁ, ପ୍ରି ଓପନ୍ ସେସନ୍‌ରେ ସମୟ ମଧ୍ୟ ପରିବର୍ତ୍ତନ ହେବ। ଅର୍ଡର ଏଣ୍ଟ୍ରି ସକାଳ ୯ଟା ରୁ ସକାଳ ୯ଟା ୭ ମିନିଟ୍ ପର୍ଯ୍ୟନ୍ତ ହେବ।

# ୪ ମାସ ପରେ ଭାରତୀୟ ବଜାରକୁ ଫେରିଲେ ବିଦେଶୀ ନିବେଶକ

ମୁମ୍ବାଇ,୨।୮ (ଏଜେନ୍ସି): ପାଖାପାଖି ଚାରି ମାସ ପରେ ବିଦେଶୀ ନିବେଶକମାନେ ଭାରତୀୟ ଇକ୍ୱିଟିକୁ ଫେରିଛନ୍ତି। ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଜୁଲାଇରେ ଭାରତୀୟ ଷ୍ଟକ୍ ବଜାରରେ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ପ୍ରାୟ ୨୦,୨୦୦ କୋଟି ଟଙ୍କା ଇକ୍ୱିଟିରେ ନିବେଶ କରିଛନ୍ତି। ଏହା ଗତ ଚାରି ମାସ ଧରି ଚାଲିଥିବା ନିରନ୍ତର ବିକ୍ରି ପ୍ରବାହକୁ ସ୍ଥଗିତ କରିଛି। ଆକର୍ଷଣୀୟ ମୂଲ୍ୟାଙ୍କନ, ଉନ୍ନତ କର୍ପୋରେଟ୍ ଆୟ ଏବଂ ହ୍ରାସ ପାଇଥିବା ବିଶ୍ୱ ଚାପ ଘରୋଇ ଇକ୍ୱିଟିରେ ବିଦେଶୀ ନିବେଶକଙ୍କ ନିବେଶକୁ ପୁନଃସ୍ଥାପିତ କରିଛି। ସେଣ୍ଟ୍ରାଲ୍ ଡିପୋଜିଟୋରୀ ସର୍ଭିସେସ୍ ଲିମିଟେଡ୍ (ସିଡିଏସ୍‌ଏଲ୍) ର ତଥ୍ୟ ଅନୁଯାୟୀ, ଜୁଲାଇ ମାସର ପ୍ରବାହ ବଜାର ପାଇଁ ଏକ ପ୍ରମୁଖ ପରିବର୍ତ୍ତନ। ପୂର୍ବରୁ, ବିଦେଶୀ ନିବେଶକମାନେ ଲଗାତାର ଚାରି ମାସ ପାଇଁ ଭାରତୀୟ ଇକ୍ୱିଟିକୁ ବହୁଳ ଭାବରେ ବିକ୍ରି କରିଥିଲେ। ଯଦିଓ ଜୁଲାଇ ମାସରେ ନୂତନ କ୍ରୟ ବଜାରକୁ କିଛି ଆଶ୍ୱସ୍ତି ଦେଇଛି, କିନ୍ତୁ ଏହା ଦୀର୍ଘ ବିକ୍ରୟ ପ୍ରବାହରୁ ହୋଇଥିବା କ୍ଷତିକୁ ସମ୍ପୂର୍ଣ୍ଣ ଭାବରେ ଫେରାଇ ଆଣିନାହିଁ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ଧନ ଲାଭ ଯୋଗ ରହିଛି । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ଘରକୁ ଅତିଥି ଆସିବେ । ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି ।

**ମିଥୁନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ । ବାଦବିବାଦରୁ ଦୂରେଇ ରହିବେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ । ଜୀବନସାଥୀଙ୍କୁ ସମୟ ଦେବେ ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ । ଖର୍ଚ୍ଚ ବଢ଼ିପାରେ ।

**ସିଂହ:** ଦିନଟି ହସଖୁସିରେ କଟିବ । କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦାନ ଧର୍ମ କରିବେ ।

**ତୁଳା:** ବ୍ୟବସାୟରେ କ୍ଷତି ସହି ପାରନ୍ତି । ଚିନ୍ତାଗ୍ରସ୍ତ ରହିବେ । ପାରିବାରିକ ବିବାଦ ଦେଖା ଦେଇପାରେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ । ଯାତ୍ରା ଲାଭଦାୟକ ହେବ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିପାରନ୍ତି । ବନ୍ଧୁମିଳନ ଯୋଗ ଅଛି । ଆଶା ପୂରଣ ହେବ । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ । ଉଧାର ଦେଇଥିବା ଟଙ୍କା ଫେରିପାଇବେ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେଇପାରେ । ସମ୍ପର୍କୀୟଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି । ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି ।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଚକ୍ଷୁ ସମସ୍ୟା ଦେଖା ଦେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

## ଆଜିର ଇତିହାସ

- ୧୧୦୮ -ଲୁଇ ଷଷ୍ଠ ଫ୍ରାନ୍ସର ସମ୍ରାଟ ହେଲେ ।
- ୧୪୯୨- ସ୍ପେନ୍‌ରୁ ଇହୁଦୀମାନଙ୍କୁ ବିତାଡ଼ିତ କରାଗଲା ।
- ୧୮୮୬- ହିନ୍ଦୀ ସାହିତ୍ୟ ଜଗତର ପ୍ରସିଦ୍ଧ କବି ମୈଥିଳୀ ଶରଣ ଗୁପ୍ତଙ୍କ ଜନ୍ମ ।
- ୧୯୭୯- ଆମେରିକା ନେଭାଡାରେ ପରମାଣୁ ପରୀକ୍ଷା କଲା ।
- ୧୯୮୫- ବାବା ଆମ୍‌ତେଙ୍କୁ ରମଣ ମାଗାସେସ୍ ପୁରସ୍କାର ପ୍ରଦାନ କରାଗଲା ।
- ୨୦୦୪-ଆମେରିକୀୟ ମହାକାଶଯାନ ମେସେଞ୍ଜର ବୁଧ ଗ୍ରହ ଅଭିମୁଖେ ଯାତ୍ରା ଆରମ୍ଭ କଲା ।

# 'ଲଭ୍ ଆଣ୍ଡ ୱାର୍' ପାଇଁ ସଞ୍ଜୟଙ୍କ ମାଷ୍ଟର ପ୍ଲାନ୍

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀ ଯେତେବେଳେ କୌଣସି ସିନେମା ଆଣନ୍ତି, ତାହା ବେଶ୍ ଭବ୍ୟ ହୋଇଥାଏ । ତାଙ୍କର ଐତିହାସିକ ସେଟ୍, କଷ୍ଟ୍ୟୁମ୍, ସଙ୍ଗୀତ ପ୍ରତ୍ୟେକଟି ଜିନିଷ ଦର୍ଶକଙ୍କ ହୃଦୟକୁ ଛୁଇଁଥାଏ । ସେ ତାଙ୍କର ପ୍ରତିଟି ଫିଲ୍ମରେ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେଇଥାନ୍ତି । ଏବେ ସଞ୍ଜୟ, ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକି କୌଶଲଙ୍କୁ ନେଇ 'ଲଭ୍ ଆଣ୍ଡ ୱାର୍' ଫିଲ୍ମ ନିର୍ମାଣ କରୁଛନ୍ତି । ତେବେ ଏହି ସିନେମାର ପ୍ରଚାର ପାଇଁ ଭଁସାଲୀ ପାରମ୍ପରିକ ପଦ୍ଧତିକୁ ଏଡ଼ାଇ ଏକ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିବା ଚର୍ଚ୍ଚା ହେଉଛି । ସେ ଫିଲ୍ମର ପ୍ରଚାର ପାଇଁ ଟିଜର୍ କି ପୋଷ୍ଟର୍ ସେୟାର୍ କରିବେ ନାହିଁ । ଏହା ବଦଳରେ ଦର୍ଶକଙ୍କୁ ସିଧାସଳଖ ସିନେମାର ଭବ୍ୟ ଦୁନିଆକୁ ନେଇଯିବା ପାଇଁ ଏକ ଅନନ୍ୟ ସିନେମାଟିକ୍ ପ୍ରେଜେଣ୍ଟେସନ୍ ପ୍ରସ୍ତୁତ କରାଯାଉଛି । ସାଧାରଣତଃ ଚଳଚ୍ଚିତ୍ରଗୁଡ଼ିକର ପ୍ରଚାରର ଆରମ୍ଭ ଚରିତ୍ରଗୁଡ଼ିକର ପୋଷ୍ଟର୍ କିମ୍ବା ଏକ ଛୋଟ ଟିଜର୍ ମାଧ୍ୟମରେ ହୋଇଥାଏ । ଭଁସାଲୀ କିନ୍ତୁ ଏଥର ଚିରାଚରିତ ଧାରା ବଦଳାଇବା ମୁଡ୍‌ରେ ଅଛନ୍ତି । ସେ ନିଜେ ତାଙ୍କର କ୍ରିଏଟିଭ୍ ଟିମ୍ ସହିତ ମିଶି ଏକ ସ୍ୱତନ୍ତ୍ର ପ୍ରମୋସନାଲ୍ ଆସେଟ୍ ପ୍ରସ୍ତୁତ କରୁଛନ୍ତି । ଏହା କୌଣସି ସାଧାରଣ ଟିଜର୍ କିମ୍ବା ପୋଷ୍ଟର୍ ହେବ ନାହିଁ, ବରଂ ଏଭଳି ଏକ ପ୍ରେଜେଣ୍ଟେସନ୍ ହେବ ଯାହା ପ୍ରଥମରୁ ହିଁ ଦର୍ଶକଙ୍କୁ 'ଲଭ୍ ଆଣ୍ଡ ୱାର୍'ର ପରିବେଶ, ଭବ୍ୟତା ଏବଂ ଏହାର ଭାବପ୍ରବଣତା ସହିତ ପରିଚିତ କରାଇବ । ସଞ୍ଜୟ ନିଜେ ଏହାର ପ୍ରତ୍ୟେକ ଫ୍ରେମ୍ ଏବଂ କ୍ରିଏଟିଭ୍ ଦିଗ ଉପରେ ନଜର ରଖିଛନ୍ତି । ଏହି ସ୍ୱତନ୍ତ୍ର ପ୍ରମୋସନାଲ୍ ପ୍ରେଜେଣ୍ଟେସନ ବର୍ତ୍ତମାନ ତାର ଶେଷ ପର୍ଯ୍ୟାୟରେ ଅଛି । ଯଦିଓ ଏହାର ଫର୍ମାଟ୍‌କୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଗୋପନୀୟ ରଖାଯାଇଛି, ତଥାପି ନିର୍ମାତା ଏହାକୁ କେବଳ ଏକ ସାଧାରଣ ଭିଡିଓ ପରି ରିଲିଜ୍ କରିବେ ନାହିଁ, ବରଂ ଏହାକୁ ଏକ ବଡ଼ ଇଭେଣ୍ଟ ଭାବରେ ଉପସ୍ଥାପନ କରିବାକୁ ପ୍ରସ୍ତୁତି ଚଳାଇଥିବା ଚର୍ଚ୍ଚା ହେଉଛି । ଯଦି ସବୁକିଛି ଯୋଜନା ମୁତାବକ ଚାଲେ, ତେବେ ଖୁବ୍ ଶୀଘ୍ର ଦର୍ଶକଙ୍କ ସାମ୍ନାରେ ଭଁସାଲୀଙ୍କର ଏହି ଭିଜନ ପ୍ରକାଶ ପାଇବ । ଏହା ହିଁ ଚଳଚ୍ଚିତ୍ର ପ୍ରଚାରର ଆନୁଷ୍ଠାନିକ ଶୁଭାରମ୍ଭ ହେବ ।



# ଅଫିସ୍‌ରେ ସର୍ଟସ୍

ଜାପାନରେ ଏବେ ପୁରୁଷଙ୍କ ଗୋଡ଼ କେଶକୁ ନେଇ ବିବାଦ ଦେଖା ଦେଇଛି । ଏଠାରେ ଏବେ ଭୀଷଣ ଗରମ ଅନୁଭୂତ ହେଉଛି । କିଛି ସହରରେ ତାପମାତ୍ରା ୩୫-୪୦ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି । ଏଭଳି ସ୍ଥିତିରେ ଗରମରୁ ଆଶ୍ୱସ୍ତି ପାଇବା ଲାଗି ଏବଂ ଏୟାର୍ କଣ୍ଡିସନ୍‌ରର କମ୍ ବ୍ୟବହାର କରିବା ପାଇଁ ଟୋକିଓ ପ୍ରଶାସନ ପକ୍ଷରୁ କର୍ମଚାରୀଙ୍କୁ ଅଫିସ୍‌ରେ ହାଲୁକା ଓ ଆରାମଦାୟକ ପୋଷାକ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି । ଏଣୁ ପୁରୁଷ କର୍ମଚାରୀଙ୍କୁ ପ୍ରଥମଥର ପାଇଁ ଅଫିସ୍‌ରେ ସର୍ଟସ୍ ପିନ୍ଧିବାର ଅନୁମତି ମିଳିଛି । ଏହି ପଦକ୍ଷେପ କର୍ମଚାରୀଙ୍କୁ ଗରମରୁ ରକ୍ଷା କରିବା ତଥା ବିଜୁଳି ସଞ୍ଚୟ ଲାଗି ଗ୍ରହଣ କରାଯାଇଛି । ଅନ୍ୟପଟେ ପୁରୁଷମାନେ ସର୍ଟସ୍ ପିନ୍ଧି ଅଫିସ୍ ଆସିବାରୁ ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ କିଛି ମହିଳା ଅସହମତି ପ୍ରକାଶ କରିଛନ୍ତି । ଅଫିସ୍‌ରେ ପୁରୁଷଙ୍କ ଗୋଡ଼ରେ କେଶକୁ ଦେଖି ସେମାନେ ଅସହଜ ମନେ କରୁଥିବା କହିଛନ୍ତି । ଏହାକୁ ମହିଳାମାନେ 'ଲେଗ୍ ହେୟାର୍ ହାରାସ୍‌ମେଣ୍ଟ' ବୋଲି କହୁଛନ୍ତି । କିଛି ମହିଳାଙ୍କ ମତରେ ଆଜି ବି ମହିଳାଙ୍କ ଲାଗି ଅଫିସ୍‌ରେ ଡ୍ରେସ୍ କୋଡ୍ ନିୟମକୁ କଡ଼ାକଡ଼ି ପାଳନ କରାଯାଇଛି । ଏପରିକି ପ୍ରଫେସନାଲ ଲାଗିବା ଲାଗି ମେକ୍‌ଅପ୍ ଏବଂ ଗ୍ରୁମିଂ ଉପରେ ଧ୍ୟାନ ଦେବାକୁ ପଡୁଛି । ଏଭଳି ସ୍ଥିତିରେ ପୁରୁଷ ଓ ମହିଳାମାନଙ୍କ ପାଇଁ କାହିଁକି ସମାନ ଡ୍ରେସ୍ କୋଡ୍ କରାଯାଉ ନାହିଁ, ତାହାକୁ ନେଇ ବିବାଦ ଦେଖା ଦେଇଛି । କିଛି ମହିଳାଙ୍କ କହିବା କଥା, ସମାଜ ଓ ଅଫିସ୍ ସଂସ୍କୃତିରେ ମହିଳାମାନଙ୍କୁ ଗୋଡ଼ ସଫା ରଖିବାକୁ ବା ଗୋଡ଼ ଘୋଡ଼ାଇବା ପାଇଁ 'ଟାଇଟ୍ସ' ପିନ୍ଧିବାକୁ ବାଧ କରାଯାଏ, ଅଥଚ ପୁରୁଷମାନଙ୍କୁ ଏଭଳି ଖୋଲା ଗୋଡ଼ରେ ଆସିବାକୁ ଅନୁମତି ଦିଆଯାଉଛି, ଯାହା ପାତରଅନ୍ତର ଅଟେ ପୁରୁଷମାନେ ଯଦି ଆରାମଦାୟକ ପୋଷାକ ପିନ୍ଧିପାରିବେ, ତେବେ ମହିଳାଙ୍କୁ ମଧ୍ୟ ଡ୍ରେସ୍ କୋଡ୍‌ର ସୁବିଧା ମିଳିବା ଦରକାର । ସେମାନଙ୍କ ମତରେ ଏ ନିୟମ ସମସ୍ତଙ୍କ ପାଇଁ ସମାନ ହେବା ଉଚିତ । ଅବଶ୍ୟ ଏହି ତର୍କ ପରେ ପୁରୁଷମାନେ ଲେଜର ହେୟାର୍ ରିମୁଭାଲ କରାଉଥିବା ଘଟଣା ନଜରକୁ ଆସିଛି ।

# ସବୁଠାରୁ ଧନୀ ଗାଁ; ରହିବାକୁ ଲୋକ ନାହାଁନ୍ତି

ପଞ୍ଜାବର ଜଳନ୍ଧର ଜିଲ୍ଲାରେ ଥିବା ଦାଦୂୱାଲ ଗାଁର ପ୍ରତ୍ୟେକ ଗଳି ଏବଂ ଘର କୌଣସି ବିଦେଶୀ ସହରଠାରୁ କମ୍ ନୁହେଁ । ଏଠାରେ କୋଟି କୋଟି ଟଙ୍କା ବ୍ୟୟରେ ବଡ଼ ବଡ଼ ଆଲିସାନ୍ କୋଠା ଓ ମହଲ ସଦୃଶ ଘର ନିର୍ମାଣ କରାଯାଇଛି । ଗାଁର ରାସ୍ତାଗୁଡ଼ିକ ମଧ୍ୟ ଅତ୍ୟନ୍ତ ଚମତ୍କାର ଓ ସଫାସୁତୁରା । ଏହି ଗାଁକୁ ସବୁଠୁ ଧନୀ ଗାଁ ବୋଲି ବିବେଚନା କରାଯାଏ । ହେଲେ ଆଶ୍ଚର୍ଯ୍ୟର କଥା, କୋଟି କୋଟି ଟଙ୍କାର ତିଆରି ହୋଇଥିବା ଏହି ଘରଗୁଡ଼ିକରେ ରହିବାକୁ ଲୋକ ନାହାଁନ୍ତି । ଯାହାଫଳରେ ଗାଁର ଅଧିକାଂଶ ଘରଗୁଡ଼ିକ ଖାଲି ପଡ଼ିଥିବାବେଳେ ଧୂଳି ମଳିରେ ଆଚ୍ଛାଦିତ ହୋଇ ରହିଛି । ପ୍ରତ୍ୟେକ ଘର ସାମ୍ନାରେ ବଡ଼ ବଡ଼ ତାଲା ଝୁଲୁଥିବା ଦେଖିବାକୁ ମିଳିଥାଏ । ମୋଟାମୋଟି କହିବାକୁ ଗଲେ ଗାଁଟି ବେଶ୍ ନିର୍ଜନ ଅବସ୍ଥାରେ ରହିଛି । ତେବେ ଗାଁରେ ଲୋକ ନ ରହିବାର ମୂଳ କାରଣ ହେଉଛି ଏଠାରେ ଅଧିକାଂଶ ଲୋକ ଅର୍ଥ ରୋଜଗାର କରିବା ଉଦ୍ଦେଶ୍ୟରେ ଆମେରିକା-କାନାଡ଼ା ଏବଂ ଅନ୍ୟାନ୍ୟ ଦେଶରେ ଯାଇ ବସବାସ କରୁଛନ୍ତି । ଅଧିକାଂଶ ବ୍ରିଟେନରେ ରହୁଛନ୍ତି । ଏମିତି ବି ଅନେକ ଲୋକ ଅଛନ୍ତି ଯେଉଁମାନେ ବିଦେଶରୁ ରୋଜଗାର କରି ଗାଁରେ ବିଳାସପୂର୍ଣ୍ଣ ଘର ତିଆରି କରିଛନ୍ତି । ସେହିପରି ଗୋଟିଏ ପରିବାରର ଅଧିକାଂଶ ସଦସ୍ୟ ଭିନ୍ନ ଭିନ୍ନ ଦେଶରେ ରହିଥାନ୍ତି, ତେଣୁ ବର୍ଷକୁ ମାତ୍ର ଦୁଇ ଚାରି ଦିନ ଲାଗି ଏମାନେ ଗାଁକୁ ଆସନ୍ତି । ଗାଁରେ ରହି ଯାଇଥିବା ଲୋକେ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଭେଟିବା ପାଇଁ ବର୍ଷ ବର୍ଷ ଧରି ଚାହିଁ ବସିଥାନ୍ତି । ଏହି ଗାଁର ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ଆକର୍ଷଣୀୟ କଥା ହେଉଛି, ଏଠାକାର ଲୋକମାନେ ବିଦେଶ ଯିବା ପୂର୍ବରୁ ନିଜ ସପନର ପ୍ରତିକୃତିକୁ ଘର ଛାତ ଉପରେ ନିର୍ମାଣ କରନ୍ତି । ସେଥିପାଇଁ ଏହି ଗାଁରେ ଉଡ଼ାଜାହାଜ, ବୁଲେଟ୍ ବାଇକ୍, ଟ୍ରାକ୍ଟର କିମ୍ବା ଘୋଡ଼ାଆକୃତିର ପାଣିଟାଙ୍କି ଦେଖିବାକୁ ମିଳିଥାଏ । ଏହି ବିଶାଳ ମହଲଗୁଡ଼ିକ କେବଳ ସେତେବେଳେ ଖୋଲେ, ଯେତେବେଳେ ବିଦେଶରେ ରହୁଥିବା ଏହି ଏନ୍‌ଆର୍‌ଆଇ ପରିବାରଗୁଡ଼ିକ ଛୁଟି କାଟିବାକୁ କିମ୍ବା କୌଣସି ବାହାଘର ଉତ୍ସବ ପାଇଁ ବର୍ଷକରେ ଅଳ୍ପ ଦିନ ପାଇଁ ଗାଁକୁ ଆସନ୍ତି । ବାକି ସାରା ବର୍ଷ ଗାଁଟି ସମ୍ପୂର୍ଣ୍ଣ ଶାନ୍ତ ଓ ଜନଶୂନ୍ୟ ହୋଇ ରହିଥାଏ । ଏହି କାରଣରୁ ଏହାକୁ ପଞ୍ଜାବର 'ଏନ୍‌ଆର୍‌ଆଇ ଗ୍ରାମ' ବୋଲି କୁହାଯାଏ ।



## ସ୍ମୃତି

# ଶ୍ରାବଣ ସୋମବାରର ଶୁଭ ରଙ୍ଗ



ଶ୍ରାବଣ ମାସ ଶିବ ଭକ୍ତି, ଆତ୍ମଶୁଦ୍ଧି ଓ ନୂଆ ଶକ୍ତିର ଏକ ପବିତ୍ର ଅବସର । ଏହି ପୂରା ମାସ ମହାଦେବଙ୍କ କୃପା ପାଇବା ଲାଗି ଶ୍ରଦ୍ଧା, ସଂଯମ, ଭଲ ମନରେ ମହାଦେବବଙ୍କୁ ସ୍ମରଣ କରିବା ଉଚିତ । ସେହିପରି ଶ୍ରାବଣ ମାସର ଚାରିଟି ସୋମବାରରେ କେଉଁ ରଙ୍ଗ ପିନ୍ଧିବା ଶୁଭ, ସେ ସମ୍ପର୍କରେ ଜାଣିବା ।

**ପ୍ରଥମ ସୋମବାର:** ଶ୍ରାବର ମାସ ପ୍ରଥମ ସୋମବାରରେ ସବୁଜ ରଙ୍ଗ ପିନ୍ଧିବା ଭଲ । ବୁଦ୍ଧି, ବ୍ୟବସାୟ, ଉନ୍ନତି ଓ ସନ୍ତୁଳନ କାରକ ସବୁଜ ରଙ୍ଗ । ଏହି ରଙ୍ଗକୁ ସକାରାତ୍ମକ ଶକ୍ତି ଓ ନୂଆ ଆରମ୍ଭର ପ୍ରତୀକ ବୋଲି ବିବେଚନା କରାଯାଏ ।

**ଦ୍ୱିତୀୟ ସୋମବାର:** ଦ୍ୱିତୀୟ ସୋମବାରରେ ଧଳା ରଙ୍ଗ ପିନ୍ଧିବା ଉତ୍ତମ । ଧଳା ରଙ୍ଗ ଶାନ୍ତ ମନ, ଶୀତଳତା ଓ ମାନସିକ ସନ୍ତୁଳନର କାରକ । ଧଳା ରଙ୍ଗକୁ ପବିତ୍ରତା ଏବଂ ସକାରାତ୍ମକତାର ପ୍ରତୀକ ବୋଲି କୁହାଯାଏ ।

**ତୃତୀୟ ସୋମବାର:** ତୃତୀୟ ସୋମବାରରେ ହଳଦିଆ ରଙ୍ଗର ଯେକୌଣସି ବସ୍ତ୍ର ପରିଧାନ କରିବା ମଙ୍ଗଳ । ଉନ୍ନତି, ନବ ଅବସର, ସମୃଦ୍ଧି ଓ ଜ୍ଞାନର କାରକ ଭାବେ ହଳଦିଆ ରଙ୍ଗକୁ ଗ୍ରହଣ କରାଯାଏ । ଏହା ସୌଭାଗ୍ୟ ଓ ସଫଳତାର ବି ପ୍ରତୀକ ।

**ଚତୁର୍ଥ ସୋମବାର:** ପ୍ରେମ, ସୁନ୍ଦରତା, ମଧୁରତା ଓ ଆକର୍ଷଣର କାରକ ଗୋଲାପି । ଏଣୁ ଚତୁର୍ଥ ତଥା ଶେଷ ସୋମବାରେ ଗୋଲାପି ରଙ୍ଗ ପୋଷାକ ପରିଧାନ କରନ୍ତୁ । ଏହି ରଙ୍ଗ ସମ୍ପର୍କରେ ପ୍ରେମ ଓ ସାମଞ୍ଜସ୍ୟ ବଢ଼ାଇବାର ପ୍ରତୀକ ଭାବେ ଦେଖାଯାଏ ।

# ଶ୍ରାବଣରେ ଶିବ ଉପାସନା

**ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର । ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ । ଏହି ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି ।**



ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ । ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ । ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି । ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ । ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ । କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ । ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ ।

ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ । ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା । ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ । ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ ।

ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି । ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି । ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ । ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ । ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର । ସୋମବାର ବ୍ରତ ରଖିବା ଉତ୍ତମ । ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ ।

# ତିନୋଟି ରୁଟି ପରଷୁଥିଲେ

**ଭାରତୀୟ ସଂସ୍କୃତିରେ ଭୋଜନ ତଥା ଖାଦ୍ୟ ପରଷିବାକୁ ନେଇ ଅନେକ ନିୟମ ଅଛି । ତେବେ ଥାଳିରେ ଏକକାଳୀନ ତିନୋଟି ରୁଟି ପରଷିବାକୁ ବାରଣ କରାଯାଇଛି । ଏହାକୁ ଅଶୁଭ ବୋଲି କୁହାଯାଏ । ବାସ୍ତୁ ଶାସ୍ତ୍ର ଅନୁସାରେ ଏହା ପଛରେ ଧାର୍ମିକ, ମନୋବୈଜ୍ଞାନିକ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧିତ କାରଣ ଅଛି ।**

ପୌରାଣିକ ମାନ୍ୟତାନୁସାରେ, ତିନି ସଂଖ୍ୟାକୁ ଶୁଭ ବୋଲି କୁହାଯାଇ ନାହିଁ । ଥାଳିରେ ତିନୋଟି ରୁଟି ରଖିବା ମୃତକ ଭୋଜନ ସହ ସମାନ ବୋଲି କୁହାଯାଏ । ଯାହାକି ନକାରାତ୍ମକତାର କାରଣ ।

- ବାସ୍ତୁ ଓ ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି ଯେ, ଭୋଜନ ଥାଳିରେ ଏକକାଳୀନ ତିନି ସଂଖ୍ୟାର କୌଣସି ଜିନିଷ ରଖିଲେ ମନରେ ନକାରାତ୍ମକ ଚିନ୍ତାଧାରା ଆସେ । ଘରର ସୁଖ, ସମୃଦ୍ଧି ପ୍ରଭାବିତ ହୁଏ ।
- ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ସନ୍ତୁଳିତ ଭୋଜନ ଲାଗି ଦୁଇଟି ରୁଟି, ଗୋଟେ ଗିନା ଡାଲି, ତରକାରି ଓ ଅନ୍ନ ରଖିବା ପର୍ଯ୍ୟାପ୍ତ । ତେଣୁ ଥାଳିରେ ଏକକାଳୀନ ଅଧିକ ରୁଟି ପରଷିବା ଦ୍ୱାରା ଜଣେ ଆବଶ୍ୟକତାଠାରୁ ଅଧିକ ଖାଆନ୍ତି । ଏହା ଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୁଏ ।
- ତେବେ ବାସ୍ତୁରେ ଥାଳିରେ ତିନୋଟି ରୁଟି ଦେବାକୁ ନେଇ ନିୟମ ଅଛି । ତୃତୀୟ ରୁଟିକୁ ଅଧା ଛିଣ୍ଡାଇ ଥାଳିରେ ରଖିବା ଉଚିତ ।
- ପ୍ରଥମେ ଦୁଇଟି ରୁଟି ପରଷନ୍ତୁ । ଦୁଇଟି ରୁଟି ଶେଷ ହେବା ପରେ ତୃତୀୟ ରୁଟି ଖାଇବାକୁ ଦେଇପାରିବେ ।
- ଅନ୍ୟପଟେ ଥାଳିରେ ୪ଟି ରୁଟି ରଖିପାରିବେ । ତିନି ରୁଟି ସହିତ ଅଳ୍ପ ଅନ୍ନ ରଖିଲେ ମୁଖ୍ୟ ଖାଦ୍ୟର ସଂଖ୍ୟା ଆଉ ତିନି ହୋଇ ନ ଥାଏ ।



# ପୂଜାରେ କର୍ପୂର ଓ ଲବଙ୍ଗ ଜାଳିବାର ମହତ୍ତ୍ୱ

**ପୂଜାରେ ଆରତି କରିବା ସମୟରେ କର୍ପୂର ଓ ଲବଙ୍ଗ ଜଳାଯାଏ । ଏହି ପରମ୍ପରା ବହୁ ପ୍ରାଚୀନ ହୋଇଥିଲେ ହେଁ ଏହା ପଛରେ ଆଧ୍ୟାତ୍ମିକ ଓ ବୈଜ୍ଞାନିକ କାରଣ ଅଛି ।**

ଅନେକ ସମୟରେ ଘରେ ଅଯଥା ଚାପ ଓ ମନ ଭାରାକ୍ରାନ୍ତ ଲାଗେ । ସନ୍ଧ୍ୟାରେ କର୍ପୂର ସହିତ ଦୁଇଟି ଲବଙ୍ଗ ଜାଳି ପୂରା ଘରେ ବୁଲାଇଲେ ନକାରାତ୍ମକତା ଦୂର ହୁଏ । ଏହାର ମହକରେ ଘର ଆନନ୍ଦିତ ଲାଗେ । କର୍ପୂର ଓ ଲବଙ୍ଗକୁ ଏକାଠି ଜାଳିବାର ଅନ୍ୟତମ ଲାଭ ହେଉଛି ଏହାର ଜୀବାଣୁ ଓ ଭୂତାଣୁ ସହିତ ଲଢ଼ିବାର କ୍ଷମତା ଅଛି । ଏହା ଲବଙ୍ଗ ସହିତ ଜଳିବାରୁ ଏହାର ଧୂଆଁ ପବନରେ ବ୍ୟାପି ହାନିକାରକ ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ । ଏହା ଦ୍ୱାରା ଘରର ବାୟୁ ଶୁଦ୍ଧ ହୁଏ ଏବଂ ଶ୍ୱାସକ୍ରିୟାରେ ସତେଜତା ଅନୁଭବ ହୁଏ ।

ପ୍ରାଚୀନ ମାନ୍ୟତାନୁସାରେ, ବାରମ୍ବାର କୌଣସି କାମ ଅଟକି ରହୁଥିଲେ କିମ୍ବା ଆର୍ଥିକ ସମସ୍ୟା ଦେଖା ଦେଉ ଥିଲେ କର୍ପୂର ଓ ଲବଙ୍ଗ ଜାଳିବାକୁ ଶୁଭ ବୋଲି କୁହାଯାଏ । ତେବେ ସନ୍ଧ୍ୟାରେ ରୁପା ତଥା ମାଟି ଦୀପରେ କର୍ପୂର ଓ ଲବଙ୍ଗ ଜାଳିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ବଜାୟ ରହେ । ଘରେ ସୁଖ ଓ ସମୃଦ୍ଧି ଆସେ । କର୍ପୂର ଓ ଲବଙ୍ଗ ଜାଳିବା ଦ୍ୱାରା ଏହାର ସୁଗନ୍ଧ ମସ୍ତିଷ୍କକୁ ଶାନ୍ତ କରେ ଓ ଥକ୍କାପଣକୁ ଦୂର କରେ । ମନ ଶାନ୍ତ ରହିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ଠିକ୍ ନିର୍ଣ୍ଣୟ ନେବା ସହଜ ହୁଏ ।



## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପିତ

# ଭାରତର ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ



ପଦକ ବିଜୟୀ ଭାରତୀୟ ମହିଳା ବକ୍ସର

ଗ୍ଲାସ୍‌ଗୋ,୨।୮ (ଏଜେନ୍ସି)

ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା। ୧୦ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା୧୨୬ଜଣ ଆଥଲେଟ ୩୯ଟି ପଦକ ବିଜୟୀ ହୋଇଛି। ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ପଦକ ବିଜୟ ଦୃଷ୍ଟିରୁ ଏହା ଭାରତର ଶ୍ରେଷ୍ଠ ଅଲରାଉଣ୍ଡ ପ୍ରଦର୍ଶନ କରିଛି। ଭାରତୀୟ ପ୍ରତିଯୋଗୀଙ୍କ ଏହି ପ୍ରଦର୍ଶନ ଦେଶବାସୀ ଓ ସମର୍ଥକଙ୍କୁ ବେଶ ଆମୋଦିତ କରିଛି। ଭାରତୀୟମାନେ ୩୯ଟି ପଦକ ଜିତିଛନ୍ତି ସତ, କିନ୍ତୁ ଯେଉଁଭଳି ଭାବେ ପ୍ରାଧାନ୍ୟ ବିସ୍ତାର କରିଥିଲେ ତାହା ବେଶ ରୋମାଞ୍ଚକର ହୋଇପାରିଥିଲା। ଭାରତ ମୋଟ ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଓ ୯ କାଂସ୍ୟ ପଦକ ସହ ୩୯ଟି ପଦକ ଜିତି ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଫଳ ହୋଇଥିଲା। ଏଥରେ ମୁଷ୍ଟିଯୋଦ୍ଧାମାନେ ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗିଦେଇଥିଲାବେଳେ ଜୁଡୋ ପ୍ରତିଯୋଗୀଙ୍କ ଅପ୍ରତ୍ୟାଶିତ ପ୍ରଦର୍ଶନ, ପାରାଆଥଲେଟଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଓ ଆଥଲେଟିକ୍ସରେ ଏକାଧିକ ପଦକ ବିଜୟ ଭାରତର ଏହି ସଫଳ ପ୍ରଦର୍ଶନରେ ଏକ ମାଇଲଖୁଣ୍ଟ ହୋଇ ଛିଡ଼ା ହୋଇଛି।

**ମୁଷ୍ଟିଯୁଦ୍ଧ(ବକ୍ସିଂ):** ଏହି ପ୍ରତିଯୋଗିତାରେ ଭାରତକୁ ମୁଷ୍ଟିଯୁଦ୍ଧରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ସର୍ବାଧିକ ସଫଳତା ମିଳିଛି। ଏଥିରେ ୧୦ଜଣ ପ୍ରତିଯୋଗୀ ୭ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ଜିତି ଐତିହାସିକ ସଫଳତା ପାଇଛନ୍ତି। ମହିଳା ମୁଷ୍ଟିଯୋଦ୍ଧା ପ୍ରୀତି ପାୱାର, ଯସ୍ମିନ୍ ଲାମ୍ବୋରିଆ, ପ୍ରିୟା ଘାଙ୍ଗାସ, ସାକ୍ଷୀ ଚୌଧୁରୀ ଓ ଅରୁନ୍ଧତି ଚୌଧୁରୀ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏମାନଙ୍କ ସହ ସଚିନ ସିୱାଚ୍ ଓ ଅଙ୍କୁଶ ପାଙ୍ଘଲ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୋଇଥିଲେ।

**ଜୁଡୋ ଓ ପାରା ଆଥଲେଟିକ୍ସ:** ଜୁଡୋ ଓ ପାରା ଆଥଲେଟିକ୍ସରେ ଭାରତକୁ ମଧ୍ୟ ଐତିହାସିକ ସଫଳତା ମିଳିଥିଲା। ତ୍ରିପୁରାର ଅସ୍ମିତା ଦେ' ଓ ହର୍ଷ ସିଂ ସ୍ୱର୍ଣ୍ଣ, ଯାମିନ ମୌର୍ଯ୍ୟ ରୌପ୍ୟ ଓ ଉନ୍ନତି ଶର୍ମା କାଂସ୍ୟ ପଦକ ଜିତି ଭାରତ ଲାଗି ଇତିହାସ ସୃଷ୍ଟି କରିଥିଲେ। ତ୍ରିପୁରା ସାଇକଲ ମେକାନିକ୍‌ଙ୍କ ଝିଅ ଅସ୍ମିତା ଭାରତ ଲାଗି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଅନ୍ତର୍ଜାତୀୟସ୍ତରରେ ଭାରତର ପାରା ଆଥ୍‌ଲେଟମାନେ ଧୀରେ ଧୀରେ ପ୍ରାଧାନ୍ୟ ବିସ୍ତାର କରିଥିଲାବେଳେ ଏଠାରେ ଶ୍ରେଷ୍ଠ ସଫଳତା ମିଳିଥିଲା। ଭାରତୀୟ ପ୍ରତିଯୋଗୀମାନେ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ଏହି ଇଭେଣ୍ଟରୁ ଜିତିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ଭାରତର ଶ୍ରେଷ୍ଠ ସଫଳତା। ଏପରିକି ୩ଜଣ ପ୍ରତିଯୋଗୀ ଶର୍ମିଳା ଧନକଡ଼, ଦିଲୀପ ଗାଭିଟ ଓ ସୋମନ ରାଣା ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ସବୁଠାରୁ ବଡ଼ କଥା ହେଲା ଦୀର୍ଘ ୨୦ ବର୍ଷ ପରେ ଭାରତ ଏଥିରେ ପଦକ ଜିତିବାରେ ସଫଳ ହୋଇଥିଲା। ଏଣୁ ପାରାଆଥଲେଟିକ୍ସ ଭାରତ ଲାଗି ଏକ ନୂଆ ମେଡାଲ ଇଭେଣ୍ଟରେ ପରିଣତ ହୋଇଛି।

**ଆଥଲେଟିକ୍ସ:** ଆଥଲେଟିକ୍ସରେ ଭାରତ ଏଥର ଏକାଧିକ ପଦକ ବିଜୟୀ ହୋଇଛି। ଏଥିରେ ୫ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ଏଥିରେ ଦୁଇଟି ଇଭେଣ୍ଟ ଯଥା ପୁରୁଷ ଜାଭେଲିନ୍ ଓ ଟ୍ରିପଲ ଜମ୍ପରେ ୨ଟି ଲେଖାଏଁ ପଦକ ବିଜୟ ଆମର ପ୍ରାଧାନ୍ୟକୁ ସୂଚାଇଛି। ଜାଭେଲିନ୍‌ରେ ନୀରଜ ଚୋପ୍ରା ରୌପ୍ୟ ଓ ଯଶବୀର ସିଂ କାଂସ୍ୟ ଜିତିଥିଲେ। ସେହିପରି

### କେଉଁଥିରୁ କେତେ ପଦକ

| ଖେଳ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ |
|---|---|---|---|---|
| ମୁଷ୍ଟିଯୁଦ୍ଧ | ୭ | ୩ | -- | ୧୦ |
| ଆଥଲେଟିକ୍ସ | ୩ | ୭ | ୬ | ୧୬ |
| ଜୁଡୋ | ୨ | ୧ | ୧ | ୦୪ |
| ଭାରୋତୋଳନ | ୧ | ୬ | ୧ | ୮ |
| ପାରା ଭାରୋତୋଳନ | ୦ | ୦ | ୧ | ୧ |
| ମୋଟ | ୧୩ | ୧୭ | ୯ | ୩୯ |

ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ଓ ସେଲଭା ପ୍ରଭୁ ମଧ୍ୟ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ପୁରୁଷ ଡେକାଥଲନରେ ତେଜସ୍ୱିନ ଶଙ୍କର କାଂସ୍ୟ ପଦକ ଜିତିଥିଲେ। ଫଳରେ ସେ ଦୁଇଟି ଶ୍ରେଣୀରେ ଭାରତର ପ୍ରଥମ ଆଥଲେଟ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ଡେକାଥଲନରେ ପ୍ରଥମ ଭାରତୀୟଭାବେ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଆଥଲେଟ ଭାବେ ଦୁଇଟି ଇଭେଣ୍ଟରେ ପଦକ ଜିତିବାର ବିରଳ ରେକର୍ଡ କରିଥିଲେ। ୨୦୨୨ କ୍ରୀଡ଼ାରେ ସେ ପୁରୁଷ ହାଇଜମ୍ପରେ କାଂସ୍ୟ ଜିତିଥିଲେ। ସେହିପରି ଆଉ ଏକ ରେକର୍ଡ କରିଛନ୍ତି ଲଙ୍ଗ ଡିଷ୍ଟାନ୍ସ ରନର ଗୁଲବୀର ସିଂ। ସେ ପୁରୁଷ ବିଭାଗର ଉଭୟ ୫୦୦୦ ଓ ୧୦୦୦ ମିଟର ଦୌଡ଼ରେ ଯଥାକ୍ରମେ କାଂସ୍ୟ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ସେ ଭାରତର ପ୍ରଥମ ଆଥଲେଟଭାବେ ଗୋଟିଏ ପ୍ରତିଯୋଗିତାରେ ୨ଟି ପଦକ ଜିତିବାର ରେକର୍ଡ କରିଛନ୍ତି।

**ଭାରୋତ୍ତୋଳନ:** ଭାରୋତ୍ତୋଳନ ଭାରତକୁ ଏକ ଶକ୍ତିଭାବେ ବିବେଚନା କରାଯାଇଥାଏ। ଏଥର ଏହି ଇଭେଣ୍ଟରୁ ୮ଟି ପଦକ ମିଳିଥିଲେ ମଧ୍ୟ ମିରାବାଇ ଚାନୁ ଏକମାତ୍ର ପ୍ରତିଯୋଗୀ ଯିଏକି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଅନ୍ୟ ପ୍ରତିଯୋଗୀଙ୍କୁ ୬ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ମିଳିଥିଲା। ଏହି ଇଭେଣ୍ଟରେ ଭାରତ ପୂର୍ବରୁ ଭଲ କରିଆସିଛି ଓ ଏଥର ୩ଟି ସ୍ୱର୍ଣ୍ଣ ପଦକ ଜିତିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେଥିରେ ସଫଳ ହୋଇପାରି ନଥିଲା।

### ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ର୍‍ୟାଙ୍କ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ୍ |
|---|---|---|---|---|---|
| ୧ | ଅଷ୍ଟ୍ରେଲିଆ | ୭୦ | ୪୫ | ୫୫ | ୧୭୦ |
| ୨ | ଇଂଲଣ୍ଡ | ୨୯ | ୪୫ | ୩୬ | ୧୧୦ |
| ୩ | କାନାଡା | ୧୯ | ୨୦ | ୨୪ | ୬୩ |
| ୪ | ଭାରତ | ୧୩ | ୧୭ | ୯ | ୩୯ |
| ୫ | ସ୍କଟଲାଣ୍ଡ | ୧୩ | ୯ | ୧୭ | ୩୯ |
| ୬ | ନ୍ୟୁଜିଲାଣ୍ଡ | ୧୦ | ୧୪ | ୧୨ | ୩୬ |
| ୭ | ନାଇଜେରିଆ | ୧୦ | ୭ | ୭ | ୨୪ |
| ୮ | ଜାମାଇକା | ୧୦ | ୪ | ୫ | ୧୯ |
| ୯ | ୱେଲ୍ସ | ୯ | ୧୦ | ୧୨ | ୩୧ |
| ୧୦ | ମାଲେସିଆ | ୮ | ୩ | ୫ | ୧୬ |

ବି.ଦ୍ର.: ପଦକ ତାଲିକାର ପ୍ରଥମ ୧୦ଟି ସ୍ଥାନରେ ରହିଥିବା ଦେଶ।

## ୫୦୦୦ ମିଟରରେ ଗୁଲ୍‌ବୀର ଜିତିଲେ ପ୍ରଥମ ପଦକ




ଗ୍ଲାସ୍‌ଗୋ, ୨।୮ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଭାରତର ପ୍ରଥମ ପ୍ରତିଯୋଗୀଭାବେ ଗୁଲବୀର ସିଂ ୫୦୦୦ ମିଟର ଦୌଡ଼ରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଗ୍ଲାସ୍‌ଗୋ ଅନୁଷ୍ଠିତ ଏହି ରେସକୁ ଗୁଲବୀର ୧୩ମିନିଟ୍ ୨୪.୯୫ ସେକେଣ୍ଡରେ ପୂରଣ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ବିଜୟ ଫଳରେ ସେ ଭାରତ ଲାଗି ଐତିହାସିକ କାଂସ୍ୟ ପଦକ ସଫଳତା ଆଣିଛନ୍ତି। ପୂର୍ବରୁ ଜୁଲାଇ ୨୮ ରେ ଅନୁଷ୍ଠିତ ପୁରୁଷ ୧୦,୦୦୦ ମିଟର ଦୌଡ଼ରେ ଗୁଲବୀର ରୌପ୍ୟ ପଦକ ହାସଲ କରିଥିଲେ। ଫଳରେ ଗୋଟିଏ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଭୟ ୫,୦୦୦ ଓ ୧୦,୦୦୦ ମିଟର ଦୌଡ଼ରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ଆଥ୍‌ଲେଟ ହୋଇଛନ୍ତି। ସେ ମଧ୍ୟ ଗ୍ଲାସ୍‌ଗୋ କ୍ରୀଡ଼ାରେ ଭାରତ ଲାଗି ଶେଷ ବା ୩୯ ତମ ପଦକ ଜିତିବାରେ ସଫଳ ହୋଇଥିଲେ।

## ଅଳ୍ପକେ ପଦକ ହରାଇଲେ ନାରଙ୍ଗ

ମହିଳା ଜୁଡୋରେ ଭାରତର ଇଶ୍ୱରୂପ ନାରଙ୍ଗ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଏଠାରେ ପଦକ ଜିତିବାର ସମ୍ଭାବନା ସୃଷ୍ଟି କରିଥିଲେ। କିନ୍ତୁ କାଂସ୍ୟ ପଦକ ଲାଗି ହୋଇଥିବା ମୁକାବିଲାରେ ସେ କାନାଡାର କୋରାଲି ଗଡବାଉଟଙ୍କ ନିକଟରୁ ପରାଜିତ ହେବା ଫଳରେ କାଂସ୍ୟ ପଦକ ଜିତିବା ସ୍ୱପ୍ନ ସାର୍ଥକ ହୋଇ ପାରି ନ ଥିଲା। ଜୁଡୋରେ ଭାରତକୁ ଅପ୍ରତ୍ୟାଶିତ ସଫଳତା ମିଳିଛି। ଏଥିରେ ଜୁଡୋକାମାନେ ୨ ସ୍ୱର୍ଣ୍ଣ, ୧ଟି ଲେଖାଏଁ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି।

### ତାଇପେଇ ଓପନ୍

## ତନଭୀଙ୍କୁ ପ୍ରତୀକ୍ଷିତ ଟାଇଟଲ୍



ତାଇପେଇ ସିଟି, ୨।୮ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା କ୍ୟାରିୟରରେ ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍ ଜିତିଛନ୍ତି। ଏଠାରେ ଅନୁଷ୍ଠିତ ତାଇପେଇ ଓପନ୍‌ର ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ହୋଇ ତନଭୀ ଏହି ସଫଳତା ପାଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ତନଭୀ ୨୧-୧୬, ୨୧-୧୬ ସିଧାସଳଖ ଗେମରେ ବିଶ୍ୱର ୨୧ତମ ମାନ୍ୟତା ଭିଏତନାମର ଗୁୟେନ ଥୁ ଲିନଙ୍କୁ ପରାସ୍ତ କରିଥିଲେ। ବିଶ୍ୱର ମାନ୍ୟତାରେ ୩୬ତମ ସ୍ଥାନରେ ଥିବା ତନଭୀଙ୍କୁ ଏହି ମ୍ୟାଚ ଜିତିବାକୁ ମାତ୍ର ୩୬ ମିନିଟ ସମୟ ଲାଗିଥିଲା। ବିଜୟ ସହ ତନଭୀ ୧୭ ଲକ୍ଷ ୮୮ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। ସେହିଭଳି ଦୀର୍ଘ ୧୮ ବର୍ଷର ବ୍ୟବଧାନ ପରେ ଜଣେ ଭାରତୀୟ ମହିଳା ଖେଳାଳି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ଶେଷଥର ଲାଗି ୨୦୦୮ରେ ସାଇନା ନେହ୍ୱାଲ ଏଠାରେ ଟ୍ରଫି ଜିତିଥିଲେ। ୧୭ ବର୍ଷୀୟା ତନଭୀ ଏଥିପୂର୍ବରୁ ୨୦୨୪ରେ କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ଓଡ଼ିଶା ମାଷ୍ଟର୍ସରେ ରନର୍ସଅପ୍ ହୋଇଥିଲେ।

## ହରମନପ୍ରୀତ୍‌ଙ୍କୁ ନେତୃତ୍ୱ; ଯଷ୍ଟିକା ବାଦ୍

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ଚମତ୍କାର ଶତକ ହାସଲ କରି ଭାରତକୁ ଟେଷ୍ଟ ମ୍ୟାଚ୍‌ରେ ଜିତାଇଥିବା ୱିକେଟକିପର/ବ୍ୟାଟର ଯଷ୍ଟିକା ଭାଟିଆଙ୍କୁ ଏସିଆ କପ୍ ଲାଗି ଘୋଷିତ ଭାରତୀୟ ମହିଳା କ୍ରିକେଟ ଦଳରେ ସ୍ଥାନ ମିଳିନାହିଁ। ଯଷ୍ଟିକାଙ୍କ

**ଏସିଆ କପ୍**

ବଦଳରେ ୧୮ ବର୍ଷୀୟା ଜି କମଳିନୀଙ୍କୁ ଦଳରେ ନିଆଯାଇଛି। ରିଚା ଘୋଷ ପ୍ରଥମ ପସନ୍ଦର ୱିକେଟରକ୍ଷକ ରହିଛନ୍ତି। ଘୋଷିତ ଦଳରେ ପ୍ରମୁଖ ସ୍ପିନର ଶ୍ରେୟଙ୍କା ପାଟିଲଙ୍କୁ ମଧ୍ୟ ସ୍ଥାନ ମିଳିନାହିଁ। ଟି-୨୦ ବିଶ୍ୱକପ୍‌ରେ ଆହତ ହେବା ପରେ ଶ୍ରେୟଙ୍କା ଏଯାଏ ଫିଟ ହୋଇ ନାହାନ୍ତି। ତାଙ୍କ ସ୍ଥାନ ପୂର୍ବପରି ପ୍ରେମା ରାୱତ ଅକ୍ତିଆର କରିଛନ୍ତି। ହରମନପ୍ରୀତ୍ କୌର ପୂର୍ବପରି ଭାରତୀୟ ଟିମ୍‌ର ନେତୃତ୍ୱ ନେବେ। ଏସିଆ କପ୍‌ର ଖେଳସୂଚୀ ଏଯାଏ ଘୋଷଣା କରାଯାଇନାହିଁ। **ଘୋଷିତ ଦଳ:** ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ଭାରତୀ ଫୁଲମାଳି, ଦୀପ୍ତି ଶର୍ମା, ରିଚା ଘୋଷ ଓ ଜି କମଳିନୀ (ଉଭୟ ୱିକେଟକିପର), ଅରୁନ୍ଧତି ରେଡ୍ଡୀ, ରାଧା ଯାଦବ, ପ୍ରେମା ରାୱତ, ଶ୍ରୀ ଚରଣି, ରେଣୁକା ଠାକୁର, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼। **ରିଜର୍ଭ ଖେଳାଳି:** ପ୍ରତୀକା ରାୱଲ, ଉମା ଛେତ୍ରୀ, ବୈଷ୍ଣବୀ ଶର୍ମା, ସାୟାଲି ସାତଘରେ ଓ ମିନୁ ମାନି।

## ଦକ୍ଷିଣାଞ୍ଚଳ ଦଳର ନେତୃତ୍ୱ ନେବେ ତିଲକ

ହାଇଦରାବାଦ, ୨।୮ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଦୁଲୀପ୍ ଟ୍ରଫିର ଆଗାମୀ ୬୩ତମ ସଂସ୍କରଣ ଲାଗି ରବିବାର ଦକ୍ଷିଣାଞ୍ଚଳ ଦଳ ଘୋଷଣା କରାଯାଇଛି। ହାଇଦରାବାଦର ବରିଷ୍ଠ ବ୍ୟାଟର ତିଲକ ବର୍ମାଙ୍କୁ ଘୋଷିତ ୧୫ ଜଣିଆ ଦଳର

**ଦୁଲୀପ୍ ଟ୍ରଫି**

ଅଧିନାୟକ ନିଯୁକ୍ତ କରାଯାଇଛି। ସେହିଭଳି ଆନ୍ଧ୍ରପ୍ରଦେଶର ରିକି ଭୁଇଙ୍କୁ ଉପ-ଅଧିନାୟକ ଦାୟିତ୍ୱ ମିଳିଛି। ଦକ୍ଷିଣାଞ୍ଚଳ ଦଳରେ କରୁଣ ନାୟାର, ଶ୍ରେୟସ ଗୋପାଳ ଏବଂ ଏନ. ଜଗଦୀଶନଙ୍କ ପରି ତାରକା କ୍ରିକେଟର ମଧ୍ୟ ରହିଛନ୍ତି। ତେବେ ଗତବର୍ଷ ଦକ୍ଷିଣାଞ୍ଚଳର ନେତୃତ୍ୱ ନେଇଥିବା ମହମ୍ମଦ ଆଝାରୁଦ୍ଦିନଙ୍କୁ ଏଥର ଘୋଷିତ ଦଳରେ ସୁଯୋଗ ମିଳିନାହିଁ। ଅଗଷ୍ଟ ୨୩ରୁ ବେଙ୍ଗାଲୁରୁରେ ଦୁଲୀପ୍ ଟ୍ରଫି ଆରମ୍ଭ ହେବ। କିନ୍ତୁ ଗତବର୍ଷ ରନର୍ସଅପ୍ ହୋଇଥିବାରୁ ଦକ୍ଷିଣାଞ୍ଚଳକୁ ସିଧାସଳଖ ସେମିଫାଇନାଲ ଖେଳିବାର ସୁଯୋଗ ମିଳିଛି। ଅଗଷ୍ଟ ୩୦ରୁ ସେମିଫାଇନାଲ ଆରମ୍ଭ ହେବ। **ଦକ୍ଷିଣାଞ୍ଚଳ ଦଳ:** ତିଲକ ବର୍ମା (ଅଧିନାୟକ), ରିକି ଭୁଇ (ଉପ-ଅଧିନାୟକ), ଏସକେ ରସିଦ, କରୁଣ ନାୟାର, ଅଭିନବ ତେଜାରଣା, ଆର. ସ୍ମରନ୍, ଏନ. ଜଗଦୀସନ, କେ. ହିମତେଜା, ଟି. ତ୍ୟାଗରାଜନ, ଶ୍ରେୟସ ଗୋପାଳ, କେ. ସାଇ ତେଜା, ଟି. ବିଜୟ, ଅମନ ଖାନ, ଭି. କଭରପ୍ପା।

## ଅଭିଷେକଙ୍କ ବିସ୍ଫୋରକ ଦ୍ୱିଶତକ

ଅମୃତସର, ୨।୮ (ଏଜେନ୍ସି)



**୯୧ ବଲରେ ୨୩୩ ରନ, ୨୫ ଛକା ଓ ୧୫ ଚୌକା**

ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରେ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ଅଭିଷେକ ଶର୍ମା ଏକ ବିସ୍ଫୋରକ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ପଞ୍ଜାବ କ୍ରିକେଟ୍ ସଂଘ ପକ୍ଷରୁ ଅନୁଷ୍ଠିତ ଆନ୍ତଃ-ଜିଲ୍ଲା ସିନିଅର ଏକଦିବସୀୟ ଟୁର୍ଣ୍ଣାମେଣ୍ଟରେ ଅଭିଷେକ ୯୧ ବଲରେ ୨୩୩ ରନର ମାରାଥନ ବ୍ୟାଟିଂ କରିଛନ୍ତି। ଅଭିଷେକ ଅମ୍ରିତସର ପକ୍ଷରୁ ଖେଳୁଥିବାବେଳେ ତରନ ତରନ ଜିଲ୍ଲା ଦଳ ବିପକ୍ଷରେ ଏହି ବିଧ୍ୱଂସୀ ପାଳି ଖେଳିଥିଲେ। ଯେଉଁଥିରେ ସେ ୧୫ଟି ଚୌକା ଓ ୨୫ଟି ଛକା ମାରିଥିଲେ। ଫଳରେ ବାଉଣ୍ଡାରୀରୁ ସେ ମୋଟ୍ ୨୧୦ ରନ ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରାଇକରେଟ୍ ୨୫୬.୦୪ ରହିଥିଲା। ଅଭିଷେକଙ୍କ ଏହି ଇନିଂସ ବଳରେ ତାଙ୍କ ଦଳ ଅମ୍ରିତସର ୫୦ ଓଭରରେ ୮ ୱିକେଟ ହରାଇ ୫୩୩ ରନ କରିଥିଲା। ଜବାବରେ ତରନ ତରନ ଦଳ ୮ ୱିକେଟରେ ୩୧୩ ରନ କରିବାକୁ ସମର୍ଥ ହୋଇଥିଲା। ବ୍ୟାଟିଂ ଭଳି ବୋଲିଂରେ ମଧ୍ୟ ଅଭିଷେକ ୯ ଓଭର ପକାଇ ୭୧ ରନ ବ୍ୟୟରେ ଦୁଇଟି ୱିକେଟ୍ ନେଇଥିଲେ। ଉଲ୍ଲେଖଯୋଗ୍ୟ, ଅଭିଷେକ ବର୍ତ୍ତମାନ ସୁଦ୍ଧା ଲିଷ୍ଟ-ଏ କ୍ରିକେଟରେ ୬୯ଟି ମ୍ୟାଚ୍ ଖେଳି ୩୩.୭୮ ହାରରେ ୨୧୯୬ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୮ଟି ଅର୍ଦ୍ଧଶତକ ଓ ୪ଟି ଶତକ ସାମିଲ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କୁ ଭାରତୀୟ ଦିନିକିଆ ଦଳରେ ସୁଯୋଗ ମିଳିନାହିଁ।

## ଡବ୍ଲ୍ୟୁଏସିଟି ବ୍ରୋଞ୍ଜ ମିଟ୍‌ରେ ଅନିମେଶ କୁଜୁର ୪ର୍ଥ

ଭୁବନେଶ୍ୱର, ୨।୮ (ସମିସ): ବେଲ୍‌ଜିୟମରେ ଅନୁଷ୍ଠିତ ୱାର୍ଲ୍ଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ମିଟ୍‌ରେ ଓଡ଼ିଶାର ଧାବକ ଅନିମେଶ କୁଜୁର ନିରାଶ କରିଛନ୍ତି। ଅନିମେଶ ପୁରୁଷ ୧୦୦ ମିଟର ରେସରେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ହାସଲ କରିବାର ବଞ୍ଚିତ ହୋଇଥିଲେ। ଏହି ଦୂରତାକୁ ଅନିମେଶ ୧୦.୩୦ ସେକେଣ୍ଡରେ ଫିନିଶ କରିଥିଲେ। ଏଥିପୂର୍ବରୁ ଜୁଲାଇ ପ୍ରାରମ୍ଭରେ ଜର୍ମାନୀରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ମିଟ୍‌ରେ ଅନିମେଶ ୧୦.୧୪ ସେକେଣ୍ଡରେ ୧୦୦ ମିଟର ରେସ୍ ଫିନିଶ କରିଥିଲେ। ଫଳରେ ବିଦେଶ ମାଟିରେ ସେ ଭାରତର ଦ୍ରୁତତମ ଧାବକ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ୨୦୦ ମିଟରରେ ଅନିମେଶ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲେ। ଅପରପକ୍ଷରେ ବେଲ୍‌ଜିୟମ ମିଟ୍‌ରେ ଭାରତର ତାରକା ଧାବକ ଜ୍ୟୋତି ୟାରାଜୀ (୧୨.୮୫ ସେକେଣ୍ଡ) ଅଂଶଗ୍ରହଣ କରି ମହିଳା ୧୦୦ ମିଟର ହର୍ଡଲ୍ସରେ ଚାମ୍ପିଅନ ହୋଇଛନ୍ତି।

## ହଙ୍ଗେରୀରେ ହର୍ଷିତଙ୍କୁ ଦ୍ୱିତୀୟ ଆଇଏମ୍ ନର୍ମ

ଭୁବନେଶ୍ୱର, ୨।୮ (ସମିସ): ଓଡ଼ିଶାର ପ୍ରତିଭାବାନ ଚେସ୍ ଖେଳାଳି ଫିଡେ ମାଷ୍ଟର ହର୍ଷିତ ରଞ୍ଜନ ସାହୁ ହଙ୍ଗେରୀର ରାଜଧାନୀ ବୁଡାପେଷ୍ଟରେ ଅନୁଷ୍ଠିତ ସିକ୍ସଡେଜ୍ ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ତାଙ୍କର ଦ୍ୱିତୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ନର୍ମ ଅର୍ଜନ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଏହି ରାଉଣ୍ଡ-ରବିନ୍ ପ୍ରତିଯୋଗିତାରେ ୨୩୩୫ ଏଲୋ ରେଟିଂଧାରୀ ହର୍ଷିତ ଅପରାଜେୟ ରହି ୭ ପଏଣ୍ଟ ସହ ଚାମ୍ପିଅନ୍ ହୋଇଥିଲେ। ଏହି ପ୍ରତିଯୋଗିତାରେ ସେ ଅନ୍ତର୍ଜାତୀୟ ମାଷ୍ଟର ମେହର ଚିନ୍ନା ରେଡ୍ଡି ସି.ଏଚ୍. (ଭାରତ) ଏବଂ ଅନ୍ତର୍ଜାତୀୟ ମାଷ୍ଟର ଇଭାର୍ଥ ଡା. କାହ୍ନ (ହଙ୍ଗେରୀ)ଙ୍କୁ ପରାସ୍ତ କରିଥିଲେ। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ସେ ୨୪୫୪ ପରଫର୍ମାନ୍ସ ରେଟିଂ ସହ ୨୬.୬ ଫିଡେ ରେଟିଂ ପଏଣ୍ଟ ହାସଲ କରିଥିଲେ। ଏହା ପୂର୍ବରୁ ହର୍ଷିତ ବୁଡାପେଷ୍ଟ ସ୍ପ୍ରିଙ୍ଗ ଫେଷ୍ଟିଭା-୨୦୨୬ରେ ପ୍ରଥମ ଆଇଏମ୍ ନର୍ମ ଅର୍ଜନ କରିଥିଲେ।

■ ଓଡ଼ିଶା ରାଜ୍ୟ ଜୁନିଅର ଖୋ ଖୋ

## ଜଗତସିଂହପୁରକୁ ହରାଇ କିସ୍ ଚାମ୍ପିଅନ

ଭୁବନେଶ୍ୱର,୨।୮ (ସମିସ): ରାଜ୍ୟ ଜୁନିଅର ଖୋ ଖୋ ଚାମ୍ପିଅନସିପ୍‌ର ବାଳିକା ବିଭାଗ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପୁରୀ ତାଳବଣିଆସ୍ଥିତ ଇଣ୍ଡୋର ଷ୍ଟାଡିୟମ ଖୋ ଖୋ ଏକାଡେମୀ ହଲଠାରେ ରବିବାର ଖେଳାଯାଇଥିବା ଫାଇନାଲରେ କିସ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଛି। ଫାଇନାଲରେ କିସ୍ ୩୯-୧୯ ପଏଣ୍ଟରେ ଜଗତସିଂହପୁରକୁ ପରାସ୍ତ କରିଥିଲା। ଝାରସୁଗୁଡ଼ା ଶ୍ରୁତି ସିଂହ, ଗଞ୍ଜାମର ମହେଶ୍ୱରୀ ନାୟକ, ଅନୁଗୁଳର ରୋଜାଲିନ ପ୍ରଧାନ, ଗଜପତିର ମାଝି ଲିଖିତା,ଢେଙ୍କାନାଳର ସୋନାଲି ଦେହୁରୀ ଅପକମିଙ୍ଗ ପ୍ଲେୟାର, ଜଗତସିଂହପୁରର ସୁବାସିନୀ ନାଥ, ଏସ ନାଥ ବେଷ୍ଟ ଡିଫେଣ୍ଡର, ଲିସାରାଣୀ, ୟୁ ରାଇତା ବେଷ୍ଟ ଆଟାକର ଏବଂ କରିସ୍ମା ପ୍ରଧାନଙ୍କୁ ବେଷ୍ଟ ଅଲରାଉଣ୍ଡର ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା।

ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଏବଂ ଜିଏସଟି ଆସିଷ୍ଟାଣ୍ଟ କମିଶନର ପ୍ରିତିରଞ୍ଜନ ନାଥ, ସମାଜସେବୀ ଜ୍ୟୋସ୍ନାରାଣୀ ନାଥ, ଅନୁଗୁଳ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ ସେଠ, ଭାରତୀୟ ଖୋ ଖୋ ମହାସଂଘର ଉପସଭାପତି ତଥା ଓଡ଼ିଶା ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ସଂପାଦକ ଲକ୍ଷଣନାଥ ପ୍ରମୁଖ ସମ୍ମାନିତ ଅତିଥ ଭାବେ ଯୋଗ ଦେଇଥିଲେ।

## ଫାଓ ଲିଗ୍: ୱାଇଏଏଫ୍‌ସିର ବଡ଼ ବିଜୟ



ଭୁବନେଶ୍ୱର, ୨।୮ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ରେ ରବିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଚୌଦ୍ୱାରର ୱାଇଏଏଫ୍‌ସି ୫-୩ ଗୋଲରେ ସନସାଇନ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟକ ତ୍ରିଦେବ ମୁଖୀ ୨ଟି ଏବଂ ବୁଦ୍ଧୁ ମାରାଣ୍ଡି, ମୁସ୍ତାକିମ ଖାନ ଓ ରାଜେଶ ବେହେରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ସନସାଇନ ପାଇ ସିଂଘୁ ମାଝୀ, ଜୟନ୍ତ ପ୍ରଧାନ ଓ ଧର୍ମେନ୍ଦ୍ର ପ୍ରଧାନ ଗୋଟିଏ ଲେଖାଏ ଗୋଲ୍ ଶୁଝିଥିଲେ।

## ରାଜ୍ୟ ଓପନ ସ୍କୁଲ ଚେସ୍: ଶାଶ୍ୱତ ଚାମ୍ପିଅନ

ଭୁବନେଶ୍ୱର,୨।୮ (ସମିସ)



ସଂସ୍କାର ଏକାଡେମୀ ଓ ଓଡ଼ିଶା ରାଜ୍ୟ ଚେସ୍ ଏକାଡେମୀ ଆନୁକୂଲ୍ୟରେ ରାଜ୍ୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଂଟ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲ୍‌ର ଶାଶ୍ୱତ ମହାପାତ୍ର ସର୍ବାଧିକ ପଏଣ୍ଟ ରଖି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବ୍ଲୁଜମ ସ୍କୁଲର ଆହାନ ଅଭିଜ୍ଞାନ ରନର୍ସଅପ୍, ମଡେଲ ଇଂଲିଶ ମିଡିୟମ୍ ସ୍କୁଲର ଆଦଭିକ୍ ମହାନ୍ତି ତୃତୀୟ, ରାଘବପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆଦିତ୍ୟ ଲାହା ଚତୁର୍ଥ ଓ କିଟ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଅକ୍ଷତ ମିଶ୍ର ୫ମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ ସଂସ୍କାର ସ୍କୁଲର ପ୍ରତିଷ୍ଠାତା ପ୍ରଜ୍ଞାବାଦିନୀ ରଥ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ସମ୍ପାଦକ ହେମନ୍ତ ଦାସ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ଅଧ୍ୟକ୍ଷା ଜାନକୀ ମହାକୁଡ଼ ଓ ଓଡ଼ିଶା ରାଜ୍ୟ ଚେସ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

## ୱେଷ୍ଟଇଣ୍ଡିଜ-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ ଆରମ୍ଭ

ତ୍ରିନିଦାଦ, ୨।୮ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ମଧ୍ୟରେ ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ କୁଇନ୍ସ ପାର୍କ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ୱେଷ୍ଟଇଣ୍ଡିଜ ଦଳ ବ୍ୟାଟିଂ ନିଷ୍ପତ୍ତି ନେଇଛି। ଲଞ୍ଚ ବ୍ରେକ୍ ସୁଦ୍ଧା ଘରୋଇ ଦଳ ୯.୫ ଓଭରରେ ଗୋଟିଏ ୱିକେଟ ହରାଇ ୪୯ ରନ ସଂଗ୍ରହ କରିଛି। ବ୍ରାଣ୍ଡନ କିଙ୍ଗ୍ ୩୩ ଓ କାଭିମ ହଗ୍ କୌଣସି ରନ ନ କରି କ୍ରିଜରେ ଅପରାଜିତ ରହିଛନ୍ତି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ୯୦ ରନରେ ଜିତି ୱେଷ୍ଟଇଣ୍ଡିଜ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS